# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

◆VOLUME- 43 ◆ISSUE-103 ◆THURSDAY ◆9 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୦୩ ◆ଗୁରୁବାର ◆୯ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




**ରଶ୍ମିକା-ବିଜୟ ନିର୍ବନ୍ଧ ଚର୍ଚ୍ଚା**

▶ପୃଷ୍ଠା 9 ଦେଖନ୍ତୁ...

## ପୁଲିସ ଚାକିରି ବିକ୍ରି
# କାଠଗଡ଼ାରେ ଓପିଆର୍‌ବି
## ଟେଣ୍ଡରର ସର୍ତ୍ତାବଳୀ ଉଲ୍ଲଙ୍ଘନ ସତ୍ତ୍ୱେ କାହିଁକି ଚୁପ୍ ଥିଲେ କର୍ତ୍ତୃପକ୍ଷ ?

### ଅନୁମତି ନ ଥିବା ସତ୍ତ୍ୱେ ପ୍ରଶ୍ନପତ୍ର ପ୍ରସ୍ତୁତ କରିଥିଲେ ସିଲିକନ୍ ଓ ପଞ୍ଚସଫ୍ଟ
### ଓପିଆର୍‌ବି ଓ ଆଇଟିଆଇ ଅଧିକାରୀଙ୍କ ପ୍ରତି କୋହଳ ମନୋଭାବ କାହିଁକି

■ **ଭୁବନେଶ୍ୱର, ୮।୧୦ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣାକୁ ନେଇ ସାରା ରାଜ୍ୟ ଦୁଲୁକୁଛି। ୨୫ରୁ ୩୦ ଲକ୍ଷ ଟଙ୍କାରେ ପୁଲିସ ଚାକିରି ବିକ୍ରି ଷଡ଼ଯନ୍ତ୍ର ଧରାପଡ଼ିବା ପରେ ଯେତିକି ତଥ୍ୟ ଲୋକଲୋଚନକୁ ଆସିଛି, ସେଥିରେ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆର୍‌ବି) ଓ ପରୀକ୍ଷା ପରିଚାଳନା ନିମନ୍ତେ ଦାୟିତ୍ୱ ପାଇଥିବା ଆଇଟିଆଇର ଭୂମିକାକୁ ନେଇ ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ରାଷ୍ଟ୍ରାୟତ୍ତ ସଂସ୍ଥା ଆଇଟିଆଇରୁ ସବ୍‌ଲେଟ୍ ନେଇଥିବା ସିଲିକନ୍ ଟେକ୍‌ଲାବ୍ ଓ ପଞ୍ଚସଫ୍‌ଟ ମୁଖ୍ୟ ଶଙ୍କର ପୃଷ୍ଟିର କାର୍ଯ୍ୟକଳାପ ସମ୍ପର୍କରେ ଓପିଆର୍‌ବି ସବୁ ଜାଣି ବି ନିରବ ଥିବା ସ୍ପଷ୍ଟ ହେବାରେ ଲାଗିଛି। ପରୀକ୍ଷା ପରିଚାଳନା ନିମନ୍ତେ ଆଇଟିଆଇକୁ ଟେଣ୍ଡର ଦେବା ବେଳେ ଓପିଆର୍‌ବି କେବଳ ଅନ୍ୟ କମ୍ପାନୀଠାରୁ ମାନବ ସମ୍ବଳ ସହଯୋଗ ନିମନ୍ତେ ଅନୁମତି ଦେଇଥିଲା। ମାତ୍ର ଆଇଟିଆଇ ପୂରା ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ସିଲିକନ୍ ଟେକ୍‌ଲାବକୁ ହସ୍ତାନ୍ତର କରିବା ବେଳେ କାହିଁକି ଓପିଆର୍‌ବି ନିରବ ରହିଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ସିଲିକନ୍ ଟେକ୍‌ଲାବ୍ ସହ ମିଶି ପଞ୍ଚସଫ୍ଟ କମ୍ପାନୀ ଅନୁମତି ନ ଥିବା ସତ୍ତ୍ୱେ କିପରି ପ୍ରଶ୍ନପତ୍ର ପ୍ରସ୍ତୁତି ସହ ପରିଚାଳନା ଦାୟିତ୍ୱ ପାଇଲେ, ତାହାକୁ ଦେଖିଲେ ମୂଳରୁ ହିଁ ଚାକିରି ବିକ୍ରି ପାଇଁ ଷଡ଼ଯନ୍ତ୍ର ହୋଇଥିବା ଜଳଜଳ ଦିଶୁଛି। ▶ପୃଷ୍ଠା-୭

## ଗିରଫ ୧୧୯ ଜଣଙ୍କ ଜାମିନ ଖାରଜ

■ **ବ୍ରହ୍ମପୁର,୮।୧୦ (ସମିସ):** ବହୁଚର୍ଚ୍ଚିତ ପୁଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବନ୍ଦୀ ଥିବା ୧୧୪ଜଣ ପରୀକ୍ଷାର୍ଥୀ ଓ ୫ଜଣ ଦଲାଲଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି।

**୬ ବସ୍ କର୍ମଚାରୀଙ୍କ ବୟାନ ରେକର୍ଡ**

ଗିରଫ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ପାଇଁ ସେମାନଙ୍କ ଅଧିବକ୍ତାମାନେ ପୂର୍ବରୁ ବ୍ରହ୍ମପୁର ଜେଏମ୍‌ଏଫସି (ଗ୍ରାମୀଣ)ଙ୍କ ଅଦାଲତରେ ଆବେଦନ କରିଥିଲେ। ବୁଧବାର ଉକ୍ତ ଆବେଦନଗୁଡ଼ିକର ଶୁଣାଣି ହୋଇଥିଲା। ସରକାରୀ ଓକିଲ ଜାମିନ ଆବେଦନର ତୀବ୍ର ବିରୋଧ କରିଥିଲେ। ସେହିକ୍ରମରେ ବିଚାରପତି ସମସ୍ତ ୧୧୯ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିବା ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ୧୧୪ ଚାକିରି ଆଶାୟୀ ଓ ୩ ଜଣ ଦଲାଲଙ୍କୁ ନେଇ ବିଜୟନଗରମ ଅଭିମୁଖେ ଯାଉଥିବା ୩ଟି ବସ୍‌ର ୬ଜଣ କର୍ମଚାରୀଙ୍କ ବୟାନ ରେକର୍ଡ କରାଯାଇଛି। ▶ପୃଷ୍ଠା-୭

## ମିଆଁମାର ସେନାର ବର୍ବରତା
# ବୌଦ୍ଧ ମହୋତ୍ସବରେ ବୋମାମାଡ଼
## ୪୭ ମୃତ, ୮୦ ଆହତ



■ **ନେପିଡୋ, ୮।୧୦ (ସମିସ):** ମିଆଁମାରରେ ବୌଦ୍ଧ ମହୋତ୍ସବ ପାଳନ କରାଯାଉଥିବା ବେଳେ ସେନା ଆକ୍ରମଣ କରିଛି। ଚାଉଙ୍ଗ ୟୁ ସହରରେ 'ଥାଡିଙ୍ଗ୍‌ଟ୍ ପୂର୍ଣ୍ଣିମା' ପାଳନ କରିବାକୁ ଲୋକେ ଏକାଠି ହୋଇଥିବା ବେଳେ ସେନା ବୋମାମାଡ଼ କରିଛି। ଏଥିରେ ୪୭ଜଣ ଲୋକ ପ୍ରାଣ ହରାଇଛନ୍ତି ଏବଂ ୮୦ରୁ ଅଧିକ ଆହତ ହୋଇଛନ୍ତି। ଏହି ଉତ୍ସବ ପାଳନ ବେଳେ ସମବେତ ଲୋକେ ସାମରିକ ଶାସନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସମୟରେ ସେନା ପକ୍ଷରୁ ୭ଟି ବୋମାମାଡ଼ କରାଯାଇଥିବା ଜଣାପଡ଼ିଛି।

ଏକ ମୋଟରଚାଳିତ ପାରା ଗ୍ଲାଇଡର ଘଟଣାସ୍ଥଳରେ ଉଡିଥିଲା ଓ ଏଥିରୁ ବୋମାମାଡ଼ କରାଯାଇଥିଲା। ଏଭଳି ଆକ୍ରମଣ ହେବ ବୋଲି ଲୋକଙ୍କୁ ଆଗୁଆ ସୂଚନା ମଧ୍ୟ ଦିଆଯାଇଥିଲା। ସୂଚନା ପାଇ ଏକ ତୃତୀୟାଂଶ ଲୋକ ସେଠାରୁ ପଳାଇଥିଲେ। ବୋମାମାଡ଼ ପରେ ସଂପୃକ୍ତ ଅଞ୍ଚଳରେ ଖଣ୍ଡବିଖଣ୍ଡିତ ମରଶରୀର ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଥିବା ବେଳେ ସେଗୁଡିକୁ ଚିହ୍ନଟ କରିବା କଷ୍ଟକର ହୋଇ ପଡ଼ିଛି। ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ଉଲ୍ଲେଖଥାଉ କି ୨୦୨୧ରେ ସେନା ଶାସନଭାର ହାତକୁ ନେବା ପରେ ମିଆଁମାରରେ ଗୃହଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଛି। ଗଣତନ୍ତ୍ରର ସମର୍ଥକମାନେ ଅନ୍ୟ ଉଗ୍ରବାଦୀ ସଂଗଠନ ସହ ମିଶି ସାମରିକ ଶାସନ ବିରୋଧରେ ଲଢ଼େଇ ଜାରି ରଖିଛନ୍ତି। ତେବେ ମିଆଁମାରରେ ଆଗାମୀ ଡିସେମ୍ବର ୨୮ ରେ ସାଧାରଣ ନିର୍ବାଚନ ହେବ ବୋଲି କୁହାଯାଇଛି। କିନ୍ତୁ ଏଥିରେ ବ୍ୟାପକ ଜାଲିଆତି ହେବ ବୋଲି ଆଶଙ୍କା ପ୍ରକଟ କରି ବିଦ୍ରୋହୀ ଓ ଗଣତନ୍ତ୍ରର ସମର୍ଥକମାନେ ଏହି ନିର୍ବାଚନକୁ ବର୍ଜନ କରିବାକୁ ଘୋଷଣା କରିଛନ୍ତି।

# ସରକାରଙ୍କୁ ଆଇନଶୃଙ୍ଖଳା ଚିନ୍ତା
### ଅସାମାଜିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



■ **ଭୁବନେଶ୍ୱର, ୮।୧୦ (ସମିସ):** ଗତ କିଛିଦିନ ମଧ୍ୟରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଭୟଙ୍କର ସମୟ ଦେଇ ଗତି କରୁଛି। ଅରାଜକତା ସୀମା ଅତିକ୍ରମ କରିଛି। କଟକ ଚୌଦ୍ୱାର ଜେଲ୍‌ରୁ ଦୁଇଜଣ କୁଖ୍ୟାତ ହତ୍ୟାକାରୀ ଫେରାର ହୋଇ ଯାଇଛନ୍ତି। ଭଦ୍ରକ ଅଞ୍ଚଳରେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଉଠାଇ ନିଆଯାଇ ଦୁଷ୍କର୍ମ କରାଯାଇଛି। କଟକରେ ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ ହୋଇଛି। ସହରରେ କର୍ଫ୍ୟୁ ଜାରି କରାଯାଇଛି। ବ୍ରହ୍ମପୁରରେ ଖୋଦ ଶାସକ ଦଳର ଜଣେ ନେତା ତଥା ଆଇନଜୀବୀଙ୍କୁ ଗୁଳି ମାରି ହତ୍ୟା କରାଯାଇଛି। ଏହି ସମୟରେ ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣା ରାଜ୍ୟ ସରକାରଙ୍କ ଛବିକୁ ମଳିନ କରିଛି। ଏହାର ଅନୁଧ୍ୟାନ ନିମନ୍ତେ ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡାକିଛନ୍ତି ଗୁରୁତ୍ୱପୂର୍ଣ୍ଣ ବୈଠକ। ଆଇନଶୃଙ୍ଖଳା ଖରାପ କରୁଥିବା ଅସାମାଜିକ ତତ୍ତ୍ୱଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଦୃଢ଼ ହସ୍ତରେ ଦମନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

ନିକଟରେ ରାଜ୍ୟରେ ଘଟିଯାଇଥିବା ବିଭିନ୍ନ ଅପରାଧ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପୁଲିସ ଡିଜିଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି। ସେ କହିଛନ୍ତି ଯେ କଟକରେ ପରିସ୍ଥିତି ସ୍ୱାଭାବିକ ହେଲେ ମଧ୍ୟ ପୁଲିସକୁ ସତର୍କ ରହିବାକୁ ପଡିବ ଏବଂ କୌଣସି ପରିସ୍ଥିତିରେ କୋହଳ ମନୋଭାବ ପୋଷଣ କରିବା ଉଚିତ୍ ନୁହେଁ। ବର୍ତ୍ତମାନ ପରିସ୍ଥିତିରେ ସମସ୍ତ ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ଫୋର୍ସ ମୁତୟନ ସହିତ ପାଟ୍ରୋଲିଂ ଜାରି ରଖାଯାଉ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଭାଇଚାରାର ସହରରେ ଯେପରି ସାମାଜିକ ସଦ୍‌ଭାବ ଫେରି ଆସିବ, ସେଥିପାଇଁ ବିଭିନ୍ନ ଗୋଷ୍ଠୀର ନେତୃବୃନ୍ଦଙ୍କ ସହିତ ପୁଲିସ ଉଚ୍ଚ ପଦାଧିକାରୀମାନେ ଆଲୋଚନା ଜାରି ରଖିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ▶ପୃଷ୍ଠା-୭

## ନୂଆପଡ଼ା ଲଢ଼େଇ
# ନବୀନ ଗଢ଼ିଲେ କମିଟି

**ଷ୍ଟିଅରିଂ କମିଟିରେ ଦଳର ୬ ବରିଷ୍ଠ ନେତା**

**ଜୋନାଲ କମିଟିରେ ୧୦, ଆକ୍ସନ କମିଟିରେ ୩**

■ **ଭୁବନେଶ୍ୱର, ୮।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପ୍ରରିପେକ୍ଷୀରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ବରିଷ୍ଠ ନେତାଙ୍କୁ ନେଇ ୩ଟି କମିଟି ଗଠନ କରିଛନ୍ତି। ଷ୍ଟିୟରିଂ କମିଟି, ଜୋନାଲ କମିଟି ଏବଂ ଲୋକାଲ ଆକ୍ସନ କମିଟିରେ ସ୍ଥାନୀତ ସଦସ୍ୟମାନେ ନିର୍ବାଚନ ପରିଚାଳନା କରିବେ ବୋଲି ବିଜେଡି ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି।

ଉପନିର୍ବାଚନର ପରିଚାଳନା ଦାୟିତ୍ୱ ଷ୍ଟିୟରିଂ କମିଟି ଉପରେ ନ୍ୟସ୍ତ ହୋଇଛି। ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ ପୂଜାରୀ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ନିରଞ୍ଜନ ବିଶି ଓ ମହମ୍ମଦ ଆୟୁବ ଖାନ୍ ପ୍ରମୁଖ ଏହି କମିଟିରେ ରହିଛନ୍ତି। ସେହିପରି ଜିଲ୍ଲା ପରିଷଦ ଜୋନ୍ ଏବଂ ପୌରାଞ୍ଚଳ ଜୋନକୁ ନେଇ ଗଠିତ ଜୋନାଲ କମିଟିରେ ମୋଟ ୧୦ ଜଣ ସ୍ଥାନ ପାଇଛନ୍ତି। ନୂଆପଡା ଏନଏସି ପାଇଁ କଳିକେଶ ନାରାୟଣ ସିଂହଦେଓ ଓ ଶାରଦା ନାୟକଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଖରିଆର ରୋଡ୍ ଏନଏସି ପାଇଁ ରୋହିତ ପୂଜାରୀ ଓ ବିକ୍ରମ ପଣ୍ଡାଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି ସୁଦାମ ମାର୍ଣ୍ଣି, ଦେବେଶ ଆଚାର୍ଯ୍ୟ, ସରୋଜ ମେହେର, ମନୋହର ରନ୍ଧାରୀ, ପ୍ରଦୀପ ମାଝୀ, ଯୋଗେଶ ସିଂଙ୍କୁ ଜିଲ୍ଲା ପରିଷଦ ଜୋନ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି। ଲୋକାଲ ଆକ୍ସନ କମିଟିରେ ବିଧାୟକ ଅଧିରାଜ ପାଣିଗ୍ରାହୀ, ଅବନୀ ଯୋଶୀ ଓ ମନୋଜ ମିଶ୍ର ରହିଛନ୍ତି। ଏହି ୩ କମିଟି ତତ୍ତ୍ୱାବଧାନରେ ବିଜେଡି ନିଜର ଉପ ନିର୍ବାଚନ ରଣନୀତି ପରିଚାଳନା କରିବ ବୋଲି ଜଣାପଡ଼ିଛି।

## ଟ୍ରମ୍ପଙ୍କ ଏଚ୍ ୧-ବି ଭିସା ବୋମା
# କମୁଛି ଏନ୍‌ଆର୍‌ଆଇ ବରଙ୍କ କ୍ରେଜ୍

**ସଫ୍ଟୱେର ବୃତ୍ତିଧାରୀଙ୍କୁ ବାହା ହେବାକୁ ଅରାଜି ଭାରତୀୟ ଝିଅ**

■ **ନୂଆଦିଲ୍ଲୀ, ୮।୧୦ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏଚ୍‌୧-ବି ଭିସା କଟକଣାର ପ୍ରଭାବ ଏବେ ଚାରିଆଡେ ଜୋରଦାର ଅନୁଭୂତ ହେବାରେ ଲାଗିଛି। ବିଶେଷକରି ଭାରତ ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଭାରତରେ ବିବାହ ବଜାର ଏହାଦ୍ୱାରା ପ୍ରଭାବିତ ହୋଇଛି। ଟ୍ରମ୍ପ୍ ଏହି ଭିସା ନିମନ୍ତେ ଆବେଦନକାରୀଙ୍କ ପାଇଁ ୧୦୦,୦୦୦ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା) ଫି' ବୃଦ୍ଧି କରିବା ପରେ ଆମେରିକାରେ କାମ କରୁଥିବା ପ୍ରବାସୀ ଭାରତୀୟ ବା ଏନ୍‌ଆର୍‌ଆଇ ବରଙ୍କ ଚାହିଦା ହ୍ରାସ ପାଇଥିବା 'ଭାଓଜ୍ ଫର୍ ଇଟରନିଟି ରିପୋର୍ଟ'ରେ କୁହାଯାଇଛି। ସୂଚନା ଅନୁସାରେ ଭାରତର ଯେଉଁ ପରିବାରଗୁଡ଼ିକ ଏ ପର୍ଯ୍ୟନ୍ତ ସେମାନଙ୍କ ପିଲାମାନଙ୍କ ପାଇଁ ଅନ୍ତର୍ଜାତୀୟ ଜୀବନସାଥୀ ଖୋଜିବାରେ ବ୍ୟସ୍ତ ଥିଲେ, ସେମାନେ ଏବେ ଟ୍ରମ୍ପଙ୍କ ଏପରି ନୀତିରେ ବିବ୍ରତ ▶ପୃଷ୍ଠା-୭







## ରଶ୍ମିକା-ବିଜୟଙ୍କ ନିର୍ବନ୍ଧ ଚର୍ଚ୍ଚା

ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଯୋଡ଼ି ଭାବେ ଜଣାଯାନ୍ତି ରଶ୍ମିକା ମନ୍ଦାନା ଓ ବିଜୟ ଦେବରକୋଣ୍ଡା । ଦୀର୍ଘଦିନ ପ୍ରେମ ସମ୍ପର୍କରେ ରହିବା ପରେ ଏହି ଯୋଡ଼ିଙ୍କର ନିକଟରେ ନିର୍ବନ୍ଧ ପର୍ବ ଅନୁଷ୍ଠିତ ହୋଇଥିବା ଚର୍ଚ୍ଚା ହେଉଛି । ଖୁବ୍ ଶୀଘ୍ର ସେମାନେ ନିର୍ବନ୍ଧ କଥା ଘୋଷଣା କରିପାରନ୍ତି ବୋଲି କୁହାଯାଉଛି । କେବଳ ସେତିକି ନୁହେଁ ରଶ୍ମିକା ଓ ବିଜୟ ଆସନ୍ତା ଫେବୃଆରୀ ମାସରେ ବିବାହ ବନ୍ଧନରେ ବାନ୍ଧି ହୋଇ ପାରନ୍ତି ବୋଲି ମଧ୍ୟ କୁହାଯାଉଛି । ତେବେ ଏହି ନିର୍ବନ୍ଧ ସମୟରେ କେବଳ ଉଭୟଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିବା କଥା କୁହାଯାଉଛି । ଯଦିଓ ଅନେକ ଦିନରୁ ଉଭୟଙ୍କ ଡେଟିଂ କଥା ସାମ୍ନାକୁ ଆସିଛି କିନ୍ତୁ ଏନେଇ ଦୁହେଁ ଏଯାବତ୍ ବିଧିବଦ୍ଧ ଭାବେ କିଛି କହିନାହାନ୍ତି । ସାଧାରଣତଃ ସେଲିବ୍ରିଟିଙ୍କ ନିର୍ବନ୍ଧ ବେଳର ଫଟୋ ଓ ଭିଡିଓଗୁଡ଼ିକ ଭାଇରାଲ ହେଉଥିବାବେଳେ ରଶ୍ମିକା-ବିଜୟଙ୍କ ନିର୍ବନ୍ଧକୁ ଏଯାବତ୍ ଗୁପ୍ତ ରଖାଯାଇଛି । ତେବେ ଏହି ଖବର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଦର୍ଶକେ ଏବେ ସେମାନଙ୍କର ନିର୍ବନ୍ଧ ସମୟର ଫଟୋ ଓ ଭିଡିଓକୁ ଅପେକ୍ଷା କରିଛନ୍ତି । 'ଗୀତା ଗୋବିନ୍ଦମ୍' ଫିଲ୍ମରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିବା ଚର୍ଚ୍ଚା ହୁଏ ।



## ବିଶ୍ୱ ଡାକ ଦିବସ



ଆଜି ବିଶ୍ୱ ଡାକ ଦିବସ । ଅକ୍ଟୋବର ୯ କୁ ସମଗ୍ର ବିଶ୍ୱରେ ଡାକ ଦିବସ ଭାବରେ ପାଳନ କରାଯାଉଛି । ଏହି ଦିନଟି ପାଳନ କରିବାର ଉଦ୍ଦେଶ୍ୟ ହେଉଛି, ଡାକ ସେବା ଏବଂ ଡାକ ବିଭାଗ ବିଷୟରେ ଲୋକଙ୍କୁ ଅବଗତ କରାଇବା । ୧୮୭୪ ମସିହା ଆଜିର ଦିନରେ ୨୨ଟି ଦେଶ ସ୍ୱିଜରଲ୍ୟାଣ୍ଡର ରାଜଧାନୀ ବର୍ନରେ ୟୁନିଭର୍ସାଲ ପୋଷ୍ଟାଲ ୟୁନିଅନ ଗଠନ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ । ଏହାପରେ ଜାପାନର ଟୋକିଓରେ ୧୯୬୯ ରେ ଅନୁଷ୍ଠିତ 'ୟୁନିଭର୍ସାଲ୍ ପୋଷ୍ଟାଲ୍ ୟୁନିଅନ୍'ର ଅଧିବେଶନରେ, ଅକ୍ଟୋବର ୯ କୁ 'ବିଶ୍ୱ ଡାକ ଦିବସ' ରୂପେ ପାଳିବା ପାଇଁ ଭାରତୀୟ ପ୍ରତିନିଧି ଆନନ୍ଦ ମୋହନ ନରୁଲା ପ୍ରସ୍ତାବ ଦେଇଥିଲେ । ତାଙ୍କ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଅନୁମୋଦନ ଲାଭ କରିଥିଲା ଏବଂ ତାହା ପରଠାରୁ ଏହି ଦିବସ ପାଳିତ ହେଉଛି । ଡାକ ସେବା ହେଉଛି ଯୋଗାଯୋଗର ପୁରାତନ ମାଧ୍ୟମ । ଆଜିର ଏହି ଡିଜିଟାଲ ଯୁଗରେ ଡାକସେବାରୁ ଯଦିଓ ଲୋକେ ଟିକେ ଦୂରେଇ ଯାଇଛନ୍ତି ତଥାପି ଅନେକ କାମ ଏହି ଡାକ ମାଧ୍ୟମରେ କରାଯାଉଛି । ଦୀର୍ଘଦିନରୁ ସବୁଠାରୁ ନିର୍ଭରଯୋଗ୍ୟ ଏବଂ ଶସ୍ତା ମାଧ୍ୟମ ପାଲଟିଛି ଡାକସେବା । ଆଜିବି ପ୍ରାଇଭେଟ୍ କୋରିଅର କମ୍ପାନିଗୁଡ଼ିକ ଯେଉଁ ସ୍ଥାନକୁ ପହଞ୍ଚି ପାରୁନାହାନ୍ତି ଡାକ ବିଭାଗ ସେଠାରେ ପହଞ୍ଚିଛି । ଯୋଗାଯୋଗର ଏହି ପୁରୁଣା ଉତ୍ସକୁ ମନେ ରଖିବା ପାଇଁ ଏହି ଦିବସ ପାଳନ କରାଯାଉଛି । ୧୮୭୬ ଜୁଲାଇ ୧ରେ ଭାରତ ପ୍ରଥମ ଏସୀୟ ଦେଶ ଯିଏକି, ୟୁନିଭର୍ସାଲ ପୋଷ୍ଟାଲ ୟୁନିଅନର ସଦସ୍ୟ ହୋଇଥିଲା । ୧୮୫୪ ଅକ୍ଟୋବର ୧ରେ ଭାରତ ସରକାର ଡାକ ପାଇଁ ଏକ ବିଭାଗ ପ୍ରତିଷ୍ଠା କରିଥିଲେ । ବିଶ୍ୱର ସର୍ବାଧିକ ଡାକଘର ଆମ ଦେଶରେ ଅଛି । କୋଲକାତାରେ ଭାରତର ପ୍ରଥମ ଡାକଘର ସ୍ଥାପିତ ହୋଇଥିଲା । ବିଶ୍ୱର ସର୍ବାଧିକ ଉଚ୍ଚତାରେ ଥିବା ଡାକଘର ହେଉଛି ହିମାଚଳ ପ୍ରଦେଶ ଅନ୍ତର୍ଗତ ହିକିମ ଡାକଘର । ସ୍ମାର୍ଟ ଫୋନ୍, ଇଣ୍ଟରରନେଟ ଯୁଗରେ ଯୁବ ପିଢ଼ି ଡାକ ସେବାକୁ ଭୁଲି ଯାଇଛନ୍ତି । ହେଲେ ଆଜି ବି ଯେଉଁଠି ଇଣ୍ଟରନେଟ୍ କିମ୍ବା ଫୋନ୍‌ର ମେସେଜ ପହଞ୍ଚି ପାରେନି ସେଠାରେ ପହଞ୍ଚିଯାଉଛି ଡାକ ସେବା । ଗ୍ରାମାଞ୍ଚଳରେ ସବୁଠି ବ୍ୟାଙ୍କ ନାହିଁ କିନ୍ତୁ ପୋଷ୍ଟ ଅଫିସ ଥିବା ନିଶ୍ଚିତ । ଏହାଛଡ଼ା ଲୋକଙ୍କ ଆବଶ୍ୟକତାକୁ ଆଖିରେ ରଖି ଏବେ ପୋଷ୍ଟ ଅଫିସରେ ବ୍ୟାଙ୍କ ଭଳି ସୁବିଧା ଯୋଗାଇ ଦିଆଯାଉଛି । ସେହିପରି ବିଭିନ୍ନ ସ୍କିମ୍‌ରେ ଟଙ୍କା ରଖି ଭଲ ରିଟର୍ଣ୍ଣ ପାଉଛନ୍ତି ଲୋକେ । ଦେଶର ସାମାଜିକ ଓ ଆର୍ଥିକ ବିକାଶରେ ଡାକ ବିଭାଗର ଯୋଗଦାନ ବିଷୟରେ ଲୋକଙ୍କୁ ଅବଗତ କରାଇବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଡାକ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ଏଥିରେ ସମ୍ପୃକ୍ତ ସମସ୍ତଙ୍କୁ ସମ୍ମାନ ଓ କୃତଜ୍ଞତା ଜଣାଇବାର ବିଶ୍ୱ ଡାକ ଦିବସ ଏକ ଉତ୍ତମ ମଞ୍ଚ । ଏହି ଦିନ ସମଗ୍ର ବିଶ୍ୱରେ ଡାକ ସାମଗ୍ରୀ ଓ ଡାକ ସେବାର ପ୍ରୋତ୍ସାହନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ ।

## ଆଜିର ଇତିହାସ

- ୧୯୨୦ - ଆଲିଗଡ଼ର ଆଙ୍ଗ୍ଲୋ ଓରିଏଣ୍ଟାଲ କଲେଜ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହେଲା ।
- ୧୯୫୪- ଆଫ୍ରିକୀୟ ଦେଶ ଆଲ୍‌ଜେରିଆରେ ଭୂମିକମ୍ପରେ ୧୪୦୦ ଲୋକଙ୍କ ମୃତ୍ୟୁ ।
- ୧୯୯୧- ଜାପାନ ବାହାରେ ପ୍ରଥମ ଥର ଲଣ୍ଡନର ରୟାଲ ଆଲବର୍ଟ ହଲ୍‌ରେ ସୁମୋ ରେସଲିଂ ପ୍ରତିଯୋଗିତା ଆୟୋଜନ କରାଗଲା ।
- ୨୦୦୫- ୟୁରୋପୀୟ ଉପଗ୍ରହ 'କ୍ରାୟୋସେଟ୍' ପ୍ରକ୍ଷେପଣ ବିଫଳ ହେଲା ।
- ୨୦୦୬- ଗୁଗଲ୍ ୟୁଟ୍ୟୁବ୍ ଅଧିଗ୍ରହଣ କଥା ଘୋଷଣା କଲା ।


## ଶୋଇ ଶୋଇ ଲକ୍ଷପତି



ଡିଜିଟାଲ ଯୁଗରେ ଲୋକେ ଅର୍ଥ ଉପାର୍ଜନ ପାଇଁ ଅଜବ ଉପାୟ ସବୁ ଆପଣାଉଛନ୍ତି । ସୋସିଆଲ ମିଡିଆରେ ଭଳିକି ଭଳି କଣ୍ଟେଟ ପ୍ରସ୍ତୁତ କରି ଏଥିରୁ ବେଶ୍ ମୋଟା ଅଙ୍କର ଅର୍ଥ ରୋଜଗାର କରିପାରୁଛନ୍ତି । ଏହି କ୍ରମରେ ଜଣେ ମହିଳା ଶୋଇ ଶୋଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରନ୍ତି । ଡେବୋରା ପିକ୍ସୋଟୋ ନାମ୍ନୀ ଏହି ୩୨ ବର୍ଷିୟା ମହିଳା ବ୍ରାଜିଲରେ ରୁହନ୍ତି । ତେବେ ଲୋକେ ମହିଳାଙ୍କୁ ଶୋଇଥିବା ଅବସ୍ଥାରେ ଦେଖିବା ପାଇଁ ଟଙ୍କା ଦେଇଥାନ୍ତି । ଡେବୋରା ଜଣେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର । ତେବେ ତାଙ୍କୁ ଲୋକେ ଲାଇଭ୍ ଷ୍ଟ୍ରିମିଂରେ ଶୋଉଥିବାର ଦେଖନ୍ତି । ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଡେବୋରାଙ୍କୁ ଶୋଇବାବେଳେ ଦେଖିବା ପାଇଁ ଲୋକେ ଟଙ୍କା ମଧ୍ୟ ଦେଇଥାନ୍ତି । ତେବେ ସେ ଏହି ଲାଇଭ୍ ଷ୍ଟ୍ରିମିଂର ନାମ 'ନାଇଟ୍ ଟାଇମ୍ ରିୟାଲିଟି ଶୋ' ରଖିଛନ୍ତି । ଏଥିରେ ପ୍ରତିଦିନ ତାଙ୍କୁ ୪୦ ଜଣ ଲୋକ ଶୋଇବାର ଦେଖନ୍ତି । ସେହିପରି ତାଙ୍କୁ ଲାଇଭ୍ ଷ୍ଟ୍ରିମିଂରେ ଗୋଟିଏ ରାତି ଦେଖିବା ପାଇଁ ଡେବୋରା ଭାରତୀୟ ମୁଦ୍ରାରେ ୯,୫୦୦ ଟଙ୍କା ଚାର୍ଜ କରିଥାନ୍ତି । ଏହିପରି ଭାବେ ସେ ଶୋଇ ଶୋଇ ମାସିକ ଲକ୍ଷାଧିକ ଟଙ୍କା ରୋଜଗାର କରିଥାନ୍ତି । ଅବଶ୍ୟ ଆରମ୍ଭରୁ ଡେବୋରାଙ୍କୁ ଏପରି ଲାଇଭ୍ ଷ୍ଟ୍ରିମିଂ କରିବାକୁ ଟିକେ ଅଜବ ଲାଗୁଥିଲା । ସେହିପରି ତାଙ୍କୁ ଅଧିକାଂଶ ପୁରୁଷ ଲାଇଭ୍ ଷ୍ଟ୍ରିମିଂରେ ଦେଖିବାକୁ ପସନ୍ଦ କରନ୍ତି । ତେବେ ଏଥିପାଇଁ ଡେବୋରା ବେଶୀ କିଛି କରନ୍ତିନି ସେ ନିଜ କୋଠରୀକୁ ସୁନ୍ଦର ଭାବେ ସଜାଇଛନ୍ତି । କୋଠରୀରେ ଲାଇଟ୍ ଓ କ୍ୟାମେରା ବ୍ୟବସ୍ଥା ସେ କରିଛନ୍ତି । ସେହିପରି ଏହି ଲାଇଭ ଷ୍ଟ୍ରିମିଂରେ କୌଣସି ପ୍ରକାର କଟ୍ ନ ଥାଏ । ଏହି ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ଲୋକେ ଡେବୋରାଙ୍କୁ ସତରେ ଦେଖିବା ପରି ଅନୁଭୂତି ନେଇଥାନ୍ତି । କୋଠରୀକୁ ଏପରି ଡିଜାଇନ୍ କରାଯାଇଛି ଯାହାକୁ ଦେଖି ଲୋକେ ଭାବିବେ ସେ ଡେବୋରାଙ୍କୁ ସତସତିକା ଘରେ ବସି ପାଖରୁ ଦେଖୁଛନ୍ତି । ତେବେ ୪୦ରୁ ଅଧିକ ଲୋକ ତାଙ୍କର ସବ୍‌ସ୍କ୍ରିପସନ୍ ନେଇଛନ୍ତି । ନିକଟରେ ସେ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭିଡିଓ ସେୟାର କରିଥିଲେ । ଯେଉଁଥିରେ ସେ ଏକ ଧଳା ରଙ୍ଗର ବେଡ୍‌ସିଟ୍ ଘୋଡ଼ାଇ ହୋଇ ଶୋଇଥିବାର ଦେଖିବାକୁ ମିଳିଥିଲେ ।

## ଆଜି ଆସିଥିଲେ...


## ଉତ୍କଳମଣି ଗୋପବନ୍ଧୁ



"ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।" ଗୋପବନ୍ଧୁ ଦାସଙ୍କ ଏହି ଦୁଇ ଧାଡ଼ି କବିତାରୁ ବାରି ହୁଏ ତାଙ୍କ ତ୍ୟାଗ ଓ ବଳିଦାନର ଗାଥା । ସେ ନିଃସ୍ୱାର୍ଥ ସେବାର ମୂର୍ତ୍ତିମନ୍ତ ବିଗ୍ରହ ଥିଲେ । ଆଜୀବନ ତ୍ୟାଗମନ୍ତ୍ରରେ ଦୀକ୍ଷିତ ଗୋପବନ୍ଧୁ ଦୀନ ଦରିଦ୍ରଙ୍କର ବନ୍ଧୁ ଭାବରେ ବେଶ୍ ଜଣାଶୁଣା ଥିଲେ । ଏକାଧାରରେ ସେ ଥିଲେ ସମାଜସେବୀ, ଦେଶପ୍ରେମୀ, ରାଷ୍ଟ୍ରନୀତିଜ୍ଞ, ସଂସ୍କାରକ, ସାମ୍ବାଦିକ, ସୁଲେଖକ, କବି, ଶିକ୍ଷାବିତ୍ ଏବଂ ଆଇନଜ୍ଞ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଅନା କୁଞ୍ଜରେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରତିଷ୍ଠା କରିଥିଲେ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା ।

ପଣ୍ଡିତ ଗୋପବନ୍ଧୁ ଦାସ ୧୮୭୭ ମସିହା ଆଜିର ଦିନରେ ଦୈତାରି ଦାସ ଓ ସ୍ୱର୍ଣ୍ଣମୟୀ ଦେବୀଙ୍କ ସନ୍ତାନ ଭାବେ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କୁ ଖୁବ୍ ଅଳ୍ପ ବୟସ ହୋଇଥିବାବେଳେ ତାଙ୍କ ମାତାଙ୍କର ମୃତ୍ୟୁ ହୋଇଯାଇଥିଲା । ଗୋପବନ୍ଧୁ ଦାସ ମାତ୍ର ୧୨ ବର୍ଷ ବୟସରେ ଅପତୀ ଦେବୀଙ୍କୁ ବିବାହ କରିଥିଲେ । ବିବାହ ପରେ ମଧ୍ୟ ସେ ପାଠପଢ଼ା ଜାରି ରଖିଥିଲେ । ପୁରୀରୁ ମାଟ୍ରିକ୍ ପାସ୍ କରି, ସେ କଟକର ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ କଲେ । କଟକରେ ଅଧ୍ୟୟନ ସମୟରେ ଓଡ଼ିଆ ଭାଷାର ବିଲୋପ ଚକ୍ରାନ୍ତ ବିରୋଧରେ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଗୋପବନ୍ଧୁ, 'କର୍ତ୍ତବ୍ୟ ବୋଧିନୀ ସମିତି' ଗଠନ କରି ଓଡ଼ିଆ ଭାଷା ବିଲୋପର ତୀବ୍ର ପ୍ରତିବାଦ କଲେ । ୧୯୦୩ରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ଆହୂତ ଉତ୍କଳ ସମ୍ମିଳନୀରେ ଗୋପବନ୍ଧୁ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହି ସମୟରେ, ତାଙ୍କର ପ୍ରଥମ ପୁତ୍ର ସନ୍ତାନଟିର ଅକାଳ ମୃତ୍ୟୁ ଘଟିଥିଲା । ଏହିପରି ନାନାଦି ବାଧାବିଘ୍ନ ସତ୍ତ୍ୱେ ସେ ୧୯୦୪ ମସିହାରେ ରେଭେନ୍ସା ମହାବିଦ୍ୟାଳୟରୁ ବିଏ ପାସ୍ କଲେ ଓ କଲିକତାରେ ବିଏଲ୍ ପଢ଼ିଲେ । ସେଠାରେ ପ୍ରବାସୀ ଓଡ଼ିଆଙ୍କ ଦୁଃଖଦୁର୍ଦ୍ଦଶାରେ ବ୍ୟଥିତ ହୋଇ, ସେ 'ଓଡ଼ିଆ ଶ୍ରମିକ ସଂଘ' ଓ 'ସାନ୍ଧ୍ୟ ବିଦ୍ୟାଳୟ' ପ୍ରତିଷ୍ଠା କରିଥିଲେ । ଇତିମଧ୍ୟରେ ତାଙ୍କର ଦ୍ୱିତୀୟ ପୁତ୍ରଟିର ମଧ୍ୟ ମୃତ୍ୟୁ ଘଟିଥିଲା । ଏପରିକି, ଯେଉଁଦିନ ସେ ବିଏଲ୍ ପାସ୍ କରିଛନ୍ତି ବୋଲି ଖବର ପାଇଥିଲେ, ସେହିଦିନ ତାଙ୍କୁ ନିଜ ପତ୍ନୀଙ୍କର ମୃତ୍ୟୁ ସମ୍ବାଦ ମଧ୍ୟ ମିଳିଥିଲା । ଏତେ ସବୁ ଦୁଃଖ କିନ୍ତୁ ତାଙ୍କୁ ନିଜ କର୍ମରୁ ବିଚ୍ୟୁତ କରିପାରିନଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଯୋଗଦାନ ଅତୁଳନୀୟ ରହିଥିଲା । ୧୯୧୮ ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ଘଟିଥିବା ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡ଼ା, ଚାଉଳ ଧରି ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିବା ସହ ମାନବ ସେବାରେ ଲାଗି ପଡ଼ିଥିଲେ । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରରୋଚନାରେ ଗୋପବନ୍ଧୁ ୧୯୧୭ରୁ ୧୯୨୧ ପର୍ଯ୍ୟନ୍ତ ବିହାର-ଓଡ଼ିଶା ବିଧାନସଭାର ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ । ୧୯୨୧ ମସିହାରେ ଗୋପବନ୍ଧୁ ଦାସ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ । ଗୋପବନ୍ଧୁଙ୍କ ପ୍ରଚେଷ୍ଟାରେ ଓଡ଼ିଶାରେ ଜନ୍ମ ନେଇଥିଲା ଦୈନିକ ଖବରକାଗଜ 'ସମାଜ' । 'ଅବକାଶ ଚିନ୍ତା', 'ଧର୍ମପଦ', 'କାରା କବିତା' ଓ 'ବନ୍ଦୀର ଆତ୍ମକଥା' ପ୍ରମୁଖ ଥିଲା ତାଙ୍କର ସ୍ମରଣୀୟ କାବ୍ୟକୃତି । ୧୯୨୮ ଜୁନ୍ ୧୭ରେ ପଣ୍ଡିତ ଗୋପବନ୍ଧୁ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ ।

## ମେକ୍‌ଅପ୍ ନ କରିବା ପାଇଁ ଟାଟୁ



ସୁନ୍ଦର ଓ ଆକର୍ଷଣୀୟ ଦେଖାଯିବା ପାଇଁ ମହିଳାମାନେ ମେକ୍‌ଅପ୍ ନେବାକୁ ପସନ୍ଦ କରନ୍ତି । ଯଦି ମେକ୍‌ଅପ୍ ମାପଚୁପରେ କରା ନ ଯାଏ ତାହେଲେ ଏଥିପାଇଁ ଜଣେ ସମାଲୋଚନାର ମଧ୍ୟ ଶିକାର ହୋଇଥାନ୍ତି । ବିଶେଷକରି ମହିଳାମାନେ ପାର୍ଟି, ଫଙ୍କସନ୍‌ଗୁଡ଼ିକୁ ଯିବା ସମୟରେ ମେକ୍‌ଅପ୍ ନେବାକୁ ପସନ୍ଦ କରନ୍ତି । ହେଲେ ଏବେ ଜଣେ ମହିଳା ବାରମ୍ବାର ମେକ୍‌ଅପ୍ ନ କରିବା ପାଇଁ ଏକ ନିଆରା ଉପାୟକୁ ଆପଣାଇଛନ୍ତି । ସାଧାରଣତଃ ଯୁବଗୋଷ୍ଠୀଙ୍କ ମଧ୍ୟରେ ଟାଟୁ କରିବା କ୍ରେଜ୍ ବଢ଼ିଥିବାବେଳେ ମହିଳା ଜଣକ ନିଜ ମୁହଁରେ ସବୁଦିନ ପାଇଁ ସ୍ଥାୟୀ ମେକଅପ୍ ତଥା ପରମାନେଣ୍ଟ ମେକ୍‌ଅପ୍ ଟାଟୁ କରିଛନ୍ତି । ମହିଳାଙ୍କ ଏଭଳି ଚିନ୍ତାଧାରାକୁ ନେଇ ଏବେ ସବୁଠି ଚର୍ଚ୍ଚା । ମହିଳାଙ୍କ ଟାଟୁ କରିବାର ଭିଡିଓ ଇନ୍‌ଷ୍ଟାଗ୍ରାମରେ ଏଶ୍‌ରୟାଲ-ସାଲୋନ-ହୋସିଆରପୁର ନାମକ ଆକାଉଣ୍ଟରେ ସେୟାର କରାଯାଇଥିଲା । ଏଥିରେ ଜଣେ ଟାଟୁ ଆର୍ଟିଷ୍ଟ ଗୋଲାପି ରଙ୍ଗର ସ୍ୟାହିରେ ମହିଳାଙ୍କ ମୁହଁରେ ଟାଟୁ କରିଥିଲେ । କିଛି କ୍ଷଣ ମଧ୍ୟରେ ମହିଳାଙ୍କ ଗାଲରେ ଫାଉଣ୍ଡସେନ୍ ଓ ବ୍ଲସର୍ ଲଗାଇବା ପରି ଚିକ୍କଣ ଓ ଆକର୍ଷଣୀୟ ଦିଶିଥିଲା । ଏହି ଭିଡିଓରେ କେହି କେହି ମହିଳାଙ୍କ ସୃଜନଶୀଳତାକୁ ପସନ୍ଦ କରିଥିବାବେଳେ ଆଉ କେତେଜଣ ସେ ଜୋକର୍ ଭଳି ଦେଖାଯାଉଛନ୍ତି ବୋଲି କହିଛନ୍ତି ।

## ଟ୍ରେନ୍‌ରେ ଶୋଇବା ମନା



ଟ୍ରେନ୍ ଯାତ୍ରାକୁ ସୁବିଧା ଓ ସହଜଜନକ ଯାତ୍ରା କୁହାଯାଏ । ଏହି କାରଣରୁ ଆମ ଦେଶରେ ନିୟମିତ ଲକ୍ଷଲକ୍ଷ ଲୋକ ଟ୍ରେନ୍‌ରେ ଯାତ୍ରା କରିଥାନ୍ତି । ଜାପାନ ତା'ର ଟ୍ରେନ୍‌ଗୁଡ଼ିକର ସମୟାନୁବର୍ତ୍ତିତା ପାଇଁ ସାରା ବିଶ୍ୱରେ ଚର୍ଚ୍ଚିତ । ଏଠାରେ ଯେ, କେବଳ ଟ୍ରେନ୍‌ଗୁଡ଼ିକ ସଠିକ୍ ସମୟରେ ଆସେ ତାହା ନୁହେଁ, ଏଠାକାର ଯାତ୍ରୀମାନେ ମଧ୍ୟ ଅନୁଶାସନରେ ରହିବାକୁ ଓ ନିୟମ ପାଳନ କରିବା ପାଇଁ ଜଣାଯାନ୍ତି । ଏହି ଦେଶରେ ବ୍ୟସ୍ତ ଟ୍ରେନ୍ ମଧ୍ୟରେ ନିଜ ସିଟ୍‌ରେ ଶୋଇବା, ଅନ୍ୟକୁ ବସିବା ପାଇଁ ସୁଯୋଗ ନ ଦେବା ନିମନ୍ତେ ଫାଇନ୍ ଦେବାକୁ ହୋଇଥାଏ । ଜାପାନର ମେଟ୍ରୋ ଓ ବୁଲେଟ୍ ଟ୍ରେନ୍‌ଗୁଡ଼ିକ ସକାଳେ ଏବଂ ସଂଧ୍ୟାବେଳେ ବେଶ୍ ଭିଡ଼ ହୁଏ । ଏହି ସମୟରେ ଯାତ୍ରୀମାନଙ୍କୁ ସିଟ୍ ସେୟାର୍ କରିବାକୁ ପଡ଼େ । କେବଳ ସେତିକି ନୁହେଁ ଏଠାକାର ଯାତ୍ରୀମାନେ ଯଥାଶୀଘ୍ର ସ୍ଥାନ ଖାଲିକରି ଅନ୍ୟ ଯାତ୍ରୀଙ୍କୁ ବସିବା ପାଇଁ ସୁଯୋଗ ଦେଇଥାନ୍ତି । ଜଣେ ଯାତ୍ରୀ ସିଟ୍‌ରେ ଯଦି ଶୋଇଯାନ୍ତି କିମ୍ବା ଅନ୍ୟ ଯାତ୍ରୀଙ୍କୁ ସିଟ୍‌ରେ ବସିବା ପାଇଁ ସୁଯୋଗ ନ ଦିଅନ୍ତି ଏହା ଏକ ଅପରାଧ ଭାବେ ଜଣାଯାଏ । ତେବେ ପ୍ରଥମ ଥର ଏଭଳି ଭୁଲ୍ କଲେ ଜଣକୁ ଚେତାବନୀ ଦିଆଯାଇ ଛାଡ଼ି ଦିଆଯାଏ । ଲଗାତାର ଜଣେ ଯାତ୍ରୀ ଏଭଳି କରୁଥିବାର ଧରାପଡ଼ିଲେ ମୋଟା ଅଙ୍କର ଜରିମାନା ସହ ଷ୍ଟେସନ୍‌ରୁ ବାହାର କରି ଦିଆଯାଏ । ଯାତ୍ରୀମାନଙ୍କ ମଧ୍ୟରେ ସହଯୋଗ ରକ୍ଷା କରିବା ଓ ସର୍ବସାଧାରଣ ପରିବହନର ସମ୍ମାନାର୍ଥେ ଜାପାନରେ ଏଭଳି ନିୟମ କରାଯାଇଛି । ଯଦି ଜଣେ ଟ୍ରେନ୍‌ରେ ଶୋଇବ ଅନ୍ୟ ଯାତ୍ରୀମାନଙ୍କୁ ଠିଆ ହେବାକୁ ପଡ଼ିବ । ସେଥିପାଇଁ ଏଠାରେ ସକାଳେ ଓ ସଂଧ୍ୟାବେଳେ ଯାତ୍ରୀମାନେ ସିଟ୍ ସେୟାର୍ କରିଥାନ୍ତି । ଯଦ୍ୱାରା ସମସ୍ତେ ବେଶ୍ ଆରାମରେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରିବେ । ଅବଶ୍ୟ ଜାପାନକୁ ଆସୁଥିବା ବିଦେଶୀ ପର୍ଯ୍ୟଟକମାନେ ଏହାକୁ ବୁଝି ନ ପାରି ଭୁଲ୍ କରି ବସନ୍ତି ।

## ଆଜିର ରାଶିଫଳ

**ମେଷ:** ନିଜ ରୁଚି ଅନୁସାରେ କାମ କରିବେ । ବନ୍ଧୁ ମିଳନ ଯୋଗ ରହିଛି । ଛାତ୍ରଛାତ୍ରୀମାନେ ସଫଳତା ପାଇବାକୁ କଠିନ ପରିଶ୍ରମ କରିବେ । ପରିବାରର ବରିଷ୍ଠ ସଦସ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି ।

**ବୃଷ:** ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ । ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କ ସମ୍ପର୍କରେ ଆସିପାରନ୍ତି । ଅଚାନକ କୌଣସି ପ୍ରକାର ସମସ୍ୟାରେ ପଡ଼ିପାରନ୍ତି । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ ।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ । ମାନସିକ ଶାନ୍ତି ମିଳିବ । ଦୂରସମ୍ପର୍କୀୟଙ୍କ ସହ ଭେଟ ହୋଇପାରେ । ଅଫିସ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ପରିଶ୍ରମ ଅନୁସାରେ ଫଳ ମିଳିବ ।

**କର୍କଟ:** ଆଜି ପ୍ରଭାବଶାଳୀ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି । ଯୁବପିଢ଼ି ନିଜର ଭବିଷ୍ୟତକୁ ନେଇ ଗମ୍ଭୀର ରହିପାରନ୍ତି । ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ । କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ ।

**ସିଂହ:** ଦିନଟି ହସଖୁସିରେ କଟିବ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ । ପ୍ରେମ ମାମଲାରେ ଦିନଟି ଭଲ । ବନ୍ଧୁଙ୍କ କଥା ଆଘାତ ଦେବ । ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ ।

**କନ୍ୟା:** କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ । ନିଜର କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଖର୍ଚ୍ଚାନ୍ତ ହୋଇପାରନ୍ତି । ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ ।

**ତୁଳା:** ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ଆଗେ ପ୍ରକାଶ କରନ୍ତୁନି । ପାରିବାରିକ ମାହୋଲ ଶାନ୍ତିପୂର୍ଣ୍ଣ ରହିବ । ଶାରୀରିକ ଏବଂ ମାନସିକ ଥକ୍କାପଣ ଅନୁଭବ କରିପାରନ୍ତି ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ । ସନ୍ତାନଙ୍କ ସହ ବୁଲିବାକୁ ଯିବେ । ସ୍ୱାଦିଷ୍ଟ ଖାଦ୍ୟ ଖାଇବେ । ବନ୍ଧୁମିଳନ ଯୋଗ ଅଛି । ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ । ଚିନ୍ତାଗ୍ରସ୍ତ ରହିବେ । ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ । ବିରୋଧୀଙ୍କଠାରୁ ଦୂରେଇ ରହିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ । ସମୟର ସଠିକ ଉପଯୋଗ କରିବେ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ । ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ ।

**କୁମ୍ଭ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରନ୍ତୁ । ଅଫିସ୍‌ରେ କାର୍ଯ୍ୟଭାର କମ୍ ହୋଇପାରେ । ବୈବାହିକ ଜୀବନ ମଜଭୁତ୍ ହେବ ।

**ମୀନ:** ବନ୍ଧୁ ମିଳନ ଯୋଗ ଅଛି । ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ ମତ ଭେଦ ହୋଇପାରେ । ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ । ଅଧିକ ଖର୍ଚ୍ଚାନ୍ତ ହେବେ ।

**ଅକ୍ଟୋବରରେ ବର୍ଷା ବିପ୍ଳବ**

## ସପ୍ତାହକରେ ଢାଳିଲାଣି ୮୦.୪ ମିମି

ଭୁବନେଶ୍ୱର,୮।୧୦(ସମିସ): ଓଡ଼ିଶା ଉପରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ବୁଧବାର ଅପରାହ୍ଣରେ ବିଶେଷ କରି ରାଜଧାନୀ ଭୁବନେଶ୍ୱରରେ ପ୍ରବଳ ବର୍ଷା ଅନୁଭୂତ ହୋଇଛି। ଘଣ୍ଟାଏ ପର୍ଯ୍ୟନ୍ତ ଜନଜୀବନ ବର୍ଷାଯୋଗୁଁ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ବିଜୁଳି ଘଡ଼ଘଡ଼ି ସହ ବର୍ଷା ଯୋଗୁଁ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗିଛନ୍ତି।

ଭୁବନେଶ୍ୱର ବ୍ୟତୀତ ରାଜ୍ୟର ଅନ୍ୟ କେତେକ ସ୍ଥାନରେ ମଧ୍ୟ ବର୍ଷା ସାଙ୍ଗକୁ ୩୦-୪୦ କିଲୋମିଟର ବେଗରେ ପବନ ବହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଗୁରୁବାର ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି।



ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବାର ଆଶଙ୍କା କରାଯାଉଛି। ୧୦ ତାରିଖ ମଧ୍ୟ ସମାନ ପାଗ ରହିବ ଏବଂ ମୟୂରଭଞ୍ଜ, କେନ୍ଦୁଝର ସମେତ ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ବର୍ଷା ସମ୍ଭାବନା ରହିଛି। ଅନ୍ୟପଟେ ୧୦ ତାରିଖରେ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ଆଶଙ୍କା ରହିଥିବାରୁ ଏହା ପରେ ପୁଣି ବର୍ଷାର ପ୍ରଭାବ ବଢ଼ିବା ଆଶଙ୍କା କରାଯାଉଛି।

ଗତ ୩୬ ଘଣ୍ଟାରେ ଅନେକ ସ୍ଥାନରେ ହାଲୁକରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ ଗୋଟିଏ ଦୁଇଟି ସ୍ଥାନରେ ଅତିପ୍ରବଳ ଓ ୬ ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ ହୋଇ ଯାଇଛି। ରାଜ୍ୟରେ ମୌସୁମୀରେ ଭଲ ବର୍ଷା ହୋଇଥିବା ବେଳେ ମୌସୁମୀ ପରବର୍ତ୍ତୀ ସମୟ ଅର୍ଥାତ ଅକ୍ଟୋବର ମାସରେ ମଧ୍ୟ ଭଲ ବର୍ଷା ରେକର୍ଡ ହୋଇଛି। ଅକ୍ଟୋବର ମାସରେ ୧୧୨ ମିମି ସ୍ୱାଭାବିକ ବର୍ଷା ତୁଳନାରେ ବର୍ତ୍ତମାନ ସୁଦ୍ଧା ୮୦.୪ ମିମି ବର୍ଷା ହୋଇସାରିଛି। ଗତ ମୌସୁମୀରେ ଅର୍ଥାତ ଜୁନ ୧ ତାରିଖରୁ ସେପ୍ଟେମ୍ବର ୩୦ ମଧ୍ୟରେ ୧୧୫୦.୭ ମିମି ବର୍ଷା ରେକର୍ଡ ହୋଇଛି। ମୌସୁମୀରେ ୪ ମାସରେ ଓଡିଶା ପାଇଁ ସାଧାରଣ ବର୍ଷାର ଅନୁପାତ ୧୧୫୦.୨ ମିମି ଥିବା ବେଳେ ଏଥର ମୌସୁମୀରେ ଠିକ ବର୍ଷା ରେକର୍ଡ ହୋଇଛି।

## ଚିରଞ୍ଜୀବ ବିଶ୍ୱାଳ ବିଜେଡି ଉପସଭାପତି ନିଯୁକ୍ତ

- ପୁଷ୍ପେନ୍ଦ୍ର, ଗଣେଶ୍ୱର ବରିଷ୍ଠ ସାଧାରଣ ସମ୍ପାଦକ
- ୫ ସାଧାରଣ ସମ୍ପାଦକଙ୍କ ମଧ୍ୟରେ ୨ଜଣ ମହିଳା

ଭୁବନେଶ୍ୱର,୮।୧୦(ସମିସ): ବିଜୁ ଜନତା ଦଳର ରାଜ୍ୟ ପଦାଧିକାରୀ ଭାବେ ଆଉ ୧୧ ଜଣ ନେତାଙ୍କୁ ନିଯୁକ୍ତି ମିଳିଛି। ସେମାନଙ୍କ ମଧ୍ୟରେ ଜଣେ ଉପ ସଭାପତି ଥିବାବେଳେ ୨ ଜଣ ବରିଷ୍ଠ ସାଧାରଣ ସମ୍ପାଦକ, ୫ ଜଣ ସାଧାରଣ ସମ୍ପାଦକ ଓ ୩ ଜଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି।

ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳଙ୍କୁ ଉପ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ପୁଷ୍ପେନ୍ଦ୍ର ସିଂହଦେଓ ଓ ଗଣେଶ୍ୱର ବେହେରାଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ସେହିପରି ସାଧାରଣ ସମ୍ପାଦକ ଭାବେ ଲମ୍ବୋଦର ନିଆଲ, ଅଳକା ମହାନ୍ତି, ଇରାନୀ ରାୟ, ସୁଧୀର ଦାସ ଓ ମନୋଜ ମିଶ୍ର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ରାଜେଶ ନିଗମ, ସନ୍ତୋଷ ପଟ୍ଟନାୟକ ଓ ରାଜୁ ଘିବେଲାଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି।

**ବିଜେପି ନେତା ତଥା ଆଇନଜୀବୀ ପୀତବାସ ହତ୍ୟା ଘଟଣା**

# ଓକିଲଙ୍କ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ




ବ୍ରହ୍ମପୁର/କଟକ,୮।୧୦(ସମିସ): ବ୍ରହ୍ମପୁର ସହରର ବିଚ୍ ରାସ୍ତାରେ ଜଣେ ଆଇନଜୀବୀଙ୍କୁ ଗୁଳିକରି ହତ୍ୟା ଭଳି ସମ୍ବେଦନଶୀଳ ଘଟଣା ନେଇ ଏବେ ପଲ୍ଲୀରୁ ଦିଲ୍ଲୀ ସବୁଠି ଚର୍ଚ୍ଚା। ଶାସକ ବିଜେପି ଦଳର ଜଣେ ଆଗଧାଡିର ନେତା ତଥା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ପୀତବାସ ପଣ୍ଡାଙ୍କ ହତ୍ୟାକୁ ୪୮ ଘଣ୍ଟା ବିତିଛି। ଶେଷ ହୋଇଯାଇଛି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଓକିଲ ସଂଘ ପକ୍ଷରୁ ଦିଆଯାଇଥିବା ମହଲତ। ବୁଧବାର ରାଜ୍ୟବ୍ୟାପୀ ଓକିଲମାନେ କଲମ ଛାଡ଼ ବା ୨୪ ଘଣ୍ଟିଆ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ରାଜରାସ୍ତାକୁ ଓହ୍ଲାଇ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ବର୍ଷିଥିଲେ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା, ମୃତ ଆଇନଜୀବୀ ପୀତବାସ ପଣ୍ଡାଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ ଓ ରାଜ୍ୟରେ ତୁରନ୍ତ ଓକିଲଙ୍କ ପାଇଁ କଡ଼ା ସୁରକ୍ଷା ଆଇନ ଲାଗୁ ପାଇଁ ଆଇନଜୀବୀଙ୍କ ପକ୍ଷରୁ ଦୃଢ ଦାବି କରାଯାଇଛି।

**ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ପ୍ରତିବାଦ**

ଓଡ଼ିଶା ହାଇକୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତରେ ମାମଲାଗୁଡିକର ଶୁଣାଣି ହୋଇପାରି ନାହିଁ। ଏଥିପାଇଁ ପ୍ରାୟତଃ ସମସ୍ତ ମାମଲାର ଶୁଣାଣିକୁ ହାଇକୋର୍ଟଙ୍କ ବିଭିନ୍ନ ଖଣ୍ଡପୀଠ ଘୁଞ୍ଚାଇଥିବା ଜଣାପଡିଛି। ଓଡିଶା ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ଅଭିଜିତ ପଟ୍ଟନାୟକ ଓ ଉପସଭାପତି ସିଦ୍ଧାର୍ଥ ଦାସଙ୍କ ନେତୃତ୍ୱରେ ଏହି ହତ୍ୟା ଘଟଣା ପ୍ରତିବାଦରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିଭଳି ରାଜ୍ୟ ବାର କାଉନସିଲ କାର୍ଯ୍ୟାଳୟରେ କାଉନସିଲର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ନେତୃତ୍ୱରେ ସଦସ୍ୟ ଅକ୍ଷୟ ପତି, ମାନସ ଚାନ୍ଦ, ଅରୂପାନନ୍ଦ ଦାସ, ସୌରଚନ୍ଦ୍ର ମହାପାତ୍ର, ବିଭୂପ୍ରସାଦ ତ୍ରିପାଠୀ, ଭକ୍ତଭୂଷଣ ବାରିକ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିଲେ। ହତ୍ୟା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା, ମୃତକ ଆଇନଜୀବୀଙ୍କ ପରିବାରକୁ ୧କୋଟି ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବା, ଏହାର ବିଚାର ବିଭାଗୀୟ ତଦନ୍ତ ସହ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଆଇନଜୀବୀ ସଂଘଗୁଡିକ ପକ୍ଷରୁ ଦାବି କରାଯାଇଛି। କଟକରେ କ୍ରିମିନାଲ କୋର୍ଟସ ବାର ଆସୋସିଏସନ, ସିଭିଲ କୋର୍ଟ ବାର ଆସୋସିଏସନ ସମେତ ସମସ୍ତ ଓକିଲ ସଂଘ କର୍ମକର୍ତ୍ତା ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ଦୁର୍ବୃତ୍ତଙ୍କ ବାଇକ ନମ୍ବର ନକଲି, ୯ ଏମ୍ଏମ୍ ଗୁଳି ନୁହେଁ; ବାଲିଷ୍ଟିକ ରିପୋର୍ଟକୁ ଅପେକ୍ଷା:ଏସ୍‌ପି

ବ୍ରହ୍ମପୁର,୮।୧୦(ସମିସ):ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାର ୪୮ ଘଣ୍ଟା ପରେ ମଧ୍ୟ ଅନ୍ଧାରରେ ବାଡ଼ି ବୁଲାଉଥିବା ପୁଲିସ ହତ୍ୟାର ଖିଅ ପାଉନାହିଁ। ଘଟଣା ଦିନ ଛୁଟିରେ ଥିବା ବ୍ରହ୍ମପୁର ଏସ୍‌ପି ଡାକ୍ତର ସର୍ବଣା ବିବେକ ଏମ୍ କାର୍ଯ୍ୟରେ ଯୋଗ ଦେଇ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। ବଛା ବଛା ତଥା ଅଭିଜ୍ଞ ଅଧିକାରୀଙ୍କୁ ନେଇ ୬ଟି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରି ତଦନ୍ତ ଚଳାଇଛନ୍ତି। ସହରରେ ବିଭିନ୍ନ ସ୍ଥାନରେ ଲାଗିଥିବା ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସ୍ଥାନରୁ ସିସିଟିଭି ଫୁଟେଜ୍‌କୁ ସଂଗ୍ରହ କରି ତଦନ୍ତ କରାଯାଇଛି। ମିଳିଥିବା ଫୁଟେଜରୁ ଆତତାୟୀମାନେ ବ୍ୟବହାର କରିଥିବା ବାଇକ୍ ନମ୍ବର ଫେକ ବୋଲି ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଥିବା ଏସ୍‌ପି କହିଛନ୍ତି। ସେପଟେ ମୃତ ଆଇନଜୀବୀ ପୀତବାସଙ୍କ ଶରୀରରୁ ବ୍ୟବଚ୍ଛେଦ ବେଳେ ବାହାରିଥିବା ଗୁଳି '୯-ଏମ୍ଏମ୍' ନୁହେଁ ବରଂ ଏହାର ପ୍ରକାର ଓ କେଉଁଭଳି ପିସ୍ତଲ ବା ମାଉଜରରୁ ବ୍ୟବହାର କରାଯାଇଛି ସେନେଇ ବାଲିଷ୍ଟିକ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ଏସ୍‌ପି କହିଛନ୍ତି।

- ବଛାବଛା ଅଧିକାରୀଙ୍କୁ ନେଇ ଗଠିତ ହୋଇଛି ୬ ସ୍ୱତନ୍ତ୍ର ଟିମ୍, ୫୦ରୁ ଊର୍ଦ୍ଧ୍ୱ ସିସିଟିଭିର ହେଲାଣି ଯାଞ୍ଚ
- ବାଲି ମାଫିଆ ଅଥବା ସୁଧ କାରବାର ଜନିତ ଦିଗକୁ ମଧ୍ୟ କରାଯାଇଛି ତଦନ୍ତ ପରିସରଭୁକ୍ତ

କୁମାର ପୂର୍ଣ୍ଣିମା ପାଇଁ ଛୁଟି ଥିବାବେଳେ ବୁଧବାର କୋର୍ଟ ଖୋଲିବା ପରେ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ପରିସରରେ ଶୋକସଭାର ଆୟୋଜନ କରାଯାଇଥିଲା। ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ସମେତ ଗତ ମଙ୍ଗଳବାର ହାଇଦ୍ରାବାଦ୍‌ଠାରେ ଏକ ଘରୋଇ ହସ୍ପିଟାଲରେ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ କିଶୋର ମିଶ୍ରଙ୍କ ଦେହାନ୍ତକୁ ନେଇ ଯୁଗ୍ମ ଶୋକସଭାର ଆୟୋଜନ କରାଯାଇଥିଲା। ପୀତବାସ ପଣ୍ଡାଙ୍କୁ ହତ୍ୟା ନେଇ ନିନ୍ଦା ପ୍ରସ୍ତାବ ଆଗତ ହୋଇ ଗୃହୀତ କରାଯାଇଥିଲା। ପରେ ସଂଘର ଶତାଧିକ ସଦସ୍ୟ ଶୋଭାଯାତ୍ରାରେ କୋର୍ଟ ପରିସରରୁ ବାହାରି ସହର ପରିକ୍ରମା କରିବା ସହିତ ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଦକ୍ଷିଣାଞ୍ଚଳ ପୁଲିସ ଆଇଜି ନୀତି ଶେଖରଙ୍କୁ ଭେଟି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ସହରର ଆଇନଶୃଙ୍ଖଳା ସ୍ଥିତିରେ ସୁଧାର ଆଣିବାକୁ ଦାବି କରିଥିଲେ। ଘଟଣାର ତଦନ୍ତକୁ ତ୍ୱରାନ୍ୱିତ କରାଯାଇଛି ଏବଂ ଖୁବ୍‌ଶୀଘ୍ର ଏହାର ପର୍ଦ୍ଦାଫାସ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ ଆଇଜି। ପୀତବାସ ପଣ୍ଡାଙ୍କୁ ହତ୍ୟା ପଛର କାରଣକୁ ନେଇ ବିଭିନ୍ନ ଆଲୋଚନା ହେଉଛି। ବୃତ୍ତିଗତ କାରଣକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପଟେ ଜଣେ କମ୍ୟୁନିଷ୍ଟ ଚିନ୍ତାଧାରାର ବ୍ୟକ୍ତି ପରେ କଂଗ୍ରେସ ଓ ତା'ପରେ ବିଜେପିରେ ସାମିଲ ହେବା ଏବଂ ଖଣିମନ୍ତ୍ରୀ ବିଭୂତି ଜେନାଙ୍କ ନିକଟତର ହୋଇ ଖୁବ୍ କମ୍ ଦିନରେ ରାଜନୀତିରେ ଚର୍ଚ୍ଚାରେ ରହିବା ମଧ୍ୟ ଅନ୍ୟ ଏକ କାରଣ ବୋଲି ଆଲୋଚନା ହେଉଛି। ବୃତ୍ତିଗତ ଓ ରାଜନୈତିକ କାରଣକୁ ବାଦ୍ ଦେଲେ ବ୍ୟକ୍ତିଗତ ଓ ପୂର୍ବଶତ୍ରୁତା ଭଳି ଦିଗକୁ ମଧ୍ୟ ସନ୍ଦେହ ପରିସରରୁ ବାଦ୍ ଦିଆଯାଇନପାରେ। ବିଭିନ୍ନ ସମୟରେ ଯଦିଓ ପୀତବାସ ପଣ୍ଡା ସୂଚନା ଅଧିକାର ଆଇନ ବଳରେ ତଥ୍ୟ ସଂଗ୍ରହ କରି ଅନ୍ୟମାନଙ୍କ ପାଇଁ ଅଡୁଆ ସୃଷ୍ଟି କରୁଥିଲେ ଏଥିପାଇଁ ମଧ୍ୟ ତାଙ୍କର ଅନେକେ ଶତ୍ରୁ ଥିଲେ। ଏସବୁ ଦିଗକୁ ଛାଡ଼ି ଗଞ୍ଜାମ ଜିଲ୍ଲାରେ ଚାଲିଥିବା ବାଲି, ପଥର ଓ ମୋରମ ଭଳି ଲଘୁ ଖଣିଜ ସମ୍ପଦର ଅସାଧୁ କାରବାରରେ ହସ୍ତକ୍ଷେପ କରି କାଳେ ପୀତବାସ ବଳିପଡ଼ିଲେ କି ବୋଲି ମଧ୍ୟ ଅନେକଙ୍କ ମନରେ ପ୍ରଶ୍ନ ଉଠିଛି। ସେହିଭଳି କଳନ୍ତର ବା ସୁଧ କାରବାରକୁ ନେଇ ମଧ୍ୟ ଟଙ୍କା ହାତେଇବାକୁ ଅଥବା ଫେରସ୍ତ ନକରିବାକୁ ନେଇ କାଳେ ପୀତବାସ ଗୁଳିର ଶୀକାର ହେଲେ କି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ତେବେ ପୁଲିସ ହାତରେ ଅଭିଯୁକ୍ତ ଧରାପଡ଼ିବା ପରେ ହିଁ ଘଟଣା ପଛର ପ୍ରକୃତ ରହସ୍ୟ ଉନ୍ମୋଚିତ ହୋଇପାରିବ।

**ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘର ଅଭିଯୋଗ**

## ସରକାରୀ ନୀତିକୁ ଖୋଲା ଉଲ୍ଲଂଘନ କରୁଛନ୍ତି ନିଗମ

ଭୁବନେଶ୍ୱର,୮।୧୦(ସମିସ): ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ(ଓଏଚପିସି) ଓ ଶକ୍ତିକ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ ନିଗମର ପରିଚାଳନା ମଣ୍ଡଳୀ ବା ବୋର୍ଡକୁ ଓଡ଼ିଶା ସରକାର ନିଯୁକ୍ତ କରୁଥିଲେ ମଧ୍ୟ ସେମାନେ ରାଜ୍ୟ ସରକାର ପ୍ରଣିତ କରିଥିବା ମାନବସମ୍ବଳ ନୀତିକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ନିଗମଗୁଡିକ ସ୍ୱଜନପୋଷଣ (ନେପୋଟିଜିମ) ନୀତିରେ ନିଗମଗୁଡିକୁ ପରିଚାଳନା କରୁଛନ୍ତି ବୋଲି ଅଭିଯୋଗ ଆଣିଛି ଓଡ଼ିଶା ରାଜ୍ୟ ବିଦ୍ୟୁତ ନିଗମ ଯନ୍ତ୍ରୀ ସଂଘ। ନିୟମର ଦକ୍ଷତା ଓ ପାରଦର୍ଶିତା ବୃଦ୍ଧିପାଇଁ କୌଣସି ପ୍ରତିବନ୍ଧକ ନାହି। କିନ୍ତୁ ବିଡ଼ମ୍ବନା ହେଉଛି, ସ୍ୱଜନପୋଷଣ ନୀତିରେ ପରିଚାଳିତ ଓଏଚ୍‌ପିସି ତାହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଆସୁଛି। ନିଗମରେ କାର୍ଯ୍ୟ କରୁଥିବା ଦକ୍ଷ, ଯୋଗ୍ୟ ଡିପ୍ଲୋମା ଯନ୍ତ୍ରୀମାନଙ୍କର ପଦୋନ୍ନତିକୁ ଏଜିଏମ୍ (ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର) ପଦରେ ସୀମିତ ରଖିବା ଦ୍ୱାରା ବିଦ୍ୟୁତ୍ କ୍ଷେତ୍ରର ବିକାଶରେ ପ୍ରତିବନ୍ଧକ ହୋଇଛି। ସେହିପରି ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ଓ ସହାୟକ ଯନ୍ତ୍ରୀଙ୍କ କ୍ୟାଡର୍ ନିଯୁକ୍ତି ଅନୁପାତ ୪୦:୬୦ଧାର୍ଯ୍ୟ କରି

- ନିଯୁକ୍ତି କ୍ଷେତ୍ରରେ ଦକ୍ଷ ପ୍ରତିଭାବାନ ପ୍ରାର୍ଥୀ ଅବହେଳିତ
- ଶକ୍ତି ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ି ସ୍ମାରକପତ୍ର ପ୍ରଦାନ

ଖୋଲା ଉଲ୍ଲଂଘନ କାରଣରୁ ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ଯୋଗ୍ୟ ପ୍ରାର୍ଥୀଙ୍କ ଦକ୍ଷତା, ମେଧା ଓ ପ୍ରତିଭା ମୂଲ୍ୟହୀନ ହୋଇପଡିଛି ବୋଲି ସଂଘ କ୍ଷୋଭ ପ୍ରକାଶ କରିଛି। ବୁଧବାର ସଂଘ ପକ୍ଷରୁ ଏନେଇ ଏକ ସ୍ମାରକ ପତ୍ର ଶକ୍ତିମନ୍ତ୍ରୀଙ୍କୁ ଅବଗତ କରିବା ସହିତ ତୁରନ୍ତ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିବେଦନ କରାଯାଇଛି।

ସଂଘର ଅଭିଯୋଗ ଅନୁଯାୟୀ, ଯନ୍ତ୍ରୀମାନଙ୍କର ନିଯୁକ୍ତି ଓ ପଦୋନ୍ନତି ପାଇଁ ଜଳସମ୍ପଦ ବିଭାଗ ପ୍ରଣିତ କରିଥିବା କ୍ୟାଡର ନୀତିରେ କର୍ମଚାରୀ ମାନଙ୍କର ଅଧିନିୟମ ଜାରି କରିଥିବାବେଳେ ନିଗମଗୁଡିକ ତାହାକୁ ପ୍ରତ୍ୟାଖ୍ୟାନ କରି ୩୩:୬୭ ଅନୁପାତ ସ୍ଥିର କରି ନିଗମ ପରିଚାଳନା କରୁଛନ୍ତି। ଶକ୍ତି ସମୀକ୍ଷକ ତଥା ସଂଘର ସଭାପତି ଆନନ୍ଦ ମହାପାତ୍ରଙ୍କ ଅନୁଯାୟୀ, ନିୟମରେ ଉଲ୍ଲଂଘନ କାରଣରୁ ନିଗମଗୁଡିକର କାର୍ଯ୍ୟଦକ୍ଷତା ଓ ପାରଦର୍ଶିତା ପ୍ରଭାବିତ ହୋଇ ନିର୍ଦ୍ଦିଷ୍ଟ ସମୟସୀମାରେ କାର୍ଯ୍ୟ ସମ୍ପାଦନ ହେଉନାହିଁ। ନିଗମଗୁଡିକୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି, ଯାହାର ବୋଝ ବିଦ୍ୟୁତ୍ ଉପଭୋକ୍ତା ବହନ କରୁଛନ୍ତି ବୋଲି ସେ ଯୁକ୍ତି ବାଢ଼ିଛନ୍ତି।

**ନୂଆପଡ଼ା ଉପନିର୍ବାଚନ**

## ଆଜି ବିଜେପିର କୋର୍ କମିଟି ବୈଠକ

ଭୁବନେଶ୍ୱର,୮।୧୦(ସମିସ): ନୂଆପଡ଼ା ଉପ ନିର୍ବାଚନ ପାଇଁ ଆସନ୍ତା ୧୩ ତାରିଖରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବ। ଇତିମଧ୍ୟରେ ବିରୋଧୀ କଂଗ୍ରେସ ନିଜର ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବିଜେପି ଓ ବିଜେଡି ପ୍ରାର୍ଥୀଙ୍କ ଉପରେ ସଭିଙ୍କ ନଜର ରହିଛି। ତେବେ ବିଜେପି ପକ୍ଷରୁ ଖୁବଶୀଘ୍ର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ସୂଚନା ଦେଇଛନ୍ତି।

ଶ୍ରୀ ତୋମାରଙ୍କ ଅନୁଯାୟୀ ବିଜେପି ପକ୍ଷରୁ ଏନେଇ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଆସନ୍ତାକାଲି ରାଜ୍ୟ ବିଜେପି କାର୍ଯ୍ୟାଳୟରେ କୋର କମିଟି ବୈଠକ ଅନୁଷ୍ଠିତ ହେବ। ବୈଠକରେ ନୂଆପଡ଼ା ନିର୍ବାଚନକୁ ନେଇ ଆଲୋଚନା ହେବାକୁ ଥିବାବେଳେ ପ୍ରାର୍ଥୀତ୍ୱ ସଂକ୍ରାନ୍ତରେ ମଧ୍ୟ ମାନସ ମନ୍ଥନ କରାଯିବ। ସେହିପରି ଆସନ୍ତାକାଲି ରାଜ୍ୟ କାର୍ଯ୍ୟାଳୟରେ ଦଳର ଜନଜାତି ବିଧାୟକ ଓ ସାଂସଦଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପିର ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବିଏଲ୍ ସନ୍ତୋଷ , ରାଷ୍ଟ୍ରୀୟ ସଂଗଠକ ଭି. ସତୀଶ ମଧ୍ୟ ଯୋଗ ଦେବେ। ନିଜ ନିଜ ଅଞ୍ଚଳର ୨୦ରୁ ୨୫ ଗାଁକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦିଆଯିବ ବୋଲି ଶ୍ରୀ ତୋମାର ସୂଚନା ଦେଇଛନ୍ତି।

## କଟକ ବାଲିଯାତ୍ରାରେ ସହଭାଗୀ ହେବ ଇଣ୍ଡୋନେସିଆ

**କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜାକୁ ଦିଆଯିବ ଆର୍ଥିକ ସହାୟତା**

ଭୁବନେଶ୍ୱର,୮।୧୦(ସମିସ): ଚଳିତ ବର୍ଷର ବାଲିଯାତ୍ରାକୁ ଭବ୍ୟ ଏବଂ ସ୍ମରଣୀୟ କରିବା ପାଇଁ ବଡ଼ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ନଭେମ୍ବର ୫ ତାରିଖରୁ ଆରମ୍ଭ ହେଉଥିବା କଟକ ବାଲିଯାତ୍ରାରେ ଇଣ୍ଡୋନେସିଆକୁ ସହଭାଗୀ ଦେଶ ହିସାବରେ ଆମନ୍ତ୍ରିତ କରାଯିବ ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ' ଅଧୀନରେ ଦେଶର ଏକ ପ୍ରମୁଖ ରାଜ୍ୟକୁ ମଧ୍ୟ ସହଭାଗୀ ରାଜ୍ୟ ହିସାବରେ ସାମିଲ କରାଯିବ। ଦକ୍ଷିଣ ଏସିଆର କେତେକ ରାଷ୍ଟ୍ରଙ୍କୁ ସେମାନଙ୍କର ସାଂସ୍କୃତିକ ଦଳ ପ୍ରେରଣ ପାଇଁ ମଧ୍ୟ ଅନୁରୋଧ କରାଯିବ। ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସଂକ୍ରାନ୍ତରେ ନିଆଯାଇଛି ନିଷ୍ପତ୍ତି।

ସୂଚନା ଅନୁଯାୟୀ କଟକ ବାଲିଯାତ୍ରାରେ ଓଡ଼ିଆ ସାହିତ୍ୟର ଯୋଗଜନ୍ମା ଲେଖକ ଏବଂ ସେମାନଙ୍କ କୃତିକୁ ନେଇ ଏକ ବିଷୟବସ୍ତୁ ମଣ୍ଡପ(ଥିମ ପାଭିଲିୟନ) ନିର୍ମାଣ କରାଯିବ। ଯାହା ଓଡ଼ିଆ ସାହିତ୍ୟକୁ ଆହୁରି ଆଦୃତ କରିପାରିବ। ସେହିପରି ପୁରୀସ୍ଥିତ ଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ବାସଗୃହ 'ପାଥେର ପୁରୀ'ର ପୁନରୁଦ୍ଧାର କରାଯାଇ ଏହାକୁ ଗୁରୁଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଂଗ୍ରହାଳୟରେ ପରିଣତ କରାଯିବ।

ଚଳିତ ବର୍ଷ ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜାକୁ ରାଜ୍ୟ ସରକାର ସହାୟତା ପ୍ରଦାନ କରିଥିଲେ। ଏହିକ୍ରମରେ କେନ୍ଦ୍ରାପଡ଼ାର ମହାକାଳପଡ଼ା ବିଧାୟକଙ୍କ ସମାନ ଅନୁରୋଧ ପରେ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜାକୁ ସଂସ୍କୃତି ବିଭାଗ ପକ୍ଷରୁ ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯିବ ଓ କେନ୍ଦ୍ରାପଡା ଜିଲ୍ଲାର କାଳିଦାସ ମନ୍ଦିରର ପୁନରୁଦ୍ଧାର ଦାୟିତ୍ୱ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଗ୍ରହଣ କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସଂସ୍କୃତି ବିଭାଗ ଅଧିନସ୍ଥ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ବିଭୂତି କାନୁନଗୋ ଓ ଖଲ୍ଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଖାଲିଥିବା ସମସ୍ତ ପଦବୀ ଅତିଶୀଘ୍ର ପୂରଣ କରାଯିବ। ଅପରପକ୍ଷେ ଭୁବନେଶ୍ୱରରେ ସୈନିକ ସ୍କୁଲ ନିକଟରେ ହେବାକୁଥିବା ଓଡ଼ିଆ ଅସ୍ମିତା ଭବନର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସେତୁ ଓ ନିର୍ମାଣ ନିଗମକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

## ବାଲିଯାତ୍ରା ପଡ଼ିଆ 'ନୋ ଡ୍ରୋନ୍ ଜୋନ୍'

କଟକ: ଆସନ୍ତା ନଭେମ୍ବର ୫ରୁ ୧୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଐତିହାସିକ କଟକ ବାଲିଯାତ୍ରାରେ ଜନସାଧାରଣଙ୍କ ସୁରକ୍ଷା ଏବଂ ମହୋତ୍ସବର ସୁପରିଚାଳନା ସୁନିଶ୍ଚିତ କରିବା ପାଇଁ ପ୍ରଶାସନ ପକ୍ଷରୁ ବଡ଼ ପଦକ୍ଷେପ ଗ୍ରହଣ କରାଯାଉଛି।



ଏହିକ୍ରମରେ ବାଲିଯାତ୍ରା ପଡ଼ିଆକୁ 'ନୋ ଡ୍ରୋନ୍ ଜୋନ୍' ଘୋଷଣା କରିଛନ୍ତି କଟକ ଜିଲ୍ଲାପାଳ। ନଭେମ୍ବର ୧ରୁ ୧୫ ତାରିଖ ମଧ୍ୟରେ ବାଲିଯାତ୍ରା ଗ୍ରାଉଣ୍ଡର ୫ କିମି ପରିଧି ପର୍ଯ୍ୟନ୍ତ ଏହି କଟକଣା ରହିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ସେହିପରି ପାରା ଗ୍ଲାଇଡର୍ସ, ପାରା ମୋଟର୍ସ, ପାୱାର ହ୍ୟାଙ୍ଗ୍ ଗ୍ଲାଇଡର୍ସ ଉଡ଼ାଣ ମନା ହୋଇଛି। ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ହଟ୍ ଏୟାର ବେଲୁନ, ୟୁଏଭି, ଡ୍ରୋନ୍‌କୁ ବି ମନା କରାଯାଇଛି। ବାଲିଯାତ୍ରାକୁ ପ୍ରାୟ ୫୦ ଲକ୍ଷ ଲୋକଙ୍କ ସମାଗମ ହେବା ଆଶଙ୍କା କରାଯାଉଛି।

## ଚାକିରି ବିକ୍ରି: ରାଜ୍ୟବ୍ୟାପୀ ବିଜେଡିର 'ଯୁବ-ଛାତ୍ର ନ୍ୟାୟ ଆନ୍ଦୋଳନ' ଡକରା

ଭୁବନେଶ୍ୱର,୮।୧୦(ସମିସ): ପୁଲିସ ଏସ୍ଆଇ ପରୀକ୍ଷାରେ ଜାଲିଆତି ଘଟଣା ରାଜ୍ୟର ଯୁବ ଓ ଛାତ୍ର ସମାଜକୁ ବ୍ୟଥିତ କରିଛି। ଏହି ମହାଦୁର୍ନୀତିକୁ ପଦାକୁ ଆଣିବା ପାଇଁ ବିଜୁ ଯୁବ ଜନତା ଦଳ ସିବିଆଇ ତଦନ୍ତ ଦାବି କରିଛି। ଏହାସହ ରାଜ୍ୟ ସରକାର ଏଥିରେ ସମ୍ପୃକ୍ତ ବଡ଼ମୁଣ୍ଡମାନଙ୍କୁ ଖସାଇ ଦେବା ପାଇଁ ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ପ୍ରଦାନ କରିଥିବା ଅଭିଯୋଗ କରି ବିଜୁ ଯୁବ ଓ ଛାତ୍ରଜନତା ଦଳ ରାଜ୍ୟବ୍ୟାପୀ 'ନ୍ୟାୟ ଆନ୍ଦୋଳନ' ଡକରା ଦେଇଛି ।



- ଲୋକସେବା ଭବନ ଏବେ ବିଜେପିର ଚାକିରି ବିକ୍ରୟ କେନ୍ଦ୍ର: ବିଜେଡି
- ସିବିଆଇ ତଦନ୍ତ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ହେବ ଆନ୍ଦୋଳନ

ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ଏହି ମହାଦୁର୍ନୀତିର ଚେର ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ପର୍ଯ୍ୟନ୍ତ ଲମ୍ବିଛି। ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କ ସହ ମୁଖ୍ୟ ଅଭିଯୁକ୍ତର ଫଟୋ ଥିବା ଆମେ ଜାରି କରିଥିଲୁ। କ୍ରାଇମବ୍ରାଞ୍ଚ ଏହାର ତଦନ୍ତ କରିବା ପରିବର୍ତ୍ତେ କିପରି ତଥ୍ୟପ୍ରମାଣକୁ ନଷ୍ଟ କରାଯିବ, ସେହି କାମରେ ଲାଗିପଡ଼ିଛି। ରାଜ୍ୟ ସରକାରଙ୍କ ପ୍ରାୟୋଜନରେ ଚାକିରି ନିଲାମ ପାଇଁ ଦୁଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ଓପିଆରବି କେଉଁ ନିୟମରେ ଏହି ସଂସ୍ଥା ଗୁଡିକୁ ପରୀକ୍ଷା କରିବା ପାଇଁ ନିଯୁକ୍ତି ଦେଇଥିଲା ସେ ପ୍ରଶ୍ନର ଉତ୍ତର ସରକାର ରଖୁନାହାନ୍ତି। ବିଜେପି ଏବେ ଲୋକସେବା ଭବନକୁ ଚାକିରି ବିକ୍ରୟ କେନ୍ଦ୍ରରେ ପରିଣତ କରିଛି। ତେଣୁ ଏହି ମହାଦୁର୍ନୀତି ବିରୋଧରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଯୁବ-ଛାତ୍ର ନ୍ୟାୟ ଆନ୍ଦୋଳନ ଆରମ୍ଭ ହେବ ଏବଂ ଏହା ଆମର ଦାବି ପୂରଣ ନହେବା ପର୍ଯ୍ୟନ୍ତ ଜାରି ରହିବ ବୋଲି ଶ୍ରୀ ସାହୁ କହିଥିଲେ।

ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ କହିଥିଲେ ଯେ ନିଯୁକ୍ତି ଆଶାରେ ଥିବା ରାଜ୍ୟର ହଜାର ହଜାର ଯୁବକଯୁବତୀ ଏବେ ହତାଶ ଅନୁଭବ କରୁଛନ୍ତି। ସେମାନଙ୍କ ଭିତରୁ ଅନେକ ଆମ ସହ ଯୋଗାଯୋଗରେ ଅଛନ୍ତି । ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିଜୁ ଯୁବ-ଛାତ୍ର ଜନତା ଦଳ ଏହି ନ୍ୟାୟ ଆନ୍ଦୋଳନ ପାଇଁ ଡକରା ଦେଇଛି। ସରକାରକୁ ଆସିଲେ ଦୁଇ ବର୍ଷରେ ଦେଢ଼ ଲକ୍ଷ ସରକାରୀ ଚାକିରି ଦିଆଯିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଚାକିରି ଦେବା ପରିବର୍ତ୍ତେ ଏବେ ଚାକିରି ବିକ୍ରି କରାଯାଉଛି। ଓଡ଼ିଶାର ଯୁବ ଓ ଛାତ୍ରମାନେ ଏହି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବେ ଓ ସରକାରଙ୍କୁ ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।

**ପୁଲିସ ଏସ୍ଆଇ ଚାକିରି ବିକ୍ରି ଘଟଣା**

## କ୍ରାଇମବ୍ରାଞ୍ଚ ଗିରଫଦାରି ଘଟଣାକୁ ଖଣ୍ଡନ କଲେ ଚନ୍ଦନ

ବାଲେଶ୍ୱର, ୮।୧୦(ସମିସ): ପୁଲିସ ଏସ୍ଆଇ ଚାକିରି ବିକ୍ରି ଘଟଣାରେ କ୍ରାଇମବ୍ରାଞ୍ଚ ସାରା ରାଜ୍ୟରେ ତନାଘନା ଚଳାଇଛି। ଏପଟେ ବାଲେଶ୍ୱରରୁ ଉକ୍ତ ଘଟଣାର ଆଜି ଟୁଇଷ୍ଟ ଦେଖିବାକୁ ମିଳିଛି। ଗତ ୬ ତାରିଖରେ ବାଲେଶ୍ୱରର ଚନ୍ଦନ ମଲ୍ଲିକଙ୍କୁ କ୍ରାଇମବ୍ରାଞ୍ଚର ଗିରଫଦାରି ଘଟଣାକୁ ଆଜି ଖୋଦ ଚନ୍ଦନ ଏକ ସାମ୍ବାଦିକ ସମ୍ମିଳନୀରେ ଖଣ୍ଡନ କରିଛନ୍ତି । ସୋରରୁ କ୍ରାଇମବ୍ରାଞ୍ଚ ଗିରଫ କରି ବ୍ରହ୍ମପୁର ଜେଏମ୍ଏଫସି କୋର୍ଟକୁ ଚାଲାଣ କରିବା ଘଟଣା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସେ ଦର୍ଶାଇଛନ୍ତି।



ଉକ୍ତ ୬ ତାରିଖ ଦିନ ୧୨ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲାର ଗୋପାଳପୁର ଥାନା ସନ୍ନିକଟ ବଜାର ଅଞ୍ଚଳରେ ବିଭିନ୍ନ କାମରେ ଥିଲେ। ତେବେ କ୍ରାଇମବ୍ରାଞ୍ଚ ତାଙ୍କୁ କେତେବେଳେ ତଦନ୍ତ ପରିସରକୁ ନେଲେ ସେ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେହିଦିନ ତାଙ୍କର ମୋବାଇଲ ହଜି ଯାଇଥିବାରୁ ସୁଇଚ ଅଫ ଥିଲା ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। କିନ୍ତୁ ବିଭିନ୍ନ ଗଣମାଧ୍ୟମରେ ତାଙ୍କର ଗିରଫଦାରି ଖବର ପ୍ରକାଶ ପାଇବା ପରେ ସେ ତଥା ତାଙ୍କ ପରିବାର ଚକିତ ହୋଇଯାଇଥିଲେ। ଚନ୍ଦନ ମଲ୍ଲିକ ଜଣେ ସମାଜସେବୀ ଭାବେ ବାଲେଶ୍ୱରରେ ବେଶ ଜଣାଶୁଣା । ସେ ପୁଲିସ ଏସଆଇ ଚାକିରି ବିକ୍ରି ଘଟଣାରେ ଦଲାଲ କାମ ସ୍ୱପ୍ନରେ ବି ଭାବି ନାହାନ୍ତି । ଏଭଳି ତାଙ୍କ ନାଁ କ୍ରାଇମବ୍ରାଞ୍ଚର ଗିରଫଦାରି ତାଲିକାରେ ପ୍ରକାଶ ପାଇବା ସମ୍ପୂର୍ଣ୍ଣ ଭିତ୍ତିହୀନ। ନ୍ୟାୟ ନ ମିଳିଲେ ଜିଲ୍ଲା ଏସପି କାର୍ଯ୍ୟାଳୟ ସମ୍ମୁଖରେ ସପରିବାର ଆତ୍ମାହୁତି ପାଇଁ ସେ ଚେତାବନୀ ଦେଇଛନ୍ତି । ଓଡିଶାରେ ତାଙ୍କୁ ଦଲାଲ ସଜେଇ ଦେଲେ କାହିଁକି ବୋଲି ପ୍ରଶ୍ନ କରିଛନ୍ତି ? ସେ ସମ୍ପୂର୍ଣ୍ଣ ନିର୍ଦୋଷ ବୋଲି ନିଜକୁ ଦର୍ଶାଇଥିବା ବେଳେ ଆଗକୁ ଯଦି ଏନେଇ କୌଣସି ପ୍ରମାଣ ଦେବାକୁ ପଡ଼େ ଯଥେଷ୍ଟ ପ୍ରମାଣ ଯୋଗାଇ ଦେବେ ବୋଲି ଚନ୍ଦନ ଆଜି ଗଣମାଧ୍ୟମକୁ କହିଛନ୍ତି।



# ଭୁବନେଶ୍ୱର ସିଟି

### ଉଗ୍ରରୂପ ନେଲା ଭଡ଼ାଟିଆ ଓ ମାଲିକ ବିବାଦ

# ରାତି ଅଧରେ ପିସିଆର୍ କର୍ମଚାରୀଙ୍କୁ ପିଟିଲେ

ଭୁବନେଶ୍ୱର, ୮।୧୦ (ସମିସ): ଘର ମାଲିକ ଓ ଭଡ଼ାଟିଆ ମଧ୍ୟରେ ଦୀର୍ଘଦିନ ଧରି ଲାଗି ରହିଥିବା ବିବାଦ ଉଗ୍ରରୂପ ନେଇଛି। ଉଭୟପକ୍ଷ ହାତାହାତି ହୋଇଥିବା ବେଳେ ପୁଲିସ ମଧ୍ୟ ଏଥିରୁ ବାଦ୍ ପଡ଼ିନାହାଁନ୍ତି। ବୁଝାସୁଝା କରିବାକୁ ଯାଇଥିବା ପିସିଆର ଭ୍ୟାନ କର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି ଭଡ଼ାଟିଆ। ଏମିତିକି ଘର ମାଲିକ

**■ ଅସଦାଚରଣ ଅଭିଯୋଗ ଆଣିଲେ ଭଡ଼ାଟିଆ**
**■ ୩ ମାମଲା; ୪ ଅଭିଯୁକ୍ତ ଗିରଫ**

ତାଙ୍କୁ ଅସଦାଚରଣ କରିଥିବା ନେଇ ଭଡ଼ାଟିଆ ମହିଳା ଅଭିଯୋଗ କରିଛନ୍ତି। କଳିଙ୍ଗନଗର କେ୪ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ୪ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଘର ମାଲିକ ଅରବିନ୍ଦ ମଲ୍ଲିକ (୬୪), ଭଡ଼ାଟିଆ ପ୍ରିୟରଞ୍ଜନ ପାତ୍ର (୨୫), ତା'ର ସାଙ୍ଗ ଭରତ ଭୂଷଣ ସାହୁ (୨୫) ଓ ସୁମିତ କୁମାର ସାହୁ (୨୨)।

ପୁଲିସ ସୂଚନା ଅନୁସାରେ, ପ୍ରିୟରଞ୍ଜନର ପରିବାର କଳିଙ୍ଗନଗର କେ-୪ ଅଞ୍ଚଳରେ ଥିବା ଅରବିନ୍ଦଙ୍କ ଘରେ ଭଡ଼ା ରହୁଥିଲେ। କିଛିଦିନ ପୂର୍ବେ ପ୍ରିୟ ଓ ତା'ର ଏକାଧିକ ସାଙ୍ଗସାଥୀଙ୍କ ସହ ଘରେ ଭୋଜିଭାତର ଆସର ଜମାଇଥିଲେ। ଅଧିକ ଲୋକଙ୍କ ରହିବା ଓ ଘର



ଭଡା ବାବଦରେ ଟଙ୍କା ନ ଦେବା ଯୋଗୁଁ ଘର ମାଲିକ ଅରବିନ୍ଦ ଓ ତାଙ୍କ ସ୍ତ୍ରୀ ଭାଗ୍ୟବତୀ ଦେଇ ୫ ଦିନ ପୂର୍ବେ ଭଡ଼ାଟିଆ ତଥ ପ୍ରିୟରଞ୍ଜନର ବାପା ବିନୋଦଙ୍କୁ ତାଙ୍କ ଘର ଛାଡିବାକୁ କହିଥିଲେ। ସେବେଠାରୁ ମାଲିକ ଓ ଭଡ଼ାଟିଆ ମଧ୍ୟରେ ବିବାଦ ଲାଗି ରହିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଉପର ମହଲାରେ ରହୁଥିବା ମାଲିକ ତଳକୁ ଆସିବା ବେଳକୁ ମୁଖ୍ୟ ଗେଟ୍ ଖୋଲା ରହିଥିଲା। ଏହାକୁ ନେଇ ସେ ଭଡ଼ାଟିଆଙ୍କୁ ତାଗିଦ୍ କରିବାରୁ ବଚସା ହୋଇଥିଲା। ପ୍ରତିଶୋଧ ନେବା ପାଇଁ ବିନୋଦ ବିହାରୀ ପାତ୍ର, ସ୍ତ୍ରୀ ରଞ୍ଜୁଲତା ପାତ୍ର, ଦୁଇ ଝିଅ, ପୁଅଳ ପ୍ରିୟରଞ୍ଜନ ଓ ତାର ସାଙ୍ଗ ସୁମିତ କୁମାର ସାହୁ, ଭାରତ ଭୂଷଣ ସାହୁ ମିଶି ଘର ମାଲିକ ଅରବିନ୍ଦ ଓ ତାଙ୍କ ସ୍ତ୍ରୀ ଭାଗ୍ୟବତୀ ଦେଇଙ୍କୁ ଆକ୍ରମଣ କରିଥିଲେ। ସପରିବାର ଉତକ୍ଷିପ୍ତ ହୋଇ ଗାଳିଗୁଲଜ କରିବା ସହ ମାରପିଟ୍ କରିଥିଲେ। ମାଲିକଙ୍କ ଠାରୁ ଖବରପାଇ ତମାଣ୍ଡୋ ଥାନା ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲା। ପ୍ରିୟରଞ୍ଜନ ଓ ସାଙ୍ଗମାନେ ମିଶି ପୁଲିସକୁ ଗାଳିଗୁଲଜ କରିଥିଲେ। ପୁଲିସ ପ୍ରତିରୋଧ କରିବାକୁ ଉଦ୍ୟମ କରୁଥିବାବେଳେ ସେମାନେ କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ପିସିଆର ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ତମାଣ୍ଡୋ ଥାନାର ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିବା ପରେ ସ୍ଥିତି ଆୟତ୍ତ କରିଥିଲେ। ତାଙ୍କୁ ଏକାକୀ ପାଇ ଅରବିନ୍ଦ ଅସଦାଚରଣ କରିଥିବା ଭଡ଼ାଟିଆ ତଥା ନାବାଳିକା ଅଭିଯୋଗ କରିଥିବା ବେଳେ ଭଡ଼ାଟିଆ ଓ ସହଯୋଗୀମାନେ ତାଙ୍କୁ ଆକ୍ରମଣ କରିଥିବା ମାଲିକ ଅଭିଯୋଗ କରିଛନ୍ତି। ସେପଟେ ପିସିଆର କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ପୁଲିସ ନିଜ ଆଡୁ ଆଉଏକ ମାମଲା ରୁଜୁ କରିଛି। ସମୁଦାୟ ୩ଟି ମାମଲା ରୁଜୁ ହୋଇଥିବା ବେଳେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କୁଆଡ଼େ ଗଲେ '୪୨୦ ମାଡାମ'




**ଜ୍ୟୋସ୍ନା ଖୁଣ୍ଟିଆଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଫ୍ରିଜ୍**
**ଲୁକ୍ ଆଉଟ୍ ସର୍କୁଲାର ପାଇଁ ପ୍ରକ୍ରିୟା ଆରମ୍ଭ**

ଭୁବନେଶ୍ୱର, ୮।୧୦ (ସମିସ): ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧର ସାହୁ ଆତ୍ମହତ୍ୟା ମାମଲାରେ ୪୨୦ ଜ୍ୟୋସ୍ନା ଖୁଣ୍ଟିଆ ପାଇଁ ଅଡୁଆ ବଢ଼ିଛି। ଅପହରଣ, ନିର୍ଯାତନା, ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ଅଭିଯୋଗରେ ପୂର୍ବରୁ ଦିଲ୍ଲୀପ କୁମାର, ଦୀପକ ସାହୁକାର, ରବୀନ୍ଦ୍ର ବେହେରା ଓ ରମେଶ ବେହେରା ଗିରଫ ହୋଇଥିଲେ ମଧ୍ୟ ଜ୍ୟୋସ୍ନାଙ୍କ ପାଖରେ ପହଞ୍ଚି ପାରିନାହିଁ ପୁଲିସ। ଠକେଇ ଟଙ୍କାରେ ଅଏସ୍ କରୁଥିବା ଜ୍ୟୋସ୍ନାଙ୍କ ସମ୍ପତ୍ତି ତାଲିକା ଏବେ ପୁଲିସ ହାତରେ ଲାଗିଛି। ଭୁବନେଶ୍ୱରରେ ଆପାର୍ଟମେଣ୍ଟ ଓ ସୁନ୍ଦରଗଡ଼ରେ ଆଲିସାନ ବିଲ୍ଡିଂ ଠାବ କରିଛି ପୁଲିସ। ପ୍ରାଥମିକ ପର୍ଯ୍ୟାୟରେ ଜ୍ୟୋସ୍ନାଙ୍କ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ ହୋଇଥିବା ବେଳେ ସେଥିରେ ୪୦ ଲକ୍ଷରୁ ଅଧିକ ଟଙ୍କା ରହିଥିବା ଜଣାପଡ଼ିଛି। ଜ୍ୟୋସ୍ନାଙ୍କ ନାଁରେ ଲୁକ୍ ଆଉଟ ସର୍କୁଲାର ଜାରି କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି କମିସନରେଟ ପୁଲିସ।

ନିଜର ସଉକ ପୂରା କରିବା ପାଇଁ ଚାକିରି ଆଶାୟୀଙ୍କ ଝାଳବୁହା ଧନକୁ ଚଳୁ କରିଦେଉଥିଲେ ଜ୍ୟୋସ୍ନା ଖୁଣ୍ଟିଆ। ବଡଗଡ଼ ଅଞ୍ଚଳରେ ରହି ବରମୁଣ୍ଡା ଅଞ୍ଚଳରେ ଖୋଲିଥିଲେ କନ୍ସଲଟାନ୍ସି ଅଫିସ। କୋଟି କୋଟି ଟଙ୍କା ଠକେଇ ଅଭିଯୋଗରେ ଫେରାର ଥିବା ଜ୍ୟୋସ୍ନା ମ୍ୟାଡାମଙ୍କ ବିରୋଧରେ ଜାରି ହେବ ଲୁକ ଆଉଟ ସର୍କୁଲାର। ରାଜ୍ୟର ୧୦ରୁ ଊର୍ଦ୍ଧ୍ୱ ଜିଲ୍ଲାର ଚାକିରି ଆଶାୟୀଙ୍କ ଠାରୁ ମହିଳା ଜଣଙ୍କ କୋଟି କୋଟି ଟଙ୍କା ଠକି ନେଇଛନ୍ତି। ମ୍ୟାଡାମଙ୍କ ଠକେଇ ସିଣ୍ଡିକେଟରେ ଯୋଡ଼ି ହୋଇ ପ୍ରାଣ ହରାଇଛନ୍ତି ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧର ସାହୁ। ମୃତ ବିଦ୍ୟାଧର ଚାକିରି ଦେବାର ପ୍ରଲୋଭନ ଦେଖାଇ ସେମାନଙ୍କ ଠାରୁ ପାଖାପାଖି କୋଟିଏ ଟଙ୍କା ନେଇଯାଇଥିଲେ। ଟଙ୍କା ନେଇ ସେ ଜ୍ୟୋସ୍ନାଙ୍କୁ ଦେଇଥିଲେ। ଟଙ୍କା ଦେବାପରେ ମଧ୍ୟ ଚାକିରି ନପାଇବାରୁ ଆଶାୟୀ ପ୍ରାର୍ଥୀ ବିଦ୍ୟାଧରଙ୍କୁ ଅପହରଣ କରି ନେବା ପରେ ମାନସିକ ଓ ଶାରୀରିକ ଦେଇଥିଲେ। ଫଳରେ ସେ ବାଧହୋଇ ଆତ୍ମହତ୍ୟା କରିଛନ୍ତି। ପରେ ତାଙ୍କର ମୃତ୍ୟୁ ହେବା ପରେ ଅପହରଣକାରୀ ମାନେ ତାଙ୍କ ମୃତଦେହକୁ ଚନ୍ଦକା ଜଙ୍ଗଲ ରେ ଫିଙ୍ଗି ଚାଲିଯାଇଥିଲେ। ଧମକ ପୂର୍ଣ୍ଣ କଲ ରେକର୍ଡିଂ, ସିସିଟିଭି, ଟୋଲ ଗେଟ ଫାସ ଟ୍ୟାଗରୁ ମିଳିଥିବା ତଥ୍ୟ ଆଧାରରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା ପୁଲିସ। ବିଭିନ୍ନ ସ୍ଥାନରେ ଚଢ଼ାଉ ସମୟରେ ଶତାଧିକ ପିଲାଙ୍କ ସାର୍ଟିଫିକେଟ, ନକଲି ନିଯୁକ୍ତିପତ୍ର, ନକଲି ଷ୍ଟାମ୍ପ, ନକଲି ଚେକ୍ ଜବତ କରିଥିଲା ପୁଲିସ। ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ଠକେଇ ସିଣ୍ଡିକେଟର ମାଷ୍ଟର ମାଇଣ୍ଡ ଜ୍ୟୋସ୍ନାଙ୍କୁ ଗିରଫ କରିବାରେ ସଫଳ ହୋଇ ପାରିନାହିଁ।

## ହଟିଲା ଜବରଦଖଲ; ଉଠିଲେ କବାଡ଼ିଆ



ଭୁବନେଶ୍ୱର, ୮।୧୦(ସମିସ): ବିଏମ୍‌ସି ପକ୍ଷରୁ ୟୁନିଟ୍-୩ ଅଞ୍ଚଳରୁ ସରକାରୀ ଜମିରୁ ଜବରଦଖଲକୁ ଉଚ୍ଛେଦ କରାଯାଇ କବାଡିଆ ମାନଙ୍କୁ ହଟାଇ ଦିଆଯାଇଛି। ଏଠାରେ ଅସ୍ଥାୟୀ ଦୋକାନ ଓ କବାଡି ସାମଗ୍ରୀ ସର୍ବସାଧାରଣଙ୍କ ଚଳାଚଳରେ ବାଧା ସୃଷ୍ଟି କରୁଥିଲା। ଜନ ସାଧାରଣଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏବଂ ପରିବେଶ ପରିଷ୍କାର ସହ ଜବରଦଖଲ ମୁକ୍ତ କରିବା ପାଇଁ ବିଏମ୍‌ସି ପକ୍ଷରୁ ଏଭଳି ପଦକ୍ଷେପ ହାତକୁ ନିଆଯାଇଛି। ଉଚ୍ଛେଦ ସମୟରେ ୨୧ ଟନ କବାଡ଼ି ସାମଗ୍ରୀ ଜବତ କରାଯାଇଛି। ଏହି ସାମଗ୍ରୀଗୁଡ଼ିକୁ ସ୍ୱୀକୃତିପ୍ରାପ୍ତ ରିସାଇକ୍ଲରଙ୍କୁ ବିକ୍ରୟ କରାଯିବ। ବିଏମ୍‌ସି ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ସ୍ଥାନୀୟ ଲୋକେ ଏନେଇ ଅଭିଯୋଗ କରିଥିଲେ। ଏମାନଙ୍କ ଯୋଗୁଁ ଜଳବନ୍ଦୀ, ଜବରଦଖଲ, ରାସ୍ତା ଓ ଡ୍ରେନ ଅବରୋଧ ଭଳି ସମସ୍ୟା ସ୍ୟଷ୍ଟି ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ଜବରଦଖଲ ଉଚ୍ଛେଦ କରାଯାଇଛି ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

## ୨୧ ଲକ୍ଷର ବ୍ରାଉନ୍‌ସୁଗର ଜବତ; ୫ ଗିରଫ


ଭୁବନେଶ୍ୱର, ୮।୧୦ (ସମିସ): ଦିନକରେ ରାଜଧାନୀରୁ ୨୧ ଲକ୍ଷର ବ୍ରାଉନସୁଗର ଜବତ ହୋଇଛି। ବେଆଇନ ବ୍ରାଉନସୁଗର କାରବାର କରୁଥିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବାଲିଅନ୍ତା ଥାନା ସରକଣାର ଆକାଶ ଦାସ, ପଶ୍ଚିମବଙ୍ଗର ଏସକେ ଆରିଫ୍, କଳାରାହାଙ୍ଗ ଅଞ୍ଚଳରେ ରହୁଥିବା ସୋମେଶ କୁମାର ମାଟି ଓରଫ୍ ଭିକି (୨୫), ଅନିକେତ ମଲ୍ଲିକ (୨୫) ଓ ୟୁନିଟ୍-୧ ଅଞ୍ଚଳର ଅମ୍ବିକା ପ୍ରସାଦ ବରାଳ (୩୬)।

ପୁଲିସ ସୂଚନା ଅନୁସାରେ, ବରମୁଣ୍ଡା ବସଷ୍ଟାଣ୍ଡ ଦେଇ ରାଜ୍ୟ ବାହାରକୁ ବ୍ରାଉନସୁଗର ଚାଲାଣ ହେଉଥିବା ନେଇ ଅବକାରୀ ରେଞ୍ଜ୍ ୨କୁ ଖବର ମିଳିଥିଲା। ଏକ ସ୍ୱତନ୍ତ୍ର ଟିମ୍ ବସଷ୍ଟାଣ୍ଡରେ ଚଢ଼ଉ କରି ଆରିଫଙ୍କୁ ଗିରଫ କରିବା ସହ ତା ଠାରୁ ୧୫୫ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ସେ ପଶ୍ଚିମବଙ୍ଗକୁ ବ୍ରାଉନ୍‌ସୁଗର ଚାଲାଣ କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ସେହିପରି ସରକଣା ଅଞ୍ଚଳରେ ବ୍ରାଉନସୁଗର ବିକ୍ରି ନେଇ ଖବର ମିଳିବା ପରେ ଅବକାରୀ ବିଭାଗ ଚଢ଼ଉ କରିଥିଲା। ଆକାଶକୁ ଗିରଫ କରିବା ସହ ୩୮ ଗ୍ରାମ ବ୍ରାଉନସୁଗର ଜବତ କରିଥିଲା। ସେହିଭଳି ପଟିଆ ଅଞ୍ଚଳରେ ବ୍ରାଉନସୁଗର ବିକ୍ରି ହେଉଥିବା ନେଇ ଇନଫୋସିଟି ଥାନା ପୁଲିସକୁ ଖବର ମିଳିଥିଲା। ଥାନାର ସ୍ୱତନ୍ତ୍ର ଟିମ୍ ପଟିଆ ଖେଳ ପଡ଼ିଆ ନିକଟରେ ଚଢ଼ଉ କରି ଭିକି ଓ ଅନିକେତକୁ କାବୁ କରିଥିଲେ। ଯାଞ୍ଚ ସମୟରେ ଉଭୟଙ୍କ ହେପାଜତରୁ ମୋଟ ୧୦ ଗ୍ରାମ ଓଜନର ବ୍ରାଉନସୁଗର, ଗୋଟିଏ କାର୍ ଓ ୬୦୦ ଟଙ୍କା ଜବତ କରିଥିଲା। ଏନେଇ ଇନଫୋସିଟି ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି। ସେ?ହିପରି ୟୁନିଟ୍ ୧ ଅଞ୍ଚଳରେ ବ୍ରାଉନସୁଗର ବିକ୍ରି ହେଉଥିବା ନେଇ କ୍ୟାପିଟାଲ ଥାନା ପୁଲିସ ଖବର ପାଇଥିଲା। ଥାନାର ସ୍ୱତନ୍ତ୍ର ଟିମ୍ କମଳା ନେହରୁ କଲେଜ ନିକଟରେ ଚଢ଼ଉ କରି ଅମ୍ବିକାକୁ ଗିରଫ କରିଥିଲା। ତା' ହେପାଜତରୁ ମୋଟ ୧୦.୫ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଏନେଇ କ୍ୟାପିଟାଲ ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଅମ୍ବିକାକୁ କୋର୍ଟ ଚାଲାଣ କରିଛି।



**ବରମୁଣ୍ଡା ଦେଇ ଯାଉଥିଲା ପଶ୍ଚିମବଙ୍ଗ**

## ଭିଜିଲାନ୍ସ ଏସ୍‌ପି ସତ୍ୟବାନଙ୍କ ପରଲୋକ



ଭୁବନେଶ୍ୱର, ୮।୧୦ (ସମିସ): ବୁଧବାର ସନ୍ଧ୍ୟାରେ ଭିଜିଲାନ୍ସ ଏସପି ସତ୍ୟବାନ ମହାନନ୍ଦଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ଶ୍ରୀ ମହାନନ୍ଦ କଟକ ସ୍ଥିତ ଭିଜିଲାନ୍ସ ନିର୍ଦ୍ଦେଶାଳୟର କୋର୍ଡିନେସନ୍ ସେକ୍ସନରେ କାର୍ଯ୍ୟରତ ଥିଲେ। କଟକ ସ୍ଥିତ ଅଫିସରୁ ଘରକୁ ଫେରୁଥିବା ସମୟରେ ବାରଙ୍ଗ ନିକଟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଗାଡ଼ି ଚାଳକ ତାଙ୍କୁ ସଙ୍ଗେ ସଙ୍ଗେ ଇନଫୋସିଟି ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ବାଲିଯାତ୍ରା ପ୍ଲଟ ଆବଣ୍ଟନ ପଞ୍ଜୀକରଣ ୧୨ ପର୍ଯ୍ୟନ୍ତ ବୃଦ୍ଧି

କଟକ, ୮।୧୦(ସମିସ): ଐତିହାସିକ ବାଲିଯାତ୍ରା କଟକ ୨୦୨୫ରେ ଷ୍ଟଲ ଖୋଲିବା ନିମନ୍ତେ ପ୍ଲଟ ପଞ୍ଜୀକରଣ ତାରିଖ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। କର୍ଫ୍ୟୁ ପରିସ୍ଥିତି ଏବଂ ଇଣ୍ଟରନେଟ ବନ୍ଦ ରହିଥିବା କାରଣରୁ ଏହି ସମୟ ବୃଦ୍ଧି କରାଯାଇଛି। ଉଭୟ ଅନଲାଇନ ଓ ଅଫଲାଇନ ଜରିଆରେ ପଞ୍ଜୀକରଣ କରାଯାଉଛି। ବାରବାଟି ପ୍ୟାଲେସଠାରେ ଦୈନିକ ପୂର୍ବାହ୍ନ ୧୦ ଘଟିକାଠାରୁ ଅପରାହ୍ନ ୫ଘଟିକା ୩୦ ମିନିଟ ମଧ୍ୟରେ ଫର୍ମ ଦାଖଲ ଓ ପଞ୍ଜିକରଣ କାର୍ଯ୍ୟ ଚାଲୁ ରହିଛି। ଅନଲାଇନ ମାଧ୍ୟମରେ ପଞ୍ଜୀକରଣ ପାଇଁ ଇଚ୍ଛୁକ ବ୍ୟକ୍ତି www.baliyatra.net ୱେବସାଇଟରେ ପଞ୍ଜୀକରଣ କରିପାରିବେ।

## ଝାଁଳା କପ୍ : କ୍ୱାର୍ଟର ଫାଇନାଲ୍‌ରେ ଭାଲିଆବାଡ଼ି ଓ ଝାଁଳା

ଝାଁଳା, ୮।୧୦(ସମିସ): ସ୍ଥାନୀୟ ରାଧାମାଧବ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଝାଁଳା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସପ୍ତମ ଲିଗ୍ ମ୍ୟାଚ୍‌ରେ ତମାଣ୍ଡୋକୁ ୩୩ ରନ୍‌ରେ ହରାଇ ଭାଲିଆବାଡି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ତମାଣ୍ଡୋ ଦଳର ସନ୍ତୋଷ ଭୋଳ ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲା ବେଳେ ଅଷ୍ଟମ ଲିଗ୍ ମ୍ୟାଚ୍‌ରେ କୋଣାର୍କ ନଗରକୁ ୧୦୭ ରନ୍‌ରେ ହରାଇ ଝାଁଳା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଝାଁଳା ଦଳର ଅଭିଷେକ ପଟ୍ଟନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ବେଳେ ସୁକାନ୍ତ ପ୍ରଧାନ, ଗୋପବନ୍ଧୁ ପ୍ରଧାନ ଓ ସତ୍ୟ ସୁନ୍ଦର ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ।

## ରେଳ କର୍ମଚାରୀଙ୍କ ପଶୁପ୍ରେମ



ଭୁବନେଶ୍ୱର, ୮।୧୦(ସମିସ): ରାଜଧାନୀରେ ଅନେକ ପଶୁପ୍ରେମୀ ରହିଛନ୍ତି। ଏହି ପଶୁପ୍ରେମୀମାନଙ୍କ ମଧ୍ୟରେ ରହିଛନ୍ତି ଜଣେ ରେଳବିଭାଗରେ କାର୍ଯ୍ୟ କରୁଥିବା କର୍ମଚାରୀ। ପେଶାରେ ରେଳ ବିଭାଗରେ କାର୍ଯ୍ୟରତ ଥିବା ବେଳେ ସ୍ତ୍ରୀ ଜଣେ ଗୀତିକାର। କିନ୍ତୁ ସ୍ୱାମୀ ଓ ସ୍ତ୍ରୀଙ୍କର ନିଶା ହେଉଛି ବୁଲା କୁକୁର, ଗୋରୁ, ପାରା, କାଉ, ଜନ୍ଦା ଓ ପିମ୍ପୁଡ଼ି ଆଦିଙ୍କୁ ଖାଇବାକୁ ଦେବା। ପ୍ରତିଦିନ କୁକୁରଙ୍କ ପାଇଁ ଭାତ ଚିକେନ୍, ପାରାମାନଙ୍କ ପାଇଁ ନିଜ ହାତରେ ଗହମ, ଚାଉଳ, ମଶୁର ଡ଼ାଲି, ଚଣା ଡ଼ାଲି, ଭଜା ବୁଟ, ଚଣା ଡ଼ାଲି ତିଆରି କରି ଖାଇବାକୁ ଦେଉଥିବା ବେଳେ କାଉ ମାନଙ୍କୁ ରୁଟି, ବିସ୍କୁଟ ଦିଅନ୍ତି। ଠିକ୍ ଏହିପରି କୁକୁର ମାନଙ୍କୁ ଭାତ ଚିକେନ୍ ଦେଉଥିବା ବେଳେ ଗୋରୁମାନଙ୍କୁ ଶୁଖିଲା ଖାଦ୍ୟ ଆଦି ଦେଇଥାନ୍ତି। ଏଥିସହିତ ଔଷଧ ମଧ୍ୟ ଦେଇଥାନ୍ତି। ଚାରି ବର୍ଷରୁ ଅଧିକ ଦିନ ହେଲାଣି ନୀଳାଦ୍ରି ବିହାର ଅଞ୍ଚଳରେ ରହୁଥିବା ରବୀନ୍ଦ୍ର ନାଥ ହୁିଇ ଓ ତାଙ୍କ ଧର୍ମ ପତ୍ନୀ ଏହି କାମ କରୁଛନ୍ତି। ଆଗରୁ ୨୫ ଟା ବୁଲା କୁକୁର ରହିଥିଲେ ହେଲେ ଏବେ ୧୮ ଟା କୁକୁର ଓ ୧୫୦ ରୁ ଅଧିକ ପାରା କାଉ ଆଦିଙ୍କୁ ଗୋରୁ ଜନ୍ଦା ପିମ୍ପୁଡ଼ିଙ୍କୁ ଖାଇବାକୁ ଦେଉଛନ୍ତି।

ନିଜ ସଞ୍ଚିତ ଅର୍ଥ ଓ ସମୟ ବାହାର କରି ଏହି ଅସହାୟ ପଶୁ, ପକ୍ଷୀଙ୍କ ସେବା କଲେ ଏମାନେ ଆଉ ହିଂସ୍ର ହୁଅନ୍ତେ ନାହିଁ ବୋଲି ରବୀନ୍ଦ୍ର କୁହନ୍ତି। ଆହୁରି ମଧ୍ୟ କହିଛନ୍ତି ସର୍ବେ ଭବନ୍ତୁ ସୁଖିନଃ ପରି ପଶୁ, ପକ୍ଷୀଙ୍କ ଠାରୁ ଆରମ୍ଭ କରି ସମସ୍ତେ ସୁଖରେ ରହିବା ଦରକାର ବୋଲି ସେ କହିଛନ୍ତି।

### ମାରିଜୁଆନା ଚାଲାଣର ଗେଟ୍-ୱେ ଭୁବନେଶ୍ୱର

# ଅନ୍ୟ ରାଜ୍ୟରେ କଡ଼ାକଡ଼ି; ଓଡ଼ିଶାରେ ଢିଲା

ଭୁବନେଶ୍ୱର, ୮।୧୦(ସମିସ): ଗତ କିଛିମାସ ଧରି ଭୁବନେଶ୍ୱର ବିମାନବନ୍ଦରରୁ ନିୟମିତ ଭାବେ ବିଦେଶୀ ଗଞ୍ଜେଇ ମାରିଜୁଆନା ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଚଳିତ ବର୍ଷ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରୁ କଷ୍ଟମ୍‌ସ ବିଭାଗ ସ୍କ୍ୱାଡ୍ ୭ରୁ ଅଧିକ ଥର ଏହି ନିଷିଦ୍ଧ ନିଶା ମାରିଜୁଆନା ଜବତ କଲାଣି। ଏହି ବିଦେଶୀ ନିଶାଦ୍ରବ୍ୟ ଭୁବନେଶ୍ୱର ଦେଇ ପଶ୍ଚିମବଙ୍ଗ, କେରଳ ଭଳି ରାଜ୍ୟକୁ ଚାଲାଣ ହେଉଥିବା କଷ୍ଟମ ବିଭାଗ ଜାଣିବାକୁ ପାଇଛି। ତେବେ ଅନ୍ୟ ରାଜ୍ୟକୁ ଚାଲାଣ ପାଇଁ ଓଡ଼ିଶା ବିଶେଷକରି ଭୁବନେଶ୍ୱର ବିମାନ ବନ୍ଦରର କୋହଳ ସୁରକ୍ଷା ବ୍ୟବସ୍ଥା ବେଶ ସୁହାଉଛି। ଯେଉଁଥିପାଇଁ ଚାଲାଣକାରୀମାନେ ଭୁବନେଶ୍ୱର ବିମାନବନ୍ଦର ଦେଇ ସୁବିଧାରେ ବିଦେଶରୁ ଏଭଳି ବିଦେଶୀ ନିଶାଦ୍ରବ୍ୟ ଆମଦାନୀ କରୁଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଗତ ଶନିବାର ଭୁବନେଶ୍ୱର ବିମାନବନ୍ଦରରୁ ପ୍ରାୟ ୩ କୋଟିରୁ ଅଧିକ ଟଙ୍କା ମୂଲ୍ୟର ମାରିଜୁଆନା ଜବତ ହୋଇଛି। ସନ୍ଦିଗ୍ଧ ଯୁବକଙ୍କ ଲଗେଜ୍‌ରୁ ୩.୨ କିଲୋ ମାରିଜୁଆନା ମିଳିଥିଲା। ବ୍ୟାଙ୍କକ୍‌ରୁ ଏହି ନିଶା ଚାଲାଣ କରୁଥିବା କେରଳୀ ଯୁବକକୁ କଷ୍ଟମ୍‌ସ ଅଧିକାରୀମାନେ ଉଠାଇନେଇ ପଚରାଉଚରା କରିଥିଲେ। ଚାଲାଣକାରୀ କେରଳ ବାସିନ୍ଦା ହୋଇଥିବାରୁ ଜବତ ମାରିଜୁଆନା ଓଡ଼ିଶା ଦେଇ କେରଳ ଚାଲାଣ ହେଉଥିବା ସନ୍ଦେହ କରାଯାଉଛି। ଜେରା ବେଳେ କେରଳର ଏହି ଯୁବକଜଣକ ବ୍ୟାଙ୍କକ୍‌ରୁ ଭୁବନେଶ୍ୱରଆସୁଥିଲେ ଏବଂ ପରେଅନ୍ୟବିମାନଯୋଗେ କେରଳ ଯିବାର ଥିଲା ବୋଲି କହିଥିଲେ।

ସେହିଭଳି ଗତ ଜୁଲାଇ ୩୦ ତାରିଖରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଜବତ ୩୦ କୋଟିର ମାରିଜୁଆନା ଜବତ ଘଟଣାରେ ମହମ୍ମଦ ଜାମ୍, ମୋହିତ ଓ ବମ୍‌ତିଙ୍କୁ ଗିରଫ କରିଥିଲା ଏସ୍‌ଟିଏଫ୍। କିନ୍ତୁ ସେମାନେ ବେପାରୀ ନୁହନ୍ତି ବରଂ ଚାଲାଣକାରୀ ବୋଲି ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ଏସ୍‌ଟିଏଫ୍‌ର ତଦନ୍ତ ମୁତାବକ ମାରିଜୁଆନା ଚାଲାଣର ମାଷ୍ଟର ମାଇଣ୍ଡ ଦୁବାଇରେ ବସି ନେଟୱର୍କ ଅପରେଟ କରୁଥିବା ଜଣାପଡ଼ିଥିଲା। ମହମ୍ମଦ ଜାମ୍, ମୋହିତ ଓ ବମ୍‌ତି କେବଳ ଥାଇଲାଣ୍ଡର ବ୍ୟାଙ୍କକରୁ ମାରିଜୁଆନା ଆଣି ଆଗ୍ରାର ଫତେପୁର ସିକ୍ରିରେ ପହଞ୍ଚାଇ ଥାନ୍ତେ। ୩୦ କୋଟିର ମାରିଜୁଆନା ଚାଲାଣ କରି କମିସନ ବାବଦକୁ ୧୦ ପ୍ରତିଶତ ବା ୩ କୋଟି ଟଙ୍କା ନେବାକୁ ଚୁକ୍ତି ହୋଇଥିଲା। କୋଲକାତା ବିମାନବନ୍ଦରରେ କଡ଼ା ସୁରକ୍ଷା ଓ କଟକଣା ବ୍ୟବସ୍ଥା ରହିଥିବା ବେଳେ ଭୁବନେଶ୍ୱର ବିମାନବନ୍ଦରରେ ସୁରକ୍ଷା ଢ଼ିଲା ନେଇ ସେମାନେ ଗେଟ୍‌ୱେ ଭାବେ ଭୁବନେଶ୍ୱର ବିମାନବନ୍ଦରକୁ ଧରି ନେଇଥିଲେ।



ସୂଚନାଯୋଗ୍ୟ ଚଳିତ ବର୍ଷ ଭୁବନେଶ୍ୱର ବିମାନବନ୍ଦରରୁ ପ୍ରାୟ ୬୦କୋଟି ଟଙ୍କାର ମାରିଜୁଆନା ଜବତ କରାଯାଇଛି। ଅଗଷ୍ଟ ୨୩ ତାରିଖରେ କଷ୍ଟମ୍‌ସ ଅଧିକାରୀମାନେ ୪ କୋଟି ଟଙ୍କା ମୂଲ୍ୟର ଏହି ନିଶା ଜବତ କରିଥିଲେ। ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସିଥିବା ପ୍ରେମୀଯୁଗଳଙ୍କଠାରୁ ଏହା ଜବତ ହୋଇଥିଲା। ପୁଣି ସେହି ମାସରେ ଏହି ବିମାନବନ୍ଦରରୁ ୮କୋଟି ଟଙ୍କାର ମାରିଜୁଆନା ଜବତ ହୋଇଥିଲା। କିନ୍ତୁ ସେଥର ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ସ୍କ୍ୱାଡ୍ ହାବୁଡରେ ଗୁଜରାଟ ଅହମଦାବାଦର ଚାଲାଣକାରୀ ଯୁବକଜଣକ ଧରାପଡ଼ିଥିଲା। ସେହିପରି ଜୁଲାଇ ୩୦ ତାରିଖରେ ଭୁବନେଶ୍ୱର ବିମାନବନ୍ଦରରୁ ୩୦ କେଜି ମାରିଜୁଆନା ଜବତ କରାଯାଇଥିଲା। ସେଥର କଷ୍ଟମ୍‌ସ ସ୍କ୍ୱାଡ୍ ଉତ୍ତରପ୍ରଦେଶର ୩ଜଣ ଯୁବକଙ୍କୁ ଗିରଫ କରିଥିଲା। ତେବେ ଓଡ଼ିଶାରୁ ଜବତ ହେଉଥିବା ଏହି ବିଦେଶୀ ନିଶାଦ୍ରବ୍ୟ ମାମଲାରେ ରାଜ୍ୟ ବାହାର ଅଭିଯୁକ୍ତ ଗିରଫ ହେଉଥିବାରୁ ଏହା ସ୍ପଷ୍ଟ ହୋଇଛି ଯେ, ଓଡ଼ିଶାର ଭୁବନେଶ୍ୱର ବିମାନବନ୍ଦରର କୋହଳ ସୁରକ୍ଷା ବ୍ୟବସ୍ଥା ପାଇଁ ସେମାନେ ଏହାକୁ ବାଛି ନେଇଛନ୍ତି।

ଅପରପକ୍ଷେ ଓଡ଼ିଶାରେ ମଧ୍ୟ ମାରିଜୁଆନ୍ ସେବନକାରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ବିଶେଷକରି ଭୁବନେଶ୍ୱରରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଦେଶୀ ତଥା ରାଜ୍ୟ ବାହାରର ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଦୃଷ୍ଟିରେ ସେମାନେ ଏଭଳି ନିଶାଦ୍ରବ୍ୟ ଅଧିକାଂଶ ପରିମାଣରେ ସେବନ କରୁଛନ୍ତି। ଯେଉଁଥିପାଇଁ ଭୁବନେଶ୍ୱରରେ ମାରିଜୁଆନାର ଚାହିଦା କ୍ରମେ ବୃଦ୍ଧି ପାଇବାରେ ଲାଗିଛି। ଚାହିଦା ବୃଦ୍ଧି ଦୃଷ୍ଟିରୁ ଯୋଗାଣ ମଧ୍ୟ ବୃଦ୍ଧି ପାଇଥିବା କୁହାଯାଉଛି।



# ଆକାଶଫଟା ଗର୍ଜନ; ବାଦଲଫଟା ବର୍ଷା







## ଲଗାଣ ବର୍ଷାରେ ଭାସିଲା ସହର; ରାସ୍ତାଘାଟ ଜାମ୍

## କ୍ୟାପିଟାଲ୍ ହସ୍ପିଟାଲ ଭିତରେ ପଶିଲା ବର୍ଷାପାଣି

## ରାଜଧାନୀକୁ ରେଡ୍ ଆଲର୍ଟ, ଆହୁରି ୫ ଦିନ ବର୍ଷା

ଭୁବନେଶ୍ୱର, ୮।୧୦(ସମିସ): ବୁଧବାର ଅପରାହ୍ଣରେ ହଠାତ୍ ରାଜଧାନୀରେ ମାଡ଼ି ଆସିଲା କଳାହାଣ୍ଡିଆ ମେଘ। ମାତ୍ର କିଛିକ୍ଷଣ ମଧ୍ୟରେ ଘଡ଼ଘଡ଼ି ସାଙ୍ଗକୁ ବାଦଲଫଟା ବର୍ଷାରେ ରାଜଧାନୀ ରାସ୍ତାଘାଟ ଜଳାର୍ଣ୍ଣବ ହୋଇଗଲା। କିନ୍ତୁ ସ୍ୱଳ୍ପ ସମୟ ମଧ୍ୟରେ ବର୍ଷାର ପରିମାଣ ଏତେ ଥିଲା ଯେ, ପୂରା ରାସ୍ତାରେ ଯାଉଥିବା ଦୁଇଚକିଆ ଚାଳକମାନେ ଦୋକାନ ବଜାରଠାରୁ ଆରମ୍ଭ କରି ବିଭିନ୍ନ ଫ୍ଲାଏଓଭର ତଳେ ମୁଣ୍ଡଗୁଞ୍ଜି ଠିଆ ହୋଇଗଲେ। ବିଶେଷକରି ସିଆର୍‌ପି, ଜୟଦେବବିହାର, ଆଚାର୍ଯ୍ୟ ବିହାର, ରାଜମହଲ ଛକଭଳି ବିଭିନ୍ନ ଅଞ୍ଚଳରେ ଥିବା ଫ୍ଲାଏଓଭର ତଳେ ଯାନବାହାନଗୁଡ଼ିକ ଦୀର୍ଘ ସମୟ ଧରି ଅଟକି ରହିଥିଲା। ଉଭୟ ପଟୁ ଯାନବାହାନ ଚଳାଚଳ କରି ନ ପାରିବାରୁ ରାସ୍ତାଘାଟ ଦୀର୍ଘ ସମୟ ଧରି ଜାମ୍ ହୋଇଯାଇଥିଲା। ଏପରିକି ଜରୁରିକାଳୀନ ସେବା ଆମ୍ବୁଲାନ୍ସ, ପୁଲିସ, ପିସିଆର୍ ବି ରାସ୍ତା ଉପରେ ଅଟକି ରହିଛି। ସେହିଭଳି ବିଭିନ୍ନ ତଳିଆ ଅଞ୍ଚଳରେ ବର୍ଷାପାଣି ମାଡ଼ିଯିବା ଯୋଗୁଁ ଲୋକେ ଜଳବନ୍ଦୀ ହୋଇ ରହିଥିଲେ। ସହର ସାରା କୃତିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଗଲା। ଭୁବନେଶ୍ୱର ବିଭିନ୍ନ ବସ୍ତି ଅଞ୍ଚଳରେ ପାଣି ପଶିଯାଇଥିଲା। ରସୁଲଗଡ଼ର ଶବର ସାହିରେ ପାଣି ପଶିଯିବାରୁ ଲୋକଙ୍କ ଆସବାବପତ୍ର ପାଣି ବୁଡ଼ି ରହିଥିଲା।

ଭୁବନେଶ୍ୱର ଇସ୍କନ ମନ୍ଦିର ସମ୍ମୁଖରେ ବର୍ଷା ଯୋଗୁଁ ବନ୍ୟା ସ୍ଥିତି ଉପୁଜିଥିଲା। ବର୍ଷା ଯୋଗୁଁ ଗାଡି ମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତା ଉପରେ ପାଣି ଜମି ରହିବା ଯୋଗୁଁ ଗୋଟିଏ ଅଟୋ ଓ କାରରେ ଯାଉଥିବା ଏକ ପରିବାର ପାଣି ଭିତରେ ରହି ଯାଇଥିଲେ। ସିଟି ବସ୍‌ଗୁଡ଼ିକ ଅଧା ବୁଡିଯାଇଥିଲା। ବର୍ଷା ପାଣିରେ କାର୍ ବୁଡି ଯିବା ଯୋଗୁଁ କାର୍ ଷ୍ଟାର୍ଟ ମଧ୍ୟ ବନ୍ଦ ହୋଇଯାଇଥିଲା। ଫଳରେ ପାଣି ଭିତରେ କିଛି ଏହା ସମୟ ଫସି ରହି ଯାଇଥିଲା। ସାଧାରଣ ଲୋକ ଅସୁବିଧାରେ ପଡ଼ିଥିଲେ। ସବୁବେଳେ ବର୍ଷାରେ ଇସ୍କନ ଆଗରେ ପାଣି ଜମିବା ଏକ ସାଧାରଣ ଘଟଣା ପାଲଟିଛି।

ପ୍ରବଳ ବର୍ଷା ଯୋଗୁଁ କ୍ୟାପିଟାଲ ହସ୍ପିଲାଟର ସମେତ ବିଏମ୍‌ସିର କିଛି ହସ୍ପିଟାଲରେ ମଧ୍ୟ ପାଣି ପଶି ଯାଇଥିଲା। ଯାହାଫଳରେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କ୍ୟାପିଟାଲ ହସ୍ପିଟାଲର ବିଭିନ୍ନ ସ୍ଥାନରେ ଝରକା ଏବଂ କରିଡର କାନ୍ଥରେ ଲାଗିଥିବା କାଚ ଭାଙ୍ଗି ଯାଇଛି। ଏହି ବାଟରେ ନିୟମିତ ଭାବେ ବର୍ଷା ପାଣି ପସୁଛି। ଆଜି ମଧ୍ୟ ବର୍ଷା ପସିବା ଯୋଗୁଁ ଚର୍ମ, ଦନ୍ତ ଏବଂ ଇଏନ୍‌ଟି ଓପିଡିରେ ପାଣି ଜମି ଯାଇଥିଲା। ଡେଣ୍ଟାଲ ଓଟି ଏକପ୍ରକାର ଅଚଳ ହୋଇପଡ଼ିଥିଲା।



ୟୁନିଟ୍-୧ସ୍ଥିତ ଜିଏର ସରକାରୀ କ୍ୱାର୍ଟର୍ସରେ ପସିଲା ପାଣି। ସରକାରୀ କର୍ମଚାରୀ ଏବଂ ତାଙ୍କ ପରିବାର ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିପରି ବର୍ଷା ଯୋଗୁଁ ୟୁନିଟ୍-୧ ସ୍ଥିତ ହାଟର ଅବସ୍ଥା ସଂଘାତିକ ହୋଇ ପଡ଼ିଥିଲା। ହାଟ କାଦୁଅ ପଚ ପଚ ହୋଇଯାଇଥିଲା। ବ୍ୟବସାୟୀ ଏବଂ ଗ୍ରାହକ ଏହାକୁ ନେଇ ଅସନ୍ତୋଷ ହୋଇଥିଲା।

ରାଜଧାନୀ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ୍, ପଟିଆ, ଆଚାର୍ଯ୍ୟବିହାର, ଇସ୍କନ ମନ୍ଦିର ଛକ, ରସୁଲଗଡ଼, ଏଜି ଛକ, ଜୟଦେବ ବିହାର, କଳିଙ୍ଗ ଷ୍ଟାଡିୟମ, ବମିଖାଲ, କଟକରୋଡ୍ ଆଦି ସ୍ଥାନରେ ବର୍ଷା ପାଣି ଜମି ରହିବା ଫଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଜାତୀୟ ରାଜପଥର କିଛି ସ୍ଥାନରେ ଆଚାର୍ଯ୍ୟ ବିହାର, ବରମୁଣ୍ଡା, ପଳାଶୁଣି ନିକଟରେ ଅଣ୍ଟାଏ ଅଣ୍ଟାଏ ପାଣି ଯୋଗୁଁ ଜାତୀୟ ରାଜପଥରେ ଗାଡିଗୁଡ଼ିକ ୪ ଘଣ୍ଟା ଧରି ଲମ୍ବା ଲାଇନ୍‌ରେ ଛିଡା ହୋଇଥିଲା। ମାତ୍ର ୨ ଘଣ୍ଟା ବର୍ଷା ବିଏମ୍‌ସିର ଡ୍ରେନେଜ୍ ବ୍ୟବସ୍ଥାର ପୋଲ୍ ଖୋଲି ଦେଇଥିଲା।

ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଥିବା ବେଳେ ବୁଧବାର ଦୁଇଘଣ୍ଟା ବର୍ଷାରେ ଭୁବନେଶ୍ୱରବାସୀ ଘାଇଲା ହୋଇପଡ଼ିଛନ୍ତି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଦୁଇଘଣ୍ଟା ମଧ୍ୟରେ ରାଜଧାନୀରେ ୪୦ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଅପରପକ୍ଷେ ଭୁବନେଶ୍ୱର ପାଇଁ ରେଡ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ସମ୍ଭାବ୍ୟ ବର୍ଷା ପାଇଁ ସୌଭାଗ୍ୟ ନଗର, ବସ୍ତି ଅଞ୍ଚଳ, ଜିଜିପି ଏବଂ ପଟିଆରେ ଜଳ ନିଷ୍କାସନ ହୋଇ ପାରୁ ନ ଥିବା କଲୋନୀ ବାସିନ୍ଦା ଏହାକୁ ନେଇ ଆତଙ୍କିତ ହୋଇପଡ଼ିଛନ୍ତି।

### ବିଏମ୍‌ସି ପକ୍ଷରୁ ର୍‍ୟାପିଡ୍ ଆକ୍ସନ ଟିମ୍ ନିୟୋଜିତ

ବିଏମ୍‌ସି ଅଞ୍ଚଳରେ ମୂଷଳଧାରାରେ ବର୍ଷା ଓ ବଜ୍ରପାତ ହୋଇଥିଲା। ଫଳରେ କେତେକ ସ୍ଥାନରେ ସାମୟିକ ଜଳବନ୍ଦୀ ଅବସ୍ଥା ସୃଷ୍ଟି ହୋଇଥିଲା। କିନ୍ତୁ ଏହାର ମୁକାବିଲା ପାଇଁ ବିଏମ୍‌ସି ପକ୍ଷରୁ ରାପିଡ୍ ଆକ୍ସନ ଟିମ୍ (ରାଟ୍) ନିୟୋଜିତ କରାଯାଇଥିଲା। ଜରୁରିକାଳୀନ ଭିତ୍ତିରେ ବିଭିନ୍ନ ସ୍ଥାନରେ ଡ୍ରେନ ସଫା ଓ ପଙ୍କୋଦ୍ଧାର କରି ଜଳ ନିଷ୍କାସନ କରିଥିଲେ। ଅନ୍ୟ କେତେକ ସ୍ଥାନରେ ପାଣି ପମ୍ପ ଲଗାଇ ମଧ୍ୟ ଜଳ ନିଷ୍କାସନ କରାଯାଇଥିଲା। ଅଗ୍ନିଶମ ବିଭାଗର ୫ଟି ପାଣି ପମ୍ପର ଉପଯୋଗ କରାଯାଇଥିଲା। ୪୩ ନମ୍ବର ୱାର୍ଡ ଅନ୍ତର୍ଗତ ପାନବରଜ ବସ୍ତିରେ ଗୋଟିଏ, ୩୮ ନମ୍ବର ୱାର୍ଡ ଅନ୍ତର୍ଗତ ଦମୟନ୍ତୀ ଆପାର୍ଟମେଣ୍ଟରେ ଗୋଟିଏ, ଡ୍ରେନ ନମ୍ବର ୫ ଓ ୬ ଉପରେ ଥିବା ସାଇଫନ ନିକଟରେ ଗୋଟିଏ ଲେଖାଏଁ, ୩୧ ନମ୍ବର ୱାର୍ଡ ଅନ୍ତର୍ଗତ କଟକ ରୋଡ ବମିଖାଲ ନିକଟରେ ଗୋଟିଏ ପାଣିପମ୍ପ ଲଗାଇ ତୁରନ୍ତ ଜଳ ନିଷ୍କାସନ କରାଯାଇଥିଲା। ଏହା ବ୍ୟତୀତ ରାଟ୍ ଟିମ୍ ବିଏମ୍ ସି ଅଞ୍ଚଳର ବିଭିନ୍ନ ସାମ୍ଭାବ୍ୟ ଜଳବନ୍ଦୀ ଅଞ୍ଚଳ ବୁଲି ଦେଖିବା ସହ ସମ୍ବେଦନଶୀଳ ରସୁଲଗଡ଼ ଓ ଜୟଦେବ ବିହାରଠାରେ ଦୁଇଟି ଟିମ୍ ଯେ କୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିଥିଲେ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

---

## ଥାନାରୁ ଖସିଗଲା; ବଜାରରୁ ଧରାପଡ଼ିଲା



ଭୁବନେଶ୍ୱର, ୮।୧୦ (ସମିସ): ସୁଯୋଗ ଦେଖି ଥାନାରୁ ଖସି ପଳାଇଲା, କିଛି ସମୟପରେ ବଜାରରୁ ଧରାପଡ଼ିଲା। ବୁଧବାର ସକାଳେ ତମାଣ୍ଡୋ ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଗିରଫ ଅଭିଯୁକ୍ତ ହେଉଛି ପାଇକରାପୁରର ଆଶିଷ ସାମନ୍ତରାୟ ଓରଫ୍ ଟିନା (୨୬)।

ସୂଚନା ଅନୁସାରେ, ସିଜିପୁଟ ଅଞ୍ଚଳରେ ଥିବା ବ୍ଲୁପ୍ରିଣ୍ଟ ସାଇନ୍ ଆପାର୍ଟମେଣ୍ଟର ନିର୍ମାଣ ଚାଲୁଥିବା ବେଳେ ଶ୍ରମିକ ଓ ମିସ୍ତ୍ରି ଅସ୍ଥାୟୀ ଆଶ୍ରୟସ୍ଥଳ ପ୍ରସ୍ତୁତ କରି ଆପାର୍ଟମେଣ୍ଟର ତଳ ମହଲାରେ ରହୁଛନ୍ତି। ଗତ ୫ ତାରିଖ ସକାଳେ ଟିନା ଗୋଟିଏ ପ୍ଲାଏ କଟର ମେସିନ୍, ଗୋଟିଏ ଡ୍ରିଲ୍ ମେସିନ୍, ଗୋଟିଏ ସିଣ୍ଡର ମେସିନ୍ ଓ ନଗଦ ୪ ହଜାର ୫୦୦ ଟଙ୍କା ଚୋରିକରି ନେଇଯାଇଥିଲା। ଅଭିଯୋଗ ପରେ ପୁଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ଟିନାକୁ ଚିହ୍ନଟ କରିବା ସହ ଥାନାକୁ ଉଠାଇ ଆଣିଥିଲା। ବୁଧବାର ସକାଳୁ ସକାଳୁ ଟିନା ସୁଯୋଗ ଦେଖି ଥାନାରୁ ଖସି ପଳାଇଥିଲା। ପୁଲିସ କର୍ମଚାରୀମାନେ ତାକୁ ଖୋଜାଖୋଜି କରି ତମାଣ୍ଡୋ ବଜାରରୁ କାବୁ କରିଥିଲେ। ଜେରା ପରେ ସେ ଚୋରି କରିଥିବା ସ୍ୱୀକାର କରିଥିଲା। ଟିନା କହିବା ମୁତାବକ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଗୋଟିଏ ପ୍ଲାଏ କଟର ମେସିନ୍, ଗୋଟିଏ ଡ୍ରିଲ୍ ମେସିନ୍ ଓ ଗୋଟିଏ ସିଣ୍ଡର ମେସିନ୍ ଜବତ କରିଥିଲା।

## ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବେସରକାରୀ ଅଧ୍ୟାପକ, କର୍ମଚାରୀ

ଭୁବନେଶ୍ୱର, ୮।୧୦(ସମିସ): ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀମାନଙ୍କୁ ସରକାରୀ ଅନୁଦାନ ନିମନ୍ତେ ବାରମ୍ବାର ଦାବି ସତ୍ତ୍ୱେ ସରକାର ଦାବି ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ। ଏ ନେଇ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ଗୋଦାବରୀଶ ସାହିତ୍ୟ ସଂସଦ ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ପ୍ରକାଶ ଥାଉ କି ବେସରକାରୀ ଅନୁଦାନପ୍ରାପ୍ତ ଏବଂ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ପରିଚାଳନା କମିଟି ଦ୍ୱାରା ୧ ଜୁନ ୨୦୦୮ ରୁ ୧ ଜୁନ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବା ପାଇଁ ସଂଘ ସରକାରଙ୍କ ସହ ବାରମ୍ବାର ଆଲୋଚନା କଲା ପରେ ମଧ୍ୟ ସରକାର କୌଣସି ନିଷ୍ପତ୍ତି ନେଲେ ନାହିଁ। ତେଣୁ ସଂଘ ଶିକ୍ଷକ ଦାବି ଦିବସ ଅଗଷ୍ଟ ୧୬ ତାରିଖରୁ ମହାବିଦ୍ୟାଳୟସ୍ତରରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଗତ ମାସରେ ଗାନ୍ଧୀମାର୍ଗରେ କର ବା ମର ସମାବେଶ ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ବିଶ୍ୱରଞ୍ଜନ ଦାସ ଆମରଣ ଅନଶନରେ ବସିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପରେ ତାଙ୍କର ପ୍ରତିନିଧି ବିଧାୟକ ପିପିଲି ଆଶ୍ରିତ ପଟ୍ଟନାୟକ, ବିଧାୟକ ଏକାମ୍ର ବାବୁ ସିଂ ଏବଂ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ସଂଘ ସହ ଆଲୋଚନା ହୋଇ ଆସନ୍ତା ୧୦ ରୁ ୨୦ ତାରିଖ ମଧ୍ୟରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସଂଘ ସହ ଆଲୋଚନା ପାଇଁ ସରକାର ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉପରେ ଆସ୍ଥାରଖି ସଂଘ ସାମୟିକଭାବରେ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା। ହେଲେ ବୁଧବାର ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ବିଶ୍ୱରଞ୍ଜନ ଦାସ ସରକାରଙ୍କୁ ନିବେଦନ କରିଛନ୍ତି ପୂର୍ବ ଲିଖିତ ପ୍ରତିଶ୍ରୁତି ମୁତାବକ ଉପରୋକ୍ତ ସମୟ ମୁତାବକ ମଧ୍ୟରେ ସରକାର ସଂଘ ସହ ଆଲୋଚନା ରଖିବା ପାଇଁ। ଯଦି ସରକାର ଏଥିପାଇଁ କୌଣସି ନୀତି ଅବଲମ୍ବନ ନ କରନ୍ତି ତେବେ ପୁନର୍ବାର ସଂଘ ଆନ୍ଦୋଳନକୁ ଓହ୍ଲାଇବ। ଏଥିପାଇଁ ଯେଉଁ ଅପ୍ରିତିକର ପରିସ୍ଥିତି ସୃଷ୍ଟିହେବ ସରକାର ସେଥିପାଇଁ ଦାୟୀ ରହିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ମନ୍ଦିରରୁ ଦାନବାକ୍ସ ଚୋରି କରି ଗିରଫ



ଭୁବନେଶ୍ୱର, ୮।୧୦ (ସମିସ): ମନ୍ଦିରରୁ ଦାନବାକ୍ସ ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଅନୁଗୋଳ ଜିଲ୍ଲା ବନ୍ତଲା ଥାନା ଅଞ୍ଚଳର ମଳୟ ଭୋଇ (୨୯)। ପୁଲିସ ସୂଚନା ଅନୁସାରେ, ମଙ୍ଗଳବାର ରାତିରେ ମଳୟ ନନ୍ଦନ ବିହାର ଅଞ୍ଚଳରେ ଥିବା ଏକ ମନ୍ଦିରରେ ପଶି ଦାନବାକ୍ସ ଚୋରି କରିଥିଲା। ସେହି ସମୟରେ ମନ୍ଦିରର ପୂଜକ ହାତରେ ଧରାପଡ଼ି ଯାଇଥିଲା। ସେ ପିସିଆର ଡାକି ଅଭିଯୁକ୍ତଙ୍କୁ ପୁଲିସ ଜିମା ଦେଇଥିଲେ। ଏନେଇ ସ୍ମୃତିରାଜ ସାହୁଙ୍କ ଅଭିଯୋଗ ଆଧାରରେ ଇନଫୋସିଟି ଥାନା ପୁଲିସ ମାମଲା ରୁଜୁ କରିଥିଲା। ମଳୟକୁ ଗିରଫ କରିବା ସହ ୨୩ ହଜାର ୩୭୦ ଟଙ୍କା ଜବତ କରିଥିଲା।


**SBI**

**ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମଏମଜିଏସ୍-II | 30 |

**ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 କଟ୍ ଅଫ୍) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍ଏମଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମଏମଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମଏମଜିଏସ୍-III | 36 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US"—>"Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://sbi.bank.in/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 08.10.2025

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**


---

# ଚାକିରି ଚିନ୍ତା; ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ

■ ଭବିଷ୍ୟତ ଗଢ଼ିବାକୁ ବାଧକ ସାଜୁଛି ବାସଗୃହ

■ ଷ୍ଟେସନଠାରୁ ଆରମ୍ଭ କରି ରାସ୍ତାକଡ଼ରେ ବିତୁଛି ଜୀବନ

ଭୁବନେଶ୍ୱର, ୮।୧୦(ସମିସ): ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଶିକ୍ଷିତ ଯୁବଗୋଷ୍ଠୀ ରାଜଧାନୀକୁ ବାଛୁଛନ୍ତି। ଏପରିସ୍ଥଳେ ଗ୍ରାମାଞ୍ଚଳରୁ ହଜାର ହଜାର ଶିକ୍ଷିତ ଯୁବକ ଚାକିରି ପାଇଁ ଭୁବନେଶ୍ୱର ଚାଲି ଆସୁଛନ୍ତି। କିନ୍ତୁ ଏଠାରେ ମୁଣ୍ଡଗୁଞ୍ଜିବା ପାଇଁ ସୁବିଧା ଟିକେ ନ ଥିବାରୁ ଖରାବର୍ଷାରେ ସେମାନେ ରାସ୍ତାକଡ଼ଠାରୁ ଆରମ୍ଭ କରି ରେଳଷ୍ଟେସନରେ ମଧ୍ୟ ଦିନ ବିତାଇବାକୁ ପଡୁଛି। ଏଭଳି ପ୍ରତିକୂଳାତ୍ମକ ପରିସ୍ଥିତିରେ କେତେକ ଯୁବକ ସଫଳ ହୋଇଥିବା ବେଳେ ଅନେକ ମେଧାବୀଙ୍କୁ ନିରାଶ ହୋଇ ଶେଷ ସମୟରେ ଗାଁକୁ ଫେରିଯିବାକୁ ପଡୁଛି।

ରାଜଧାନୀରେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ରହିଛି ଅନୁକୂଳ ବାତାବରଣ ସାଙ୍ଗକୁ ପ୍ରଶିକ୍ଷଣ ଏବଂ ତାଲିମ ନେବା ଭଳି ସୁବିଧା। ଯେଉଁଥିପାଇଁ ପରୀକ୍ଷା ପ୍ରସ୍ତୁତି ହେବାକୁ ରାଜ୍ୟର କୋଣ ଅନୁକୋଣରୁ ଯୁବପିଢି ରାଜଧାନୀମୁହାଁ ହେଉଛନ୍ତି। ଦିନଥିଲା ରାଜଧାନୀର ନୂଆପଲ୍ଲୀ ଅଞ୍ଚଳରେ ଥିବା ବ୍ୟାଚଲର ବାରାକରେ ଅନେକ ଶସ୍ତାରେ ଏବଂ ସୁବିଧାରେ ରହି ପ୍ରତିଯୋଗିତା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ ଏବଂ ସଫଳତା ମଧ୍ୟ ପାଉଥିଲେ। ଏବେ ବି ବିଭିନ୍ନ ସରକାରୀ ଦପ୍ତରରେ ଅଧିକାଂଶ ଚାକିରିଆ ବ୍ୟାଚଲର୍ ବାରାକ୍‌ର ପୁରୁଣା ଅନ୍ତେବାସୀ। ହେଲେ ଗତ କିଛିବର୍ଷ ତଳେ ସେହି କୋଠାକୁ ଅସୁରକ୍ଷିତ ଘୋଷଣା କରି ଭାଙ୍ଗି ଦିଆଯିବା ପରେ ଏବେ ଚାକିରି ଆଶାୟୀ ଯୁବଗୋଷ୍ଠୀଙ୍କ ପାଇଁ ରାତିଯାପନର ସୁବିଧା ନାହିଁ। ଫଳରେ ସେମାନେ ଏଠି ସେଠି ମୁଣ୍ଡ ଗୁଞ୍ଜିବାକୁ ବାଧ୍ୟ ହେଉଛନ୍ତି। ଫଳରେ ଆଜିର ଦୁର୍ଦ୍ଦିନରେ ଭବିଷ୍ୟତ ନିର୍ମାଣର ପ୍ରୟାସ ଚାଲିଥାଏ। ଏହି ପରିପେକ୍ଷୀରେ ସେମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ତଥା ନିଜ ଅଞ୍ଚଳର ବିଧାୟକ ପାଲଟନ୍ତି ଉଦାହରଣ। ରାଜଧାନୀରେ ବିଧାୟକଙ୍କ ପାଇଁ ଥିବା କ୍ୱାର୍ଟର୍ସକୁ କିଛି ବିଧାୟକ ନିଜ ଅଞ୍ଚଳର ଲୋକଙ୍କ ପାଇଁ ଗେଷ୍ଟ ହାଉସ ଘୋଷଣା କରିଥିବା ଉଦାହରଣ ଦେଖିବାକୁ ମିଳୁଛି। ଏନେଇ ରାଜଧାନୀରେ ଥିବା କିଛି ଆଶାୟୀ କୁହନ୍ତି, ଯଦି ସରକାରୀସ୍ତରରେ ଏକ ଆବାସିକ କମ୍ପ୍ଲେକ୍ସ ନିର୍ମାଣ ହେଲେ ଏହା ଏକ ଜୀବନଦାୟୀ ସମାଧାନ ହେବ। ଏହା ଦୂରବର୍ତ୍ତୀ ଅଞ୍ଚଳର ଯୁବକ-ଯୁବତୀଙ୍କୁ ଉପକାର ପ୍ରଦାନ କରିବ। ସୁଲଭ ମୂଲ୍ୟରେ ରହଣୀ ସୁବିଧା ମିଳିବ, ଯାହା ଆର୍ଥିକ ବୋଝ ହ୍ରାସ କରି ସେମାନଙ୍କୁ ଶିକ୍ଷା ଓ ପ୍ରସ୍ତୁତି ଉପରେ ଅଧିକ ବିନିଯୋଗ କରିବାକୁ ସକ୍ଷମ ହେବ।

### ସେମାନଙ୍କ ମୁହଁରୁ:



ଭୁବନେଶ୍ୱରରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଦେବାରେ ସବୁଠି ବଡ ସମସ୍ୟା ହେଉଛି, ରହଣୀ ସମସ୍ୟା। ଆମେ ରାଜ୍ୟର ଶେଷ ପ୍ରାନ୍ତ ମୟୂରଭଞ୍ଜରୁ ଏଠାକୁ ଆସି ପହଞ୍ଚିବା ଓ ପରୀକ୍ଷା ଦେବା ଖୁବ୍ ଆହ୍ୱାନମୂଳକ ଅଟେ। ଭୁବନେଶ୍ୱର ପରି ବ୍ୟୟବହୁଳ ସହରରେ କୌଣସି ହୋଟେଲ ରୁମ୍ ଅଳ୍ପ ମୂଲ୍ୟରେ ମିଳିବା ମଧ୍ୟ ସମ୍ଭବ ନୁହେଁ। ତେଣୁ ବାଧ୍ୟ ବାଧକତାରେ ରାସ୍ତା ପିଣ୍ଡାରେ ଶୋଇବାକୁ ପଡୁଛି।

-ନିତାଇ ପୂର୍ତ୍ତି, ଯଶିପୁର, ମୟୂରଭଞ୍ଜ



ରାଜ୍ୟର ଦୂରଦୂରାନ୍ତରୁ ଆସୁଥିବା ଛାତ୍ରଛାତ୍ରୀଙ୍କୁ ଭୁବନେଶ୍ୱରରେ ପରୀକ୍ଷା, ଚାକିରି ସଂକ୍ରାନ୍ତୀୟ ପ୍ରକ୍ରିୟା କିମ୍ବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ପାଇଁ ବାରମ୍ବାର ଯାତ୍ରା କରୁଛନ୍ତି। ଏଥିରେ ସେମାନେ କେବଳ ସମୟସାପେକ୍ଷ ନୁହେଁ ବରଂ ଆର୍ଥିକ ଦୃଷ୍ଟିରୁ ମଧ୍ୟ ସମସ୍ୟା ଭୋଗୁଛନ୍ତି। ଅନେକ ସମୟରେ ଏମାନେ ନିରାପଦ ଓ ସୁଲଭ ରହିବା ସ୍ଥାନର ଅଭାବ ମାନସିକ ଚାପର ମଧ୍ୟ ସମ୍ମୁଖୀନ ହେଉଛନ୍ତି। ତେଣୁ ରହିବା ପାଇଁ ଟ୍ରାଞ୍ଜିଟ ହାଉସ୍‌ର ଆବଶ୍ୟକତା ରହିଛି।

-ସୁରଜ କୁମାର ବେହେରା, ମାଲକାନଗିରି



ରାଜଧାନୀ ହେଉଛି ଅର୍ଥ ରୋଜଗାର ପାଇଁ ପ୍ରମୁଖ ସ୍ଥାନ। କିନ୍ତୁ ଚାକିରି ଆଶାୟୀଙ୍କଠାରୁ ଜୋମାଟୋ, ସ୍ୱିଗିରେ ମଧ୍ୟ କାମ କରୁଥିବା ଯୁବଗୋଷ୍ଠୀଙ୍କ ରହିବା ପାଇଁ ଏଠାରେ କୌଣସି ସୁବିଧା ନାହିଁ। ତେଣୁ ସେମାନଙ୍କ ପାଇଁ ସୁହାଇଲା ଭଳି ଟ୍ରାନଜିଟ ହାଉସ ଭଳି କିଛି ସୁବିଧା ଯାହା ସେମାନଙ୍କୁ ସୁହାଇଲା ଭଳି ମୂଲ୍ୟରେ ମିଳିପାରନ୍ତା ତେବେ, ସେମାନଙ୍କ ଭବିଷ୍ୟତ ଗଢ଼ିବାରେ ସହାୟକ ହୋଇପାରିବ।

-କେଦାର ମିଶ୍ର, ସାହିତ୍ୟିକ ତଥା ବରିଷ୍ଠ ସାମ୍ବାଦିକ

ସକାଳ
THE SAKALA



# ସମ୍ପାଦକୀୟ



ଭୋଟ ଏକ ବନ୍ଧୁକ ପରି। ଏହାର ଉପଯୋଗିତା ବ୍ୟବହାରକାରୀର ଚରିତ୍ର ଉପରେ ନିର୍ଭର କରେ।

-ଟି. ରୁଜଭେଲ୍ଟ

## ଆସ୍ଥାର ସ୍ଖଳନ

ସର୍ବୋଚ୍ଚ ନ୍ୟାୟାଳୟରେ ଶୁଣାଣି ଚାଲିଥିବା ବେଳେ ପ୍ରଧାନ ବିଚାରପତି ଭୂଷଣ ରାମକୃଷ୍ଣ ଗଭାଇଙ୍କ ଉପରକୁ ଜନୈକ ଆଇନଜୀବୀଙ୍କ ଜୋତା ଫିଙ୍ଗିବା ଭଳି ହୀନ ଉଦ୍ୟମ ସମଗ୍ର ଦେଶକୁ ସ୍ତବ୍ଧ ଓ ଚକିତ କରିଛି। ନ୍ୟାୟର ମନ୍ଦିର ରୂପେ ସ୍ୱୀକୃତ ନ୍ୟାୟାଳୟରେ ନ୍ୟାୟମୂର୍ତ୍ତିଙ୍କ ପ୍ରତି ଏଭଳି ଅଭାବନୀୟ ଓ ଆକସ୍ମିକ ଘଟଣା ଏକପକ୍ଷରେ ନ୍ୟାୟ ବ୍ୟବସ୍ଥା ପ୍ରତି ଆସ୍ଥା ଓ ଧୈର୍ଯ୍ୟର ସ୍ଖଳନର ପ୍ରତିଫଳନକୁ ସୂଚିତ କରୁଥିବା ବେଳେ ଅପରପକ୍ଷରେ ଘଟଣାକୁ ଜାତିବାଦ ଓ ଧର୍ମ ସହିତ ଯୋଡ଼ିବାର ଉପକ୍ରମ ମଧ୍ୟ ଆରମ୍ଭ ହୋଇସାରିଛି। ଦଳମତ ନିର୍ବିଶେଷରେ ତୁଙ୍ଗ ନେତୃବୃନ୍ଦ ଏହି ଘଟଣାକୁ ନିନ୍ଦା କରିବା ପରେ ଆପାତତଃ ଘଟଣାର ରାଜନୀତିକରଣ ଆଶଙ୍କା ଦୂର ହୋଇଛି।

ରାକେଶ କିଶୋର ନାମକ ସମ୍ପୃକ୍ତ ଆଇନଜୀବୀଙ୍କ ଏତାଦୃଶ ଅଶୋଭନୀୟ ଆଚରଣକୁ ଯେ ତାଙ୍କର ଧର୍ମୀୟ ଭାବନା ଓ ଅସହିଷ୍ଣୁତା ପ୍ରରୋଚିତ କରିଛି ତାହା ଖୋଦ୍ ତାଙ୍କ ଉଚ୍ଚାରଣରୁ ପ୍ରମାଣିତ ହୋଇଛି। ଘଟଣାର ପୃଷ୍ଠଭୂମି ମଧ୍ୟପ୍ରଦେଶର ଖଜୁରାହୋ ବିଷ୍ଣୁମୂର୍ତ୍ତି ପୁନରୁଦ୍ଧାର ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲା ସହିତ ଜଡ଼ିତ। ଗତ ମାସରେ ମାମଲାର ଶୁଣାଣି ସମୟରେ ପ୍ରଧାନବିଚାରପତି ଏହାକୁ 'ପ୍ରଚାର ସର୍ବସ୍ୱ ମାମଲା' ଭାବେ ଅଭିହିତ କରି ଘଟଣାର ସମାଧାନ ପାଇଁ ବିଷ୍ଣୁ ଭଗବାନ୍‌ଙ୍କୁ ଫେରାଦ ହେବାକୁ ମାମଲା ଦାୟର କରିଥିବା ଆଇନଜୀବୀ ରାକେଶ କିଶୋରଙ୍କୁ କହିଥିଲେ। ଏହାର ପ୍ରତିକ୍ରିୟା ସ୍ୱରୂପ କିଛି ସପ୍ତାହ ପରେ ରାକେଶ ଏଭଳି କାଣ୍ଡ ଭିଆଇଥିଲେ ବୋଲି କୁହାଯାଉଛି। ଏତାଦୃଶ କାର୍ଯ୍ୟକଳାପ ପରେ ପ୍ରଧାନ ବିଚାରପତିଙ୍କ ଉଦ୍ଦେଶ୍ୟରେ ରାକେଶଙ୍କ ମନ୍ତବ୍ୟ ଥିଲା - 'ସନାତନ ଧର୍ମର ଅପମାନକୁ ଭାରତ ବରଦାସ୍ତ କରିବ ନାହିଁ।' ତେଣୁ ସ୍ୱାଭାବିକ ଭାବରେ ଘଟଣାକୁ ଜାତିବାଦର ରଙ୍ଗ ଦେବାକୁ ଉଦ୍ୟମ ହେଉଛି ଏବଂ ଏକଲବ୍ୟଙ୍କଠାରୁ ଆରମ୍ଭ କରି ଆମ୍ବେଦକର ଓ ଗଭାଇଙ୍କୁ ନେଇ ସମାଜତନ୍ତ୍ରର ଏକ ସଂଯୋଗସୂତ୍ରୀ ପରିକଳ୍ପନା ମଧ୍ୟ ଆରମ୍ଭ ହୋଇଛି।

ଘଟଣା ପରେ ପ୍ରଧାନ ନ୍ୟାୟମୂର୍ତ୍ତି ବି ଆର ଗଭାଇ ଦଣ୍ଡିବା ଶକ୍ତି ଥାଇ ମଧ୍ୟ କ୍ଷମା ଆଚରଣ କରି ରାକେଶଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଭିତରେ କିନ୍ତୁ ଯେଉଁ ପ୍ରଶ୍ନ ଚିହ୍ନଟିଏ ସୃଷ୍ଟି ହୋଇସାରିଛି ତାହା ଅତି ସମ୍ବେଦନଶୀଳ ଓ ଚିନ୍ତା ଉଦ୍ରେକକାରୀ। ଏତାଦୃଶ ଆଚରଣ ବ୍ୟବସ୍ଥା ପ୍ରତି ଆସ୍ଥାର ସ୍ଖଳନକୁ ସୂଚିତ କରୁଛି, ଯାହାର ସୁଦୂରପ୍ରସାରୀ କୁପ୍ରଭାବ ଅରାଜକତାକୁ ଜନ୍ମ ଦେବା ଅସମ୍ଭବ ନୁହେଁ। ତେଣୁ ଏହି ଅବାଞ୍ଛିତ ଅଧ୍ୟାୟର ପୁନରାବୃତ୍ତି ଯେପରି ନ ଘଟେ ସେଥିପ୍ରତି ଗଣତନ୍ତ୍ରର ସମସ୍ତ ସ୍ତମ୍ଭ ଯତ୍ନବାନ ହେବା ବିଧେୟ। ଆଇନଜୀବୀଙ୍କ ଆଚରଣ ନିନ୍ଦନୀୟ, ଏହା ଅନସ୍ୱୀକାର୍ଯ୍ୟ। କିନ୍ତୁ ସର୍ବୋପରି ସମ୍ବିଧାନ ସ୍ୱୀକୃତ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଆସୀନ ବିଶିଷ୍ଟ ଓ ଅତିବିଶିଷ୍ଟ ବ୍ୟକ୍ତିତ୍ୱମାନେ ମନ୍ତବ୍ୟ/ରାୟ ଦେବା ବେଳେ ନିଜ ପଦମର୍ଯ୍ୟାଦା, ଅନୁଷ୍ଠାନର ଗରିମା, ସାମ୍ବିଧାନିକ ମୂଲ୍ୟବୋଧ ଯେପରି କ୍ଷୁଣ୍ଣ ନହୁଏ ସେଥିପ୍ରତି ସର୍ବାଦୌ ଯତ୍ନଶୀଳ ହେବା ଆବଶ୍ୟକ। ବିଶେଷକରି ଜାତି-ଧର୍ମ-ସମ୍ପ୍ରଦାୟ ସହିତ ଜଡ଼ିତ ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକ ବ୍ୟକ୍ତିଗତ ଭାବନା, ଭାବନା ଓ ଆଦର୍ଶରୁ ଊର୍ଦ୍ଧ୍ୱରେ ରହିଲେ ସମ୍ବିଧାନ ଓ ଆଇନର ଶାସନ ସୁସଂହତ ହେବ।

## ଐତିହ୍ୟର ଘରୋଇକରଣ!

ରୁଗ୍‌ଣ ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ ଅନୁକ୍ରମରେ ଦେଶର ଐତିହ୍ୟ ଓ ସ୍ମାରକୀଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ଘରୋଇ ସଂସ୍ଥା ହାତକୁ ଟେକି ଦେବା ପାଇଁ ବିଚାରବିମର୍ଶ ହେଉଥିବା ସୂଚନା ମିଳିଛି। ଯଦି ଏହା ବାସ୍ତବ ରୂପ ନିଏ ତେବେ ଭାରତୀୟ ଅନନ୍ୟ ସଂସ୍କୃତି ଓ ଗୌରବାବହ ପରମ୍ପରାର ସ୍ୱାକ୍ଷର ବହନ କରୁଥିବା ପ୍ରାଚୀନ କୀର୍ତ୍ତିରାଜିଗୁଡ଼ିକ ବଜାର ଅର୍ଥନୀତିର ଏକ ଅଂଶ ହୋଇଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦେଶର ଐତିହ୍ୟ ଓ କୀର୍ତ୍ତିରାଜିର ସୁରକ୍ଷା ପ୍ରତି ରାଷ୍ଟ୍ରର ଏକ ଅଲିଖିତ ଓ ଅପରିହାର୍ଯ୍ୟ ଦାୟିତ୍ୱବୋଧ ରହିଛି। ଅଥଚ ଅର୍ଥ ଓ ମାନବ ସମ୍ବଳ ଅଭାବ ଆଳରେ ସରକାରଙ୍କ ଦାୟିତ୍ୱମୁକ୍ତ ଉଦ୍ୟମ ଅବାଞ୍ଛନୀୟ।

ସମ୍ପ୍ରତି ଦେଶର ପ୍ରାୟ ୩, ୭୦୦ ପ୍ରାଚୀନ କୀର୍ତ୍ତିରାଜି, ସ୍ମାରକୀ ଓ ଐତିହ୍ୟର ରକ୍ଷଣାବେକ୍ଷଣ, ମରାମତି ଓ ପରିଚାଳନା ଦାୟିତ୍ୱ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ହାତରେ ନ୍ୟସ୍ତ ଅଛି। ଅପରପକ୍ଷରେ ଏଏସ୍‌ଆଇ ବଜେଟ୍ ବରାଦ ଅର୍ଥ ଖର୍ଚ୍ଚ କରିପାରୁ ନାହିଁ। ଦାୟିତ୍ୱହୀନତା କାରଣରୁ ଦିନକୁ ଦିନ ନିରୁଦ୍ଦିଷ୍ଟ ଐତିହ୍ୟରାଜିର ତାଲିକା ବଢ଼ିବାରେ ଲାଗିଛି। ଏହି ପୃଷ୍ଠଭୂମିରେ ଏଏସ୍‌ଆଇର ପରିଚାଳନାଗତ ଦକ୍ଷତା ବୃଦ୍ଧି ଦିଗରେ ଦୃଷ୍ଟି ନ ଦେଇ ଐତିହ୍ୟସମୂହର ଘରୋଇକରଣ ଯୋଜନା କେତେ ଠିକ୍ ତାହା ବିଚାରଯୋଗ୍ୟ। ପ୍ରସ୍ତାବିତ ଯୋଜନା ଅନୁଯାୟୀ କେତେକ ବଛା ବଛା ସ୍ଥପତିଙ୍କୁ ନେଇ ଏକ କମିଟି ଗଠନ କରାଯିବ। ତା'ସହିତ ବଦାନ୍ୟ ବ୍ୟକ୍ତି ଓ ସଂସ୍ଥାଙ୍କୁ ମଧ୍ୟ ନିବେଶ ପାଇଁ ଅନୁରୋଧ କରାଯିବ। କେଉଁ ଐତିହ୍ୟର ରକ୍ଷଣାବେକ୍ଷଣ ଦାୟିତ୍ୱ କେଉଁ ଘରୋଇ ସଂସ୍ଥାଙ୍କୁ ଦିଆଯିବ ଏବଂ ସମ୍ପୃକ୍ତ ଘରୋଇ ସଂସ୍ଥାଙ୍କୁ କେଉଁ ବଦାନ୍ୟ ବ୍ୟକ୍ତି/ସଂସ୍ଥା ପାଣ୍ଠି ଯୋଗାଇ ଦେବେ ତାହା ଉକ୍ତ ସ୍ଥପତି କମିଟି ସୁପାରିସ କରିବ ଏବଂ ବିହିତ ପରାମର୍ଶ ଦେବ। ଟେଣ୍ଡର ଜରିଆରେ ଘରୋଇ ସଂସ୍ଥାଙ୍କୁ ମନୋନୀତ କରାଯିବ। ଯେଉଁ ସଂସ୍ଥାମାନେ ଟେଣ୍ଡର ପ୍ରକ୍ରିୟାରେ ଯୋଗ୍ୟ ବିବେଚିତ ହେବେ ସେମାନେ ସିଧାସଳଖ ସେମାନଙ୍କ ପସନ୍ଦ ମୁତାବକ ରକ୍ଷଣାବେକ୍ଷଣ ବିଶେଷଜ୍ଞ ଚୟନ କରିପାରିବେ ଏବଂ ସେଠାରେ ସେମାନେ ନିଜକୁ ବିଜ୍ଞାପିତ କରିପାରିବେ। ଐତିହ୍ୟର ରକ୍ଷଣାବେକ୍ଷଣ/ମରାମତିରେ ଖର୍ଚ୍ଚ ରାଶିକୁ ଶତପ୍ରତିଶତ ଟିକସ ରିହାତି ମିଳିବ ଏବଂ ଏବାବଦ ଖର୍ଚ୍ଚ ସେମାନଙ୍କ ସିଏସ୍‌ଆର(କର୍ପୋରେଟ୍ ସୋସିଆଲ୍ ରେସ୍‌ପନ୍ସିବିଲିଟି) ଅଧୀନକୁ ଆସିଯିବ।

ଅତୀତରେ ଦିଲ୍ଲୀର ଐତିହାସିକ ଲାଲ କିଲ୍ଲା ସମେତ କେତେକ ଐତିହ୍ୟର ରକ୍ଷଣାବେକ୍ଷଣ ଦାୟିତ୍ୱ ଘରୋଇ ସଂସ୍ଥାଙ୍କୁ ଦିଆଯିବା ପରେ ବିବାଦ ଉଠିଥିଲା ଏବଂ ଉକ୍ତ ପ୍ରୟାସ ତା'ର ମହତ୍ ଲକ୍ଷ୍ୟ ହରାଇଥିବା ଅଭିଯୋଗ ହୋଇଥିଲା। ବୋଧହୁଏ ସରକାର ଅଭିଜ୍ଞତାରୁ କିଛି ଶିଖିଲେ ନାହିଁ। ଦେଶର ଐତିହ୍ୟ ଓ କୀର୍ତ୍ତିରାଜିର ସୁରକ୍ଷାରେ ଶିଳ୍ପ ସଂସ୍ଥାଙ୍କୁ ଅଂଶୀଦାର କରିବାର ପ୍ରୟାସ ସ୍ୱାଗତଯୋଗ୍ୟ; କିନ୍ତୁ ଏହାର ଫଳଫଳ ଯେ ଐତିହ୍ୟର ବ୍ୟବସାୟୀକରଣ ଓ ବାହ୍ୟ ଶକ୍ତିର ଶ୍ୟେନ ଦୃଷ୍ଟିର ଶିକାରରେ ଅନ୍ତ ନ ହେବ ସେହି ନିଶ୍ଚିତତା କିଏ କରିବ?

# ବିକଶିତ ଗ୍ରାମପଞ୍ଚାୟତରେ ମହିଳାଙ୍କ ଭାଗିଦାରୀ

ଦୋଳଗୋବିନ୍ଦ ପଣ୍ଡା

ଗୋଟିଏ ବିକଶିତ ରାଜ୍ୟ କହିଲେ ଆମେ ଉତ୍ତମ ପ୍ରାକୃତିକ ଓ ସାମାଜିକ ପରିବେଶ, ଶାନ୍ତି, ମୈତ୍ରୀ ଓ ପ୍ରଗତି ସ୍ୱରୂପ ସମସ୍ତଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର ବିଷୟରେ ପରିକଳ୍ପନା କରିଥାଉ। ଜାତିସଂଘ ଦ୍ୱାରା ସ୍ଥିରୀକୃତ ନିରନ୍ତର ବିକାଶ ଲକ୍ଷ୍ୟକୁ ୨୦୩୦ ମସିହା ସୁଦ୍ଧା ହାସଲ କରିବାକୁ ବିଶ୍ୱର ରାଷ୍ଟ୍ରଗୁଡ଼ିକ ସଂକଳ୍ପ ନେଇଛନ୍ତି। ଆମ ରାଜ୍ୟ ମଧ୍ୟ ନିରନ୍ତର ବିକାଶ ହାସଲ କରିବା ନିମନ୍ତେ ସଫଳ ପ୍ରୟାସର ସୂଚନା ଦେଇ ଆସିଛି। ନିତି ଆୟୋଗଙ୍କ ୨୦୨୩ ରିପୋର୍ଟ ଅନୁସାରେ ବହୁମୁଖୀ ଦାରିଦ୍ର୍ୟ ଦୂର କରିବାରେ ଦୃଷ୍ଟାନ୍ତମୂଳକ ସଫଳତା ପାଇଛି। କିନ୍ତୁ ନିରନ୍ତର ବିକାଶ ଲକ୍ଷ୍ୟ କେବଳ ଦାରିଦ୍ର୍ୟ ଦୂର କରିବାରେ ସୀମିତ ନୁହେଁ। ତେଣୁ ନିରନ୍ତର ବିକାଶ ଲକ୍ଷ୍ୟକୁ ବିକେନ୍ଦ୍ରୀକରଣ କରି ଆଞ୍ଚଳିକ ସ୍ତରରେ ଏହାକୁ ହାସଲ କରିବା ପାଇଁ ଭାରତ ସରକାର ୧୭ ଟି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟକୁ ୯ ଟି ବର୍ଗର ଶ୍ରେଣୀଭୁକ୍ତ କରିଛନ୍ତି। ଏହି ବର୍ଗଗୁଡ଼ିକ ହେଲା ଉନ୍ନତ ଜୀବିକା ଓ ଦାରିଦ୍ର୍ୟ ମୁକ୍ତ ଗ୍ରାମ, ଶିଶୁପ୍ରିୟ ଗ୍ରାମ ପଞ୍ଚାୟତ, ଜଳସମୃଦ୍ଧ ଗ୍ରାମ ପଞ୍ଚାୟତ, ସ୍ୱଚ୍ଛ ଓ ସବୁଜ ଗ୍ରାମ ପଞ୍ଚାୟତ, ସାମାଜିକ ରୂପେ ସୁରକ୍ଷିତ ଗ୍ରାମ, ଭିତ୍ତିଭୂମି ଆତ୍ମନିର୍ଭରଶୀଳ ଗ୍ରାମ, ସୁଶାସନ ଗ୍ରାମ, ଲିଙ୍ଗଗତ ସମାନତା ଭିତ୍ତିକ ବିକାଶ କରୁଥିବା ବା ମହିଳା ହିତୈଷୀ ଗ୍ରାମ ପଞ୍ଚାୟତ।

ମହିଳାମାନଙ୍କର ଆବଶ୍ୟକୀୟ ପ୍ରଗତି ନିମନ୍ତେ ସାମ୍ବିଧାନିକ ବ୍ୟବସ୍ଥା ତଥା ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ପଦକ୍ଷେପ ନିଆଯାଇଛି। ଆମ ରାଜ୍ୟରେ ଗ୍ରାମପଞ୍ଚାୟତ ସ୍ତରରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ଆସନ ସଂରକ୍ଷିତ ରହିଛି। ମହିଳାମାନେ ଅସଂରକ୍ଷିତ ଆସନରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ଅନୁସାରେ ଯେଉଁଠି ସରପଞ୍ଚ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ନୁହେଁ ବା ମହିଳା ସରପଞ୍ଚ ଭାବେ ନିର୍ବାଚିତ ହୋଇନାହାନ୍ତି; ସେଇ ପଞ୍ଚାୟତରେ ନାଏବ୍ ସରପଞ୍ଚ ପଦବୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ। ତଫସିଲଭୁକ୍ତ ଜାତି, ଜନଜାତି ଓ ପଛୁଆ ବର୍ଗ ପାଇଁ ସଂରକ୍ଷିତ ଆସନଗୁଡ଼ିକ ମଧ୍ୟରୁ ୫୦ ପ୍ରତିଶତ ଆସନ ସେଇ ବର୍ଗର ମହିଳାଙ୍କ ପାଇଁ ଉଦ୍ଦିଷ୍ଟ। ଫଳସ୍ୱରୂପ ବର୍ତ୍ତମାନ ଆମ ଓଡ଼ିଶାରେ ଜିଲ୍ଲା ପରିଷଦରେ ୭୦ ପ୍ରତିଶତ ମହିଳା ଅଧ୍ୟକ୍ଷା ଥିବା ବେଳେ ପଞ୍ଚାୟତ ସମିତିର ଅଧ୍ୟକ୍ଷା ପଦରେ ୬୭ ପ୍ରତିଶତ ଏବଂ ସରପଞ୍ଚ ପଦବୀରେ ୫୬ ପ୍ରତିଶତ ମହିଳା ଅଛନ୍ତି।

ସମାଜରେ ଲିଙ୍ଗଗତ ଭେଦଭାବକୁ ହ୍ରାସ କରିବା ଏବଂ ମହିଳାମାନଙ୍କର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ଯୋଗଦାନକୁ ବ୍ୟାପକ କରିବା ନିମନ୍ତେ ପଞ୍ଚାୟତ ସ୍ତରରେ ମହିଳା ସଭା ଆୟୋଜନ ପାଇଁ ଆଇନ ପ୍ରଣୟନ କରାଯାଇଛି। ଗ୍ରାମ ପଞ୍ଚାୟତରେ ଥିବା ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ଭୋଟରଙ୍କୁ ନେଇ ମହିଳା ସଭା ଆୟୋଜନ କରାଯାଏ। ମହିଳା ସଭା ବୈଠକରେ ୨୦ ପ୍ରତିଶତ ଅଧିକ ମହିଳା ଭୋଟର ଅଂଶଗ୍ରହଣ କରିବା ବାଞ୍ଛନୀୟ। ମହିଳା ସଭାରେ ମହିଳାମାନଙ୍କ ପ୍ରଗତି ନିମନ୍ତେ କାର୍ଯ୍ୟ କରୁଥିବା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରତିନିଧିତ୍ୱ ଅଛି। ଗୋଟିଏ ଆର୍ଥିକ ବର୍ଷରେ ୪ଟି ମହିଳା ସଭା ଆୟୋଜନର ବ୍ୟବସ୍ଥା ଅଛି। ପ୍ରଥମ ମହିଳା ସଭାର ବିଷୟବସ୍ତୁ ହେଉଛି ସ୍ୱାସ୍ଥ୍ୟ, ପୋଷଣ ଓ ସ୍ୱଚ୍ଛତା। ଦ୍ୱିତୀୟ ମହିଳା ସଭାର ବିଷୟ ହେଉଛି ଶିକ୍ଷା ଓ ଜୀବିକାର ବିକାଶ। ତୃତୀୟ ମହିଳା ସଭାର ବିଷୟ ହେଉଛି ମହିଳାମାନଙ୍କର ସ୍ଥାନୀୟ ସରକାରରେ ଅଂଶଗ୍ରହଣ ଓ ଲିଙ୍ଗଗତ ସମାନତା। ଚତୁର୍ଥ ମହିଳା ସଭାର ବିଷୟ ହେଉଛି ମହିଳାମାନଙ୍କର ବିକାଶ କ୍ଷେତ୍ରରେ ବାଧା ସୃଷ୍ଟି କରୁଥିବା ସାମାଜିକ ଓ ଅନ୍ୟାନ୍ୟ ବ୍ୟବସ୍ଥା ଏବଂ ମହିଳାମାନଙ୍କ ଜୀବନ ଦକ୍ଷତା, ଯାହା ବ୍ୟକ୍ତିଗତ ବିକାଶ, ଶିକ୍ଷା, କର୍ମକ୍ଷେତ୍ରରେ ପ୍ରଗତି ଇତ୍ୟାଦି ଉପରେ ଆଧାରିତ।

ମହିଳା ହିତାଧିକାରୀମାନଙ୍କ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ବିଭାଗ ତରଫରୁ ଆଉ ଦୁଇଟି ପ୍ରମୁଖ ଯୋଜନା ଆମର ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ସୁଭଦ୍ରା ଯୋଜନାରେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇପାରିଛନ୍ତି। ପ୍ରତି ହିତାଧିକାରୀଙ୍କୁ ବର୍ଷକୁ ୧୦,୦୦୦ ଟଙ୍କା ହିସାବରେ ୫ ବର୍ଷରେ ୫୦,୦୦୦ ଟଙ୍କା ହେବାର ବ୍ୟବସ୍ଥା ଅଛି। ସୁଭଦ୍ରା ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଆର୍ଥିକ ସହାୟତା ପ୍ରଦାନ କରି ମହିଳାମାନଙ୍କର ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା, ସ୍ୱାସ୍ଥ୍ୟ ଓ ଶିକ୍ଷାଗତ ସ୍ଥିତିରେ ଉନ୍ନତି ଆଣିବା, ଆର୍ଥିକ ସ୍ୱାଧୀନତା, ଉଦ୍ୟମିତା, ଡିଜିଟାଲ ଆର୍ଥିକ ସାକ୍ଷରତାକୁ ଉତ୍ସାହିତ କରିବା ଏବଂ ବ୍ୟକ୍ତିଗତ ତଥା ବୃତ୍ତିଗତ ଅଭିବୃଦ୍ଧିରେ ସେମାନଙ୍କୁ ସଶକ୍ତ କରିବା। ସେହିପରି ମିଶନ ଶକ୍ତି ବିଭାଗରୁ ମହିଳାମାନଙ୍କ ଜୀବିକା ସାଧନକୁ ପ୍ରୋତ୍ସାହନ ନିମନ୍ତେ ଲକ୍ଷ୍ୟପତି ଦିଦି ସହାୟିକା ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାରେ ସ୍ୱୟଂ ସହାୟତା ଦଳରେ ସାମିଲ ଥିବା ମହିଳାମାନଙ୍କୁ କୃଷି, ଅଣକୃଷି ଇତ୍ୟାଦି କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ଷିକ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଆୟ କରିବା ନିମନ୍ତେ ପ୍ରଶିକ୍ଷଣ, ବୈଷୟିକ ସହାୟତା ଓ ବ୍ୟାଙ୍କ ମାଧ୍ୟମରେ ଋଣ ସହାୟତା ପ୍ରଦାନ କରାଯାଉଛି। ଚଳିତ ବର୍ଷ ଜୁନ ୧୮ ତାରିଖ ସୁଦ୍ଧା ୧୬.୬ ଲକ୍ଷ ଲକ୍ଷପତି ଦିଦିଙ୍କୁ ଚିହ୍ନଟ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତରେ ଲକ୍ଷପତି ଦିଦିଙ୍କ ମଧ୍ୟରୁ ଅନେକ ସୁଭଦ୍ରା ହିତାଧିକାରୀ ହୋଇଥିବାରୁ ସେମାନଙ୍କୁ ଜୀବିକା ସାଧନ, ସୂକ୍ଷ୍ମ ଉଦ୍ୟୋଗ ସ୍ଥାପନ ଇତ୍ୟାଦି କାମରେ ସହାୟତା କରାଯାଇପାରିବ। ଏତଦ୍‌ବ୍ୟତୀତ ଗ୍ରାମ ପଞ୍ଚାୟତରୁ କାର୍ଯ୍ୟକାରୀ ହେଉଥିବା ମହାତ୍ମା ଗାନ୍ଧୀ ନିଶ୍ଚିତ ଗ୍ରାମୀଣ ରୋଜଗାର ଯୋଜନାରେ ଉଭୟ ସୁଭଦ୍ରା ହିତାଧିକାରୀ ଏବଂ ଲକ୍ଷପତି ଦିଦିଙ୍କ ପାଇଁ ପ୍ରାକୃତିକ ସମ୍ବଳ ଆଧାରିତ କ୍ଷେତ ପୋଖରୀ, ଫଳଦାୟକ ବୃକ୍ଷ ରୋପଣ, ଛେଳି ଘର ଏବଂ ଗାଈ ଗୁହାଳ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯାଇପାରିବ। ଯେହେତୁ ମହିଳାମାନେ ସଂଗଠିତ ଅଛନ୍ତି ଏବଂ ସେମାନଙ୍କ ଗୋଷ୍ଠୀ ପାଖରେ ପୁଞ୍ଜି ବ୍ୟବସ୍ଥା ଅଛି କୃଷି, ମତ୍ସ୍ୟ, ପଶୁପାଳନ, ଲଘୁ ଉଦ୍ୟୋଗ ଇତ୍ୟାଦି ବିଭାଗ ଗ୍ରାମ ପଞ୍ଚାୟତ ସହିତ ମିଶି ବ୍ୟକ୍ତି ଓ ଗୋଷ୍ଠୀଗତ ଯୋଜନା କଲେ ମହିଳାମାନଙ୍କୁ ଯୋଜନାର ସଫଳତା ଅଧିକ ମିଳିବ।

ଆମ ରାଜ୍ୟରେ ୬୭୯୪ ଟି ଗ୍ରାମ ପଞ୍ଚାୟତସ୍ତରୀୟ ସ୍ୱୟଂ ସହାୟତା ସଂଘ ଅଛି। ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସ୍ତରୀୟ ସଂଘର ସମନ୍ୱୟ ପୂର୍ବକ ପଞ୍ଚାୟତରେ ଯୋଜନା ପ୍ରସ୍ତୁତି ଏବଂ କାର୍ଯ୍ୟକାରୀ କରିବାର ପ୍ରକ୍ରିୟାକୁ ସୁଦୃଢ଼ କରାଯାଇପାରିବ। ଗ୍ରାମ ପଞ୍ଚାୟତ ବିକାଶ ଯୋଜନାରେ ଗୋଟିଏ ପଞ୍ଚାୟତ ନିମନ୍ତେ ଗୋଟିଏ ଯୋଜନା ବିଷୟରେ କୁହାଯାଇଛି। ସ୍ୱାସ୍ଥ୍ୟ, ଜଳ ଓ ପରିମଳ, ଜଳସେଚନ ଓ କୃଷି ଇତ୍ୟାଦି ଉପଯୋଜନାଗୁଡ଼ିକୁ ଗ୍ରାମସଭାରେ ଅନୁମୋଦନ ପାଇଁ ପ୍ରସ୍ତାବ ଦିଆଯାଇପାରିବ। ଗ୍ରାମ ପଞ୍ଚାୟତରେ ଥିବା ଲୋକଙ୍କ ପାଇଁ ସ୍ଥାନୀୟ ସରକାର ହେଉଛନ୍ତି ତାଙ୍କ ପଞ୍ଚାୟତ। ଯୋଜନା ପ୍ରସ୍ତୁତି, ତର୍ଜମା ଓ ଅନୁମୋଦନ ପାଇଁ ଗ୍ରାମସଭା ଗଠନର ସାମ୍ବିଧାନିକ ବ୍ୟବସ୍ଥା ଅଛି। ସରକାରଙ୍କ ବିଭିନ୍ନ ବିଭାଗରୁ ସ୍ଥାୟୀ ଓ ଅନୁବନ୍ଧିତ କର୍ମଚାରୀମାନେ ପଞ୍ଚାୟତରେ କାମ କରୁଛନ୍ତି। ଗୋଟିଏ ପଞ୍ଚାୟତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଡାଟା ଅପେରେଟର, ଗ୍ରାମ ରୋଜଗାର ସାଥୀ, ମାଷ୍ଟର ବୁକ କିପର, ୪ ରୁ ୫ ଜଣ କମ୍ୟୁନିଟି ମୋବିଲାଇଜର, ପ୍ରାଣୀମିତ୍ର, କୃଷିମିତ୍ର, ଗ୍ରାମସେବକ, ଯୋଗାଣ ସହାୟକ, ୪-୫ ଜଣ ଅଙ୍ଗନବାଡ଼ି କର୍ମୀ ଏବଂ ଆଶାକର୍ମୀ ପ୍ରମୁଖ କାମ କରୁଛନ୍ତି।

ନିରନ୍ତର ବିକାଶ ଲକ୍ଷ୍ୟକୁ ୨୦୩୦ ସୁଦ୍ଧା ଏବଂ ବିକଶିତ ଓଡ଼ିଶାର ଲକ୍ଷ୍ୟକୁ ୨୦୩୬ ସୁଦ୍ଧା ହାସଲ କରିବାକୁ ହେଲେ ଗ୍ରାମ ପଞ୍ଚାୟତ, ଗ୍ରାମ ପଞ୍ଚାୟତସ୍ତରୀୟ ସଂଘ ଏବଂ ଗ୍ରାମ ପଞ୍ଚାୟତରେ କାମ କରୁଥିବା ସରକାରୀ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ଏବଂ ମିଳିମିଶି କାମ କରିବାର ଆବଶ୍ୟକତା ଅଛି। ଉଦାହରଣ ସ୍ୱରୂପ ଗୋଟିଏ ଗ୍ରାମରେ ସୁସ୍ଥ ଗ୍ରାମ ଲକ୍ଷ୍ୟ ରଖା ଯାଇଛି ଏବଂ ସେହି ଗ୍ରାମରେ ନିୟମିତ ଟିକାକରଣ, ମହିଳା ଓ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ତଥା ପୋଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଅଛି। ଯଦି ସେହି ଗ୍ରାମରେ ଅନ୍ୟ କୌଣସି ଯୋଜନା ମାଧ୍ୟମରେ ରାସାୟନିକ କୃଷି ପଦ୍ଧତି ମାଧ୍ୟମରେ ଚାଷ କରାଯାଇ କର୍କଟ ସୃଷ୍ଟିକାରକ କୀଟନାଶକ ଫସଲରେ ପ୍ରୟୋଗ କରାଯାଏ ତେବେ ଗାଁର ମାଟି, ପାଣି, ଫସଲରେ ବିଷ ଅଂଶ ରହିଯିବାର ଆଶଙ୍କା ଅଛି, ଯାହାକି ଶିଶୁ, ମହିଳା ଓ ସମସ୍ତଙ୍କ ସ୍ୱାସ୍ଥ୍ୟ ନିମନ୍ତେ ହାନିକାରକ ହେବ। ଏଣୁ ସମୟ ଆସିଛି ସମଗ୍ର ରାଜ୍ୟ ପାଇଁ ମିଳିମିଶି କାମ କରିବା ପାଇଁ ମାର୍ଗଦର୍ଶିକା ଓ ଖସଡ଼ା ପ୍ରସ୍ତୁତି କରିବା। ଏକ ଆହ୍ୱାନପୂର୍ଣ୍ଣ ଲକ୍ଷ୍ୟ ହାସଲ କରିବାକୁ ହେଲେ ଆମକୁ ଅଭିନବ ପନ୍ଥା ଅବଲମ୍ବନ କରିବାକୁ ହେବ।

ଭୁବନେଶ୍ୱର, ମୋ: ୮୬୫୮୯୮୬୭୭୭

# ଭୟହୀନ ଅପରାଧ ବନାମ ଭୟଭୀତ ସମାଜ

ଡକ୍ଟର ବିଶ୍ୱରଂଜନ ଦାସ

ଏଥର ପାର୍ବଣ ଋତୁ ସମଗ୍ର ଉପକୂଳ ଓଡ଼ିଶାରେ ପାଳୁଛି ସନ୍ତାପର ମହୋତ୍ସବ। ପାଳିତ ଦୁର୍ଗାପୂଜା, କୁମାରୋତ୍ସବ, ଗଜଲକ୍ଷ୍ମୀ ପୂଜା ଇତ୍ୟାଦିର ସାଜସଜ୍ଜାରେ ଉପକୂଳ ଓଡ଼ିଶା ଯେତେବେଳେ ଜାଗଯମଗ କରିବାର ଥିଲା, ସେତିକିବେଳେ ଅଶାନ୍ତି ଅଗ୍ନିର ଆଭା ଏବଂ ଖବରର ଶିରୋନାମାରେ କେବଳ ଗୋଟେ ପରେ ଗୋଟେ ଅପରାଧ ଘଟଣା ଦେଖାଯାଇଥିଲା। ପାର୍ବଣ ଆରମ୍ଭର ପ୍ରଥମ ଦୁଃସମ୍ବାଦ ଭାବେ ନୀତି ଓ ଆଦର୍ଶର ଅସ୍ଥିପଞ୍ଜରାକୁ ଅଧୋନୀତ କରିଦେଲା ପୁଲିସ ଏସ.ଆଇ. ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣା। ଆମ ଆଇନ ବ୍ୟବସ୍ଥାର ଗୋଟେ ଗଭୀର ଅସୁସ୍ଥତାର ପରିଚୟ ଦେଲା ଚୌଦ୍ୱାର ଜେଲରୁ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଫେରାର ଖବର। ଅପରାଧୀଠୁ ବଳି ଅପରାଧ ଓ ମାନବିକତା ପ୍ରତି ଆକ୍ରମଣ ହେଲା ଭଦ୍ରକରେ ରାସ୍ତା କଡ଼ରୁ ମାନସିକ ଅସୁସ୍ଥ ମହିଳାଙ୍କୁ ଉଠେଇ ଦୁଷ୍କର୍ମ। କଟକରେ ଜାତିଆଣ ଦଙ୍ଗା, ବାଲେଶ୍ୱରରେ ରାଜରାସ୍ତାରେ ମହିଳାଙ୍କୁ ମାଡ଼ ଓ କର୍ଫ୍ୟୁ, ବ୍ରହ୍ମପୁରରେ ରାଜନେତା ତଥା ଆଇନଜୀବୀଙ୍କୁ ହତ୍ୟା, ପିପିଲିରେ ଚଳନ୍ତା ବସରେ ପଶି ଦୁର୍ବୃତ୍ତର ଆକ୍ରମଣ ପ୍ରଭୃତି ଘଟଣା ମିଶି ଚଳିତ ପାର୍ବଣରେ ମଣିଷ ତିଆରି କରୁଛି ଗୋଟେ ଭୟ ଓ ସନ୍ତାପର ନୂତନ ମହୋତ୍ସବ। ଯେଉଁଠି ମଣିଷ ମଣିଷକୁ ଭୟ କରେ, ଯେଉଁଠି ମାତାପିତା ତାଙ୍କ ସନ୍ତାନଙ୍କୁ ବାହାରକୁ ପଠାଇବା ପୂର୍ବରୁ ତିନିଥର ଚିନ୍ତା କରନ୍ତି, ସେଇଠି ଆଶା ଓ ଭରସାର ଅସ୍ପଷ୍ଟ ଛାୟା ନିଶ୍ଚୟ ମାଡ଼ି ଯାଇଛି ବୋଲି କହିବାକୁ ହେବ।

ସମ୍ପ୍ରତି ସମାଜର ମନୋବିଜ୍ଞାନ ବିଶ୍ଳେଷଣ କରିବା ନା ନିରାପତ୍ତା ଅଭାବର ଶିକାର ପାଇଁ ସମାଧାନର ପନ୍ଥା ଖୋଜିବା? ଅପରାଧୀ ଭୟଭୀତ ନୁହେଁ, ନିର୍ଦ୍ଦୋଷ ମଣିଷ ଆଜି ଭୟଭୀତ। ଏହି ସମୟରେ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହେବା ସ୍ୱାଭାବିକ। ପବିତ୍ର ଉତ୍କଳ ଭୂମି ଆଜି ଜନମନର ଗଭୀର ପୀଡ଼ାର ଅସହାୟ ଅଭିବ୍ୟକ୍ତି ପ୍ରକାଶ କରୁଛି। ଅପରାଧୀ ଲୁଚୁଛି ଲାଭର ଖୁଆଡ଼ରେ, ଅର୍ଥ-ପ୍ରତିପତ୍ତି ଓ କ୍ଷମତାର ଉହାଡ଼ରେ। କେବଳ ରାତି ଅନ୍ଧକାରରେ ନୁହେଁ, ଦିନର ଆଲୋକରେ ବି ଅପରାଧ। ପୁଲିସ ଅଧିକାରୀ ବେଶରେ ଅପରାଧ, ନେତାର ହସରେ ଅପରାଧ, ପଦର ଔଦ୍ଧତ୍ୟରେ ବି ଅପରାଧ।

ତେବେ ପ୍ରଶ୍ନ ଉଠେ- ଦୋଷ କ'ଣ ସରକାରର? ନା, ଏହା ସମ୍ପୂର୍ଣ୍ଣ ଭାବେ ନୁହେଁ। ଯଦି ଆମେ ଅନ୍ୟାୟ ଦେଖି ଚୁପ ରହିଲୁ, ଯଦି ଘଟଣାକୁ ଭିଡିଓ କରି ପୋଷ୍ଟ କଲୁ, ଅଥଚ ସାହାଯ୍ୟ କଲୁ ନାହିଁ, ଆମେ ଚାକିରି ପାଇଁ ପ୍ରଘଟ ପ୍ରଶ୍ନପତ୍ର ଉପରେ ଆଶା ରଖିଲୁ, ତେବେ ଦୋଷ କେବଳ ଶାସକର ନୁହେଁ, ନାଗରିକର ମଧ୍ୟ। ସରକାର ଦୋଷୀ ସେତେବେଳେ, ଯଦି ସେ ନୀତି ରକ୍ଷାରେ ଅସଫଳ। କିନ୍ତୁ ଆମେ ଦୋଷୀ ସେତେବେଳେ ଯଦି ସଚେତନତାରେ ଅସଫଳ। ହୁଏତ ବ୍ୟବସ୍ଥାରେ ଅପରାଧୀ ଲୁଚି ଯାଇପାରେ, କିନ୍ତୁ ଲୋକସମାଜ ଯଦି ସତର୍କ ହୁଏ ତା'ର ଆଉ ରକ୍ଷାରକ୍ଷଣ ନଥାଏ। ଏଣୁ ଇଂରାଜୀରେ ଗୋଟେ କଥା ଅଛି- ଦ ୱାର୍ଲ୍ଡ ସଫରସ୍ ନଟ୍ ବିକଜ୍ ଅଫ୍ ଦ ଭାଓଲେନ୍ସ ଅଫ୍ ବ୍ୟାଡ୍ ପିପୁଲ, ବଟ୍ ବିକଜ୍ ଅଫ୍ ଦ ସାଇଲେନ୍ସ ଅଫ୍ ଗୁଡ୍ ପିପୁଲ୍(ଖରାପ ଲୋକଙ୍କ ହିଂସାତ୍ମକ କାର୍ଯ୍ୟକଳାପ ପାଇଁ ନୁହେଁ, ବରଂ ଭଲ ଲୋକଙ୍କ ନିରବତା ପାଇଁ ବିଶ୍ୱ ପୀଡ଼ିତ)। ଅପରାଧୀ ଜଣେ କିମ୍ବା ଦୁଇଜଣ ହୋଇପାରନ୍ତି, କିନ୍ତୁ ତାଙ୍କୁ ଶକ୍ତି ଦିଏ ହଜାର ହଜାର ମଣିଷଙ୍କ ମୌନତା। ଯେତେବେଳେ ଜଣେ ଅପରାଧୀ ଜାଣିପାରେ ଯେ ତା' କାର୍ଯ୍ୟରେ କେହି ମୁହଁ ଖୋଲିବେ ନାହିଁ, ସେ ଭୟହୀନ ହୋଇଯାଏ। ନିରବ ଶାନ୍ତିକାମୀ ଲୋକେ କେବେକେବେ ଭୟରେ ଚୁପ ରହନ୍ତି ତ କେବେକେବେ ସୁବିଧାରେ ଏବଂ ଆଉ କେବେକେବେ 'ଏହା ମୋର ଦାୟିତ୍ୱ ନୁହେଁ' ବୋଲି କହି ଖସିଯା'ନ୍ତି। କିନ୍ତୁ ଏକ ଆପ୍ତବାକ୍ୟ ରହିଛି- 'ମୌନତେ ସମ୍ମତି ଲକ୍ଷଣମ୍' ଅର୍ଥାତ୍ ମୌନତା କେବେ ଶାନ୍ତି ନୁହେଁ, ଏହା ସମ୍ମତିର ଆବରଣ। ଅନ୍ୟାୟ, ଦୁରାଚାର ଓ ଅନୀତି ବରାବର ଚାଲୁଥାଏ। ଯଦି ତାହା ଆମେ ଦେଖିଶୁଣି ଚୁପ୍ ରହୁ, ତେବେ ବୁଝିବାକୁ ହେବ ଆମେ ସେଇ ଅପରାଧର ସାଥୀ।

ଆମ ସମାଜରେ କୌଣସି କଥାରେ ମୁଣ୍ଡ ପୂରାଉ ନଥିବା ଲୋକକୁ ଅନେକ 'ଶାନ୍ତିପ୍ରିୟ' ଆଖ୍ୟା ଦେଇଥା'ନ୍ତି। କିନ୍ତୁ ଶାନ୍ତିକାମୀ ସେ ନୁହେଁ, ଯେ ଚୁପ୍ ରହି ଶାନ୍ତି ରକ୍ଷାକରେ। ଶାନ୍ତିକାମୀ ସିଏ, ଯିଏ ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ କରେ। କାରଣ ଯେଉଁ ଶାନ୍ତି ନ୍ୟାୟବିହୀନ, ସେ କେବଳ ଭୟର ନିରବତା। ଅପରାଧ ବଢ଼େ ଯେତେବେଳେ ଶାନ୍ତି ଭୟରେ ଭରିଯାଏ ଏବଂ ନିରବତା ନୀତିରେ ପରିଣତ ହୁଏ। ସମାଜ ଯେଉଁଦିନ ମୁଖା ଖୋଲିବ, ସେହିଦିନ ଗଣ୍ଡଗୋଳକାରୀ ନିଜେ ଚୁପ୍ ହୋଇଯିବ। ପୁରାତନ ନୈତିକତା ଓ ନୂତନ-ନୂତନ ନୀତିର କଥା ଢେର ହେଲାଣି। କିନ୍ତୁ ଆଜିର ପରିପ୍ରେକ୍ଷୀରେ ସମଗ୍ର ଓଡ଼ିଶାରେ ଆବଶ୍ୟକତା ଅଛି ଏକ ନୂତନ ଜାଗରଣର।

ମୋତେ ଲାଗିଲା, ଏଥର ପାର୍ବଣରେ ଦେବୀ ଦୁର୍ଗାଙ୍କର ନୁହେଁ, ମହିଷର ବିଜୟୋତ୍ସବ ଚାଲିଛି। ଯେଉଁଠି ଦେବୀ ଦୁର୍ଗାଙ୍କ ବିଜୟୋତ୍ସବ ପାଳିତ ହେଉଥିଲା, ମହିଷାସୁରର ପରାଜୟରେ ମାନବତାର ଜୟଧ୍ୱନି ଶୁଭୁଥିଲା, ସେହି ଋତୁରେ ଏବେ ଦେଖାଯାଉଛି ଏକ ଅନ୍ୟ ଭୂମି, ଅନ୍ୟ ଦୃଶ୍ୟ। ସେଠାରେ ମହିଷାସୁର ହେଉଛି ବିଜେତା, ଦେବୀ ନିରବଦ୍ରଷ୍ଟା। ଦେବୀଙ୍କ ନ୍ୟାୟର ଅସ୍ତ୍ର ଯେମିତି ନିଷ୍ପ୍ରଭ। ଏଠି ରାବଣପୋଡ଼ି ହେଉନି ତ ମଣିଷର ହୃଦୟ ଜଳିପୋଡ଼ି ଯାଉଛି। ଉତ୍ସବର ଉଜ୍ଜ୍ୱଳ ଆଲୋକ ତଳେ ଯେଉଁ ଛାୟା ବଢ଼ିଛି, ତାକୁ ଦେଖିବାର ସାହସ କାହାରି ନାହିଁ। ମଣିଷ ହୋଇ ଅପରାଧକୁ ଦେଖି ମୁହଁ ଘୁଞ୍ଚାଉଛୁ ଏବଂ ସତ୍ୟକୁ ଯେତିକି ପରିମାଣରେ 'ଲାଇକ୍'(ପସନ୍ଦ) କରୁଛୁ, ସେତିକି ମାତ୍ରାରେ ସମର୍ଥନ କରୁନାହୁଁ। ଆମେ ସଭ୍ୟ, ଅଥଚ ସହିଷ୍ଣୁ ନୁହେଁ, ଭୀତ। ସେଥିପାଇଁ ଏଥର ଦେବୀମୂର୍ତ୍ତି ଅଳଙ୍କାରରେ ଶୋଭିତ ହେଲେ ମଧ୍ୟ ତାଙ୍କ ମୁଖରେ ଯେମିତି ହସ ନିର୍ବାପିତ।

ଆଗକୁ ଆସୁଛି ଦୀପାବଳୀ। ଯେତେବେଳେ ଆମେ ଦୀପାବଳୀର ଦୀପ ଜଳାଉ, ତାହା ଜଳେନି କେବଳ ଅନ୍ଧକାର ହଟାଇବା ପାଇଁ। ତାହା ଜଳେ ଆମ ଅନ୍ତଃକରଣର ଆଲୋକକୁ ତିଆରି କରିବା ପାଇଁ। ଏଣୁ ଏ 'ସନ୍ତାପମହୋତ୍ସବ' ଏଣିକି 'ସଚେତନତା ମହୋତ୍ସବ'ରେ ପରିଣତ ହେଉ। ସରକାର ହୁଅନ୍ତୁ, ନାଗରିକ ହୁଅନ୍ତୁ କି ଜନମାଧ୍ୟମ, ସମସ୍ତଙ୍କୁ ଜାଗି ଉଠିବାକୁ ହେବ। ନଚେତ୍ ଓଡ଼ିଶା ତା'ର ଅନ୍ଧକାରକୁ ଆଲୋକ ଭାବି ଗୋଟେ ଏକ ନୂତନ ଭୁଲ୍ ଇତିହାସ ଲେଖିଦେବ।

(ଅଧ୍ୟାପକ, ବିଭାଗମୁଖ୍ୟ, ବିଏନ୍‌ଏମ୍‌ଏ କଲେଜ)
ପାଳିଆବିନ୍ଧା(ଭଦ୍ରକ) ମୋ: ୬୩୭୧୪୩୦୫୬୩

# ରହସ୍ୟ-ଉନ୍ମୋଚକ: ମାନସହଂସ ବୈକୁଣ୍ଠନାଥ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ-ତତ୍ତ୍ୱରେ ବର୍ଣ୍ଣିତ ଅଛି ରହସ୍ୟବାଦ। କବିଗୁରୁ ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି'ଠାରୁ ଆରମ୍ଭ କରି ବୈକୁଣ୍ଠନାଥ ପଟ୍ଟନାୟକଙ୍କ 'ଉତ୍ତରାୟଣ' ପର୍ଯ୍ୟନ୍ତ କେତେ ଯେ କବିତାକୁ ତତ୍ତ୍ୱଜ୍ଞ ସୁଧୀ-ସମାଲୋଚକବୃନ୍ଦ ରହସ୍ୟବାଦୀ କବିତା ବୋଲି ଅଭିହିତ କରିଛନ୍ତି, ତାହା ଚେତନାଦୀପ୍ତ ପାଠକମାନେ ଜାଣିଛନ୍ତି ନିଶ୍ଚୟ। ତେବେ ମନରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ ଉଠେ ଯେ, ଏହିସବୁ କବିତାରେ କେଉଁଠି ରହିଛି ରହସ୍ୟ? ବୈକୁଣ୍ଠନାଥ ସବୁଜଧାରାର ମାର୍ମିକ କବି। କେତେ ମଧୁରତା ଭରି ରହିଛି କବିତାରେ ତାଙ୍କରି! ପୃଥିବୀର କେଉଁ ଦୃଶ୍ୟ ଅବା ତାଙ୍କୁ ସ୍ୱପ୍ନାଚ୍ଛନ୍ନ କରି ନ ଦେଇଛି! କେଉଁ ମହାପୁରୁଷଙ୍କ ଚେତନାରେ ସେ ଉଦ୍‌ବୁଦ୍ଧ ହୋଇ ନାହାନ୍ତି! ଜୀବନର କେଉଁ କ୍ଷଣ ପୁଣି ସୃଜନାତ୍ମକ ନଥିଲା ତାଙ୍କ ପାଇଁ! ବର୍ଷାଧାରା ଦେଖି ବିଗଳିତ କଣ୍ଠରେ ଗାଇ ଉଠିଲେ ସେ -

'ଆକାଶ ପବନ ସମ ହେଲି ପୁଲକିତ, ମୁକ୍ତ ତୁମରି ଛନ୍ଦେ ଗାଇଲି ଗୀତ / ଛିନ୍ନ ହେଲା ମୋ ଶତ ଜଞ୍ଜାଳ, ଛିନ୍ନ ହେଲା ମୋ ବନ୍ଧନ ଜାଲ ଛିନ୍ନ ସକଳ ସୀମା ଶୃଙ୍ଖଳ / ମୁକ୍ତ ହେ ତୁମ ଆଗେ, ନବ ବରଷାର ଅନୁରାଗେ।'

'ଅରୁଣଶ୍ରୀ', 'କାବ୍ୟ ସଂଚୟନ', 'ଉପେକ୍ଷିତା', 'ମୁକ୍ତି ପଥେ', 'ମୋ ଜୀବନ କଥା' ଆଦିରେ ତାଙ୍କ ଜୀବନାନୁରାଗ ଓ ସୌନ୍ଦର୍ଯ୍ୟାନୁଭବର ବୈଚିତ୍ର୍ୟ ନାନାବିଧ ରଙ୍ଗରେ ପାଠକ ଆତ୍ମାକୁ ପ୍ରଦାନ କରିଛି ମଧୁର ଆଶ୍ଳେଷ। ବୁଦ୍ଧ, ଗାନ୍ଧୀ, ଯୀଶୁ, ମୀରାବାଈ, ଗର୍କୀ, ରୋମାଁରୋଲାଁଙ୍କ ଠାରୁ ଆରମ୍ଭ କରି ଆଇଜାକ ସାନ୍ତ୍ରା, ରିକ୍ସାବାଲାଙ୍କ ପର୍ଯ୍ୟନ୍ତ କେତେ ଅସାମାନ୍ୟ ବ୍ୟକ୍ତିତ୍ୱକୁ ସେ ରୂପାୟିତ କରିଛନ୍ତି। ସାହିତ୍ୟ ସମୀକ୍ଷକମାନେ ସେଥିପାଇଁ ତାଙ୍କୁ 'ସବୁଜ ଯୁଗ'ର କବି ବୋଲି ପ୍ରତିପାଦନ କରିବା ସଂଗେସଂଗେ, ସେ ମଧ୍ୟ 'ପ୍ରଗତିବାଦୀ ଯୁଗ'ର କବି ବୋଲି ସ୍ୱୀକାର କରିଛନ୍ତି। ଭଗବତୀ ଚରଣ ପାଣିଗ୍ରାହୀଙ୍କ ବିଷୟରେ ଲେଖିବା ପାଇଁ ବି ଚଳଚଞ୍ଚଳ ହୋଇ ଉଠିଛି ତାଙ୍କ କଲମ। ଅଭିନବ ସାମ୍ୟବାଦକୁ ସେ ସ୍ୱାଗତ କରନ୍ତି।

ବୈକୁଣ୍ଠଙ୍କ କବିତା ଗ୍ରନ୍ଥ ଭିତରେ କି ଯାଦୁଅଛି! ଯେଉଁମାନେ ନୈରାଶ୍ୟ ନିପୀଡ଼ିତ, ଶୋକଜର୍ଜରିତ, ହତାଶାବୋଧରେ ଅବସନ୍ନ, ବ୍ୟର୍ଥତାର ବ୍ୟାଧିରେ ଯେଉଁମାନଙ୍କ ଜୀବନ ମନେହେଉଛି ବିଷାଦଗ୍ରସ୍ତ ଓ ବିଷାକ୍ତ, ସେମାନେ କେବଳ ପୃଷ୍ଠା ଓଲଟାଇ ଦେବା ମାତ୍ରକେ ଦେଖିବେ କେବଳ ଆଶା, ବିଶ୍ୱାସ, ଆସ୍ଥାଶୀଳତା, ଆତ୍ମୀୟତା ଆଉ ନବୀନ ଉଲ୍ଲାସର ଅଗଣିତ ଲହରୀମାଳା। କେବଳ ଦେଖିବେ ନାହିଁ। ସେମାନେ ଚାହାନ୍ତୁ କି ନ ଚାହାନ୍ତୁ, ଜୀବନ-ସାଗରର ଉତ୍ତାଳ ତରଙ୍ଗ ନିଶ୍ଚୟ ଦେବ ଗୋଟାପଣେ ଭିଜାଇ। ସେ କ'ଣ ଜାଣି ନଥିଲେ ଏ ପୃଥିବୀ ଓ ମଣିଷ ଜୀବନ ଦୁର୍ଭାଗ୍ୟ-କବଳିତ, ମରଣ-ଜର୍ଜରିତ, ସବୁକିଛି ଏଠି କ୍ଷଣିକରେ ହୋଇଯାଏ ଅନ୍ତର୍ହିତ ବୋଲି? ସବୁ ଜାଣି ସୁଦ୍ଧା କାହିଁକି ନିୟତିର କ୍ରୂର ପରିହାସ ସମ୍ମୁଖରେ ଗାଇଛନ୍ତି ଜୀବନର ଗୀତି? କବିତ୍ୱ ମୁକୁଳିତ ହୁଏ ସେଇଠାରେ, ଯେଉଁଠି ଅଛି ଜୀବନର ଉତ୍ତରିତ ଉଚ୍ଛ୍ୱାସ। ପରାଜୟ ନୁହେଁ ରହିଥାଏ ବିଜୟ-ସଂକେତ-ପୂର୍ଣ୍ଣ ପଦ ପରେ ପଦ।

ତାଙ୍କ ରଚିତ ଶ୍ରେଷ୍ଠ କବିତା 'ଯାତ୍ରା ସଂଗୀତ' ହେଉ ଅବା 'ଶେଷ ଗୀତି'-ସର୍ବତ୍ର ମୃତ୍ୟୁର କଳା ପରଦା ଅପସୃତ କରି ଦେଖାଇ ଦେଉଛନ୍ତି ସେ ଜୀବନର ଅମର ପ୍ରଦୀପ ପ୍ରଜ୍ୱଳିତ ଯେଉଁଠି। ସବୁ କିଛି ଚିରମଙ୍ଗଳମୟ - ଏହି ବିଶ୍ୱାସବୋଧ ସୃଷ୍ଟି କରିବା, ଜୀବନର ଦୀପଶିଖାକୁ ଉଜ୍ଜୀବିତ କରିବା ସକାଶେ ହିଁ କବିସତ୍ତା ବାରମ୍ବାର ଅବତରଣ କରେ ଏ ଧରିତ୍ରୀ ବକ୍ଷକୁ। ବୈକୁଣ୍ଠ ଗାଉଛନ୍ତି - 'ସେ ପୀରତି ତେଜେ ଯାଉ ମୋ ଜୀବନ ନିଭି ମୃତ୍ୟୁକୁ ମାରି ପଦେ ତା'ର ନିଭିଯିବି।' ଓଡ଼ିଶାର ଯେଉଁ ସଂଗୀତାନୁରାଗୀ ଶ୍ରୋତାବର୍ଗ କବିଙ୍କ ସୁକନ୍ୟା ମହାନ ସଂଗୀତ ସାଧିକା ସୁନନ୍ଦା ପଟ୍ଟନାୟକଙ୍କ କମ୍ପିତ କଣ୍ଠରୁ ଶୁଣିଛନ୍ତି 'ଯାତ୍ରା ସଂଗୀତ'ର ଅମର ପଦପଂକ୍ତି, ସେମାନେ ଜାଣନ୍ତି ଯେ, ସେଥିରେ ପରିପୂର୍ଣ୍ଣ ହୋଇ ରହିଛି ଜୀବନାମୃତର କି ଆସ୍ୱାଦନ-ଶକ୍ତି। 'ଜୀବନ ପାତ୍ର ମୋ ଭରିଛ କେତେ ମତେ ନ ଦେଲ ବୋଲି କିଛି କହିବି କି ହେ ଆଉ? ଜୀବନ ପ୍ରିୟତମ ହରିଛ ମୋ ଭରମ ତରଣୀ ମୋର ତ? ସାଗରେ ବହିଯାଉ।'

ସେ ତ ମାନସରୋବରର ଶୁଭ୍ର ହଂସ। କେତେ ପାରାବାର, ଅସଂଖ୍ୟ ହିମଗିରି ଲଂଘନ କରିଯିବେ ସେ। ଏହି ଅଭିବ୍ୟକ୍ତିରେ ତ ରହସ୍ୟ କିଛି ବି ନାହିଁ। ଜୀର୍ଣ୍ଣ ଜୀବନ-ତରୁ ଯେଉଁଠି ନିତ୍ୟ ପଲ୍ଲବିତ ସେଇଠି ତ ପରାଣ କୁଞ୍ଜରେ ଶ୍ରୁତ ହୁଏ ବଂଶୀ ଧ୍ୱନି। ଜୀବନ-ବୀଣାରେ ଭରିଯାଏ ନୂତନ ମୂର୍ଚ୍ଛନା। ଏହି ନିବିଡ଼ ସତ୍ୟକୁ ଢାଙ୍କି ରଖିଥିବା ପରଦା କାଢି ଦେଇ ଯିଏ ଆମକୁ ମୃତ୍ୟୁରୁ ଅମୃତକୁ ଘେନି ଯାଉଛନ୍ତି ସେ ଆଉ ରହସ୍ୟବାଦୀ ହୋଇ ବର୍ଣ୍ଣିତ ହେବେ ବା କାହିଁକି? ସେଇ ଜୀବନବାଦୀ, ସତ୍ୟବାଦୀ ଓ ସୌନ୍ଦର୍ଯ୍ୟବାଦୀଙ୍କୁ ସମ୍ପ୍ରତି ପୁନଃଉନ୍ମୋଚନ କରିବା ଯଥାର୍ଥ ହେବନାହିଁକି?

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ରାୟଗଡ଼ା ପୌର ଉପାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ ଆଜି

## ଅନାସ୍ଥା ବିପକ୍ଷରେ ଭୋଟ ଦେବାକୁ ହୁଇପ୍ ଜାରି କଲା ବିଜେଡି

ରାୟଗଡ଼ା,୮।୧୦(ସମିସ): ରାୟଗଡ଼ା ପୌର ଉପାଧ୍ୟକ୍ଷାଙ୍କ ବିରୋଧରେ ୧୯ଜଣ କାଉନସିଲର ସେପ୍ଟେମ୍ବର ୧୨ ତାରିଖରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଏହି ମାମଲାରେ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ସମସ୍ତ ୧୯ଜଣ କାଉନ୍‌ସିଲରଙ୍କୁ ହୁଇପ୍ ଜାରି କରିଛନ୍ତି। ଏଥିରେ ଅନାସ୍ଥା ପ୍ରସ୍ତାବ ପାଇଁ ଗୁରୁବାର ହେବାକୁ ଥିବା ଭୋଟିଂରେ ଉପସ୍ଥିତ ରହି ଅନାସ୍ଥା ବିରୋଧରେ ଭୋଟ ଦେବା ପାଇଁ କୁହାଯାଇଛି। ଯଦି କୌଣସି ଦଳୀୟ କାଉନ୍‌ସିଲର ଏହି ନିର୍ଦ୍ଦେଶ ବିରୋଧରେ ଯାଆନ୍ତି, ତେବେ ଓଡ଼ିଶା ମ୍ୟୁନିସିପାଲ ଆମେଣ୍ଡମେଣ୍ଟ ନିୟମାବଳୀ ୨୦୧୮ର ରୁଲ ୪୬(ଖ) ଅନୁଯାୟୀ ଦଳ ପଦକ୍ଷେପ ଗ୍ରହଣ କରିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ଆସନ୍ତାକାଲି (ଗୁରୁବାର) ଭୋଟ ହେବାକୁ ଥିବା ବେଳେ ଆଜି ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକା ଜିଲ୍ଲାପାଳଙ୍କୁ ଭେଟି ରାଜ୍ୟ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଜାରି କରିଥିବା ହୁଇପ୍ ଚିଠି ପ୍ରଦାନ କରିଥିଲେ। ଯଦି ନିର୍ବାଚିତ ବିଜେଡି କାଉନସିଲରମାନେ ନିର୍ଦ୍ଦେଶାବଳିକୁ ଉଲ୍ଲଂଘନ କରନ୍ତି, ତେବେ ଏହାକୁ ସେମାନଙ୍କ ପକ୍ଷରେ ଦଳୀୟ ହୁଇପ୍‌ର ଇଚ୍ଛାକୃତ ଉଲ୍ଲଂଘନ ବୋଲି ଧରି ନିଆଯିବ ଏବଂ କାର୍ଯ୍ୟାନୁଷ୍ଠାନ

### ନିର୍ଦ୍ଦେଶ ନ ମାନିଲେ କାର୍ଯ୍ୟାନୁଷ୍ଠାନ

ଗ୍ରହଣ କରାଯିବ ବୋଲି ଏଥିରେ ଉଲ୍ଲେଖ ରହିଛି। ଏଥିସହ ଜିଲ୍ଲା ବିଜେଡି ସଭାପତି ଶ୍ରୀ ସାରକାଙ୍କୁ ବିଜେଡି କାଉନସିଲରମାନଙ୍କୁ ହୁଇପ୍ ନୋଟିସ ପ୍ରଦାନ କରି ରିପୋର୍ଟ ପଠାଇବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। ଏହାକୁ ନେଇ ରାୟଗଡ଼ା ରାଜନୀତି ସରଗରମ ହୋଇଥିବା ବେଳେ ଆସନ୍ତାକାଲି କାଉନ୍‌ସିଲରମାନେ ନେବାକୁ ଥିବା ପଦକ୍ଷେପ ଉପରେ ସମସ୍ତଙ୍କର ନଜର ରହିଛି।

ଉଲ୍ଲେଖଯୋଗ୍ୟ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା ଜିଲା ସଭାପତି ହେବା ପରେ ଦଳର ବରିଷ୍ଠ ନେତା ତଥା ରାଜ୍ୟସଭା ପୂର୍ବତନ ସଦସ୍ୟ ଏନ.ଭାସ୍କର ରାଓ ଓ ତାଙ୍କର କିଛି ସମର୍ଥକ ଦଳ ଛାଡିଥିଲେ। ଏହାପରେ ସେପ୍ଟେମ୍ବର ୧୨ତାରିଖରେ ରାୟଗଡ଼ା ପୌର ପରିଷଦର ୧୯ଜଣ କାଉନ୍‌ସିଲର ପୌର ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଏନେଇ ସେମାନେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଲିଖିତ ଜଣାଇଥିଲେ। ଏହାପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ସେପ୍ଟେମ୍ବର ୨୦ ତାରିଖରେ ଉକ୍ତ ୧୯ଜଣ କାଉନସିଲରଙ୍କ ଦସ୍ତଖତ ଯାଞ୍ଚ କରି ଉପଜିଲାପାଳ ରମେଶ କୁମାର ଜେନା ଜିଲ୍ଲାପାଳ କୁଲକର୍ଣ୍ଣିଙ୍କୁ ରିପୋର୍ଟ ଦାଖଲ କରିଥିଲେ। ଅକ୍ଟୋବର ୯ ତାରିଖରେ ଅନାସ୍ଥା ପ୍ରସ୍ତାବକୁ ନେଇ ପୌର ପାଳିକା ଗାଇଡ଼ଲାଇନ ଅନୁଯାୟୀ ଭୋଟିଂ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ଅଗ୍ନିକାଣ୍ଡରେ ମହିଳାଙ୍କ ମୃତ୍ୟୁ

କୋରାପୁଟ,୮।୧୦(ସମିସ): ବୁଧବାର ସନ୍ଧ୍ୟାରେ କୋରାପୁଟ ଟାଉନ୍ ଥାନା ଅନ୍ତର୍ଗତ ଓଏମ୍‌ପି କଲୋନୀର ଏକ କ୍ୱାର୍ଟର୍ସରେ ଅଗ୍ନିକାଣ୍ଡ ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ଆଇଆରବିରେ କାର୍ଯ୍ୟରତ ଶିବ ଶଙ୍କର ପାତ୍ରଙ୍କ ପତ୍ନୀ ପ୍ରିୟଙ୍କା ପଣ୍ଡା (୨୧) ବୋଲି ଜଣାପଡ଼ିଛି। ବୁଧବାର ରାତି ପ୍ରାୟ ସାଢେ ୮ଟା ବେଳକୁ ଓଏମପି ଲାଇନ୍ଇ ଟାଇପ୍ କ୍ୱାର୍ଟର ୧୧/୧ ଭିତରେ ନିଆଁ ଲାଗିଥିଲା। ପଡୋଶୀ ଜାଣିବା ପରେ ତୁରନ୍ତ କୋରାପୁଟ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ଅଧିକାରୀ ବିଜୟ କିଶାନଙ୍କ ନେତୃତ୍ୱରେ ଅଗ୍ନିଶମ ଯବାନ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରି ପ୍ରିୟଙ୍କାଙ୍କୁ ଉଦ୍ଧାର କରି କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲ ପଠାଇଥିଲେ। କିନ୍ତୁ ମେଡ଼ିକାଲରେ ପ୍ରିୟଙ୍କାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅଗ୍ନିକାଣ୍ଡର କାରଣ କିଛି ସ୍ପଷ୍ଟ ହୋଇ ନଥିବା ବେଳେ ସର୍ଟସର୍କିଟ ଯୋଗୁଁ ହୋଇଥିବା ସନ୍ଦେହ କରାଯାଉଛି। ଅନ୍ୟ ପକ୍ଷରେ ପୁଲିସ ଓ ଅଗ୍ନିଶମ ବିଭାଗ ଘଟଣାର ତଦନ୍ତ ଆରମ୍ଭ କରୁଛନ୍ତି।

## ବାପକୁ ହାଣି ପୋତିଦେଲା ପୁଅ

ଦେବଗଡ଼,୮।୧୦(ସମିସ): ଦେବଗଡ ଜିଲ୍ଲା ବାରକୋଟ ଥାନା ଔତଳ ଗାଁରେ ପୁଅର ଟାଙ୍ଗିଆ ଚୋଟରେ ଜଣେ ବୃଦ୍ଧ ବାପାର ମୃତ୍ୟୁ ଘଟିଥିବା ଜଣାପଡିଛି।ମୃତକ ବଳଭଦ୍ର ବେହେରା (୬୫)। ବାରକୋଟ ଥାନା ପୁଲିସ ଅଭିଯୁକ୍ତ ପୁଅ ହୃଦାନନ୍ଦ ବେହେରାକୁ ଅଟକରଖି ପଚରା ଉଚୁରା କରୁଛି। ମିଳିଥିବା ସୂଚନା ଅନୁଯାଇ ଔତଳ ଗାଁର ବଳଭଦ୍ର ନିଜ ଘରେ ମେଣ୍ଢା ପାଳିଥିଲେ। ଅଭିଯୁକ୍ତ ପୁଅ ହୃଦାନନ୍ଦ ଗତକାଲି ମେଣ୍ଢା ବିକ୍ରି ପାଇଁ ନେଇଯାଉଥିବା ବେଳେ ବାପା ବଳଭଦ୍ର ପ୍ରତିବାଦ କରିଥିଲେ। ଫଳରେ ଉଭୟ ବାପ ପୁଅ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇହୃଦାନନ୍ଦ ଟାଙ୍ଗିଆରେ ବାପା ବଳଭଦ୍ରଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ବଳଭଦ୍ରଙ୍କ ମୃତ୍ୟୁ ଘଟିଥିଲା।ବାପା ବଳଭଦ୍ରଙ୍କ ମୃତ୍ୟୁହେବା ଜାଣି ଅଭିଯୁକ୍ତ ପୁଅ ଘର ନିକଟରେ ଗାତ ଖୋଳି ମୃତଦେହ ପୋତି ଦେଇଥିଲା। ଘଟଣା ଜାଣିପାରି ମୃତ ବଳଭଦ୍ରଙ୍କ ପୁତୁରା ଅଜିତ ବେହେରାଙ୍କ ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲି ହତ୍ୟା ମାମଲା ରୁଜୁ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟି ତଳୁ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ପାଲଲହଡା ଡାକ୍ତରଖାନାକୁ ପଠାଇଛି। ସାଇଣ୍ଟିଫିକ ଟିମ୍ ସହାୟତାରେ ପୁଲିସ ତଦନ୍ତକୁ ଜୋରଦାର କରିଛି

## ଭିଜିଲାନ୍ସ ଜାଲରେ ଓଏଏସ୍ ଅଧିକାରୀ

ବେଲଗୁଣ୍ଠା/ଭଞ୍ଜନଗର,୮।୧୦(ସମିସ): ବକେୟା ଦରମା ସହିତ ଏଲ୍‌ପିସି କରାଇଦେବାକୁ ନିଜ କାର୍ଯ୍ୟାଳୟର ପୂର୍ବତନ କର୍ମଚାରୀଙ୍କ ଠାରୁ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ବେଲଗୁଣ୍ଠା ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ବନମାଳି ଶତପଥୀ।



**ବକେୟା ଦରମା କରାଇ ଦେବାକୁ ପୂର୍ବତନ କର୍ମଚାରୀଙ୍କ ଠାରୁ ନେଉଥିଲେ ୨୫ହଜାର**

ସୂଚନା ପ୍ରକାରେ, ବେଲଗୁଣ୍ଠା ଏନ୍ଏସି କାର୍ଯ୍ୟାଳୟରେ ଏମ୍ଆଇଏସ୍ ରୂପେ କାର୍ଯ୍ୟ କରୁଥିବା ସରୋଜ ଜେନାଙ୍କର ୬ ମାସ ତଳେ ଅନ୍ୟତ୍ର ବଦଳି ହୋଇ ଯାଇଥିଲା। ତେବେ ବେଲଗୁଣ୍ଠାରେ ତାଙ୍କର ଶେଷ ଦୁଇ ମାସର ଦରମା ଏବଂ ଏଲ୍‌ପିସି ବକେୟା ଥିଲା। ଏନେଇ ସରୋଜ ବାରମ୍ବାର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଶତପଥୀଙ୍କୁ ଅନୁରୋଧ କରିଥିଲେ ମଧ୍ୟ ସେ ୨୫ ହଜାର ଟଙ୍କାର ଲାଞ୍ଚ ନଦେଲେ ହେବନାହିଁ ବୋଲି କହିଥିଲେ।

ଏନେଇ ସରୋଜ ବ୍ରହ୍ମପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ସରୋଜଙ୍କ ଅଭିଯୋଗ କ୍ରମେ ବ୍ରହ୍ମପୁର ଭିଜିଲାନ୍ସ ଡ଼ିଏସ୍‌ପି ଶରତ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ବେଲଗୁଣ୍ଠାରେ ଛକି ରହିଥିଲେ। କିନ୍ତୁ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଶତପଥୀ ଚତୁରତାର ସହିତ ନିଜ କାର୍ଯ୍ୟାଳୟରେ ଟଙ୍କା ନେବା ବଦଳରେ ସରୋଜଙ୍କୁ ବାଲିପଦର ଡ଼ାକାଇଥିଲେ। ସରୋଜ ଏବଂ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଟିମ୍ ବାଲିପଦରର ବସ୍‌ଷ୍ଟାଣ୍ଡରେ ସକାଳ ସାଢେ ୯ଟାରେ ଶ୍ରୀ ଶତପଥିଙ୍କୁ ଲାଞ୍ଚ ଦେଉଥିବା ବେଳେ ଭିଜିଲାନ୍ସ ଟିମ୍ ମାଡ଼ି ବସିବା ତାଙ୍କ ହାତରୁ ଲାଞ୍ଚ ଟଙ୍କା ଜବତ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କାଠଗଡ଼ାରେ ଓପିଆର୍‌ବି...

ପରୀକ୍ଷା ତତ୍ତ୍ୱାବଧାନ ଦାୟିତ୍ୱରେ ଥିବା ଓପିଆର୍‌ବି ଅଧିକାରୀମାନେ ଏହି ଷଡ଼ଯନ୍ତ୍ର ସମ୍ପର୍କରେ ଅବଗତ ଥାଇ ସୁଦ୍ଧା ଆଖିବୁଜି ବସିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

ଅନ୍ୟପକ୍ଷରେ ପୁଲିସ୍ ଏସ୍ଆଇ ପରୀକ୍ଷା ପାଇଁ ଓପିଆରବି ଦେଇଥିବା ଟେଣ୍ଡରରେ ସର୍ତ୍ତ ରହିଥିଲା ଯେ ଆଇଟିଆଇ ଲିମିଟେଡ୍ ପରୀକ୍ଷା ପରିଚାଳନା କରିବ। କମ୍ପାନୀ ଏଥିପାଇଁ ଅନ୍ୟ କମ୍ପାନୀଠାରୁ ମାନବ ସମ୍ବଳ ସହଯୋଗ ନେଇପାରିବ। ଅର୍ଥାତ୍ କେବଳ ପରୀକ୍ଷା ସମୟରେ ନିରୀକ୍ଷକ ଭାବରେ ଅନ୍ୟ କମ୍ପାନୀ ବା ସଂସ୍ଥାର ଲୋକଙ୍କୁ ନିୟୋଜିତ କରିପାରିବ। ଯଦି ଅନ୍ୟ କୌଣସି କମ୍ପାନୀକୁ ଆଇଟିଆଇ ସବ୍-କଣ୍ଟ୍ରାକ୍ଟ ପ୍ରଦାନ କରେ, ତେବେ ସେ ସମ୍ପର୍କରେ ଓପିଆର୍‌ବିକୁ ଲିଖିତ ଭାବେ ଅବଗତ କରିବାକୁ ଏଥିରେ ସର୍ତ୍ତ ରହିଥିଲା। ତେଣୁ ସିଲିକନ୍ ପ୍ରାଇଭେଟ୍ ଲିମିଟେଡ୍ ଓ ପଞ୍ଚସଫ୍ଟ କମ୍ପାନୀକୁ ସବ୍ କଣ୍ଟ୍ରାକ୍ଟ ଦିଆଯିବା ସମ୍ପର୍କରେ ନିଶ୍ଚିତ ଆଇଟିଆଇ କର୍ତ୍ତୃପକ୍ଷ ଓପିଆର୍‌ବିକୁ ଅବଗତ କରିଥିବେ। ମାତ୍ର ନିୟମ ବିରୋଧରେ ଯାଇ ପ୍ରଶ୍ନପତ୍ର ପ୍ରସ୍ତୁତି ପରି ଗୋପନୀୟ କାର୍ଯ୍ୟରେ ସିଲିକନ୍ ଓ ପଞ୍ଚସଫ୍ଟ ପରି କମ୍ପାନୀ କିପରି ସଂଶ୍ଳିଷ୍ଟ ହେଲେ ଏବଂ ଅଧିକାରୀମାନେ ଏହାକୁ କିପରି ପ୍ରଶ୍ରୟ ଦେଲେ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଶ୍ନପତ୍ର ପ୍ରସ୍ତୁତି ବା ଛାପିବା ଦାୟିତ୍ୱରେ ନ ଥିବା ପଞ୍ଚସଫ୍ଟ କମ୍ପାନୀର ନିର୍ଦ୍ଦେଶକ ଶଙ୍କର ପ୍ରଶ୍ନପତ୍ର କିପରି ପାଇଲେ, ତାହା ସମଗ୍ର ନିଯୁକ୍ତି ବ୍ୟବସ୍ଥାରେ ସ୍ୱଚ୍ଛତାକୁ କାଠଗଡ଼ାରେ ଠିଆ କରାଇଛି। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଦେଖି ପ୍ରସ୍ତୁତି କରିବାକୁ ଆନ୍ଧ୍ରପ୍ରଦେଶ ଯାଉଥିବା ବେଳେ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ସମେତ ୩ ଜଣ ଦଲାଲ୍ ଗିରଫ ପରେ ଏହି ପ୍ରଶ୍ନପତ୍ର କିଣାବିକା ମାମଲାରେ ପଞ୍ଚସଫ୍ଟର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି ହିଁ ମାଷ୍ଟରମାଇଣ୍ଡ ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ପରୀକ୍ଷା ପରିଚାଳନା କରୁଥିବା ଓପିଆର୍‌ବି ଏବଂ ଏହାର ଅଧିକାରୀମାନେ କିପରି ପର୍ଯ୍ୟବେକ୍ଷଣ କରୁଥିଲେ ଯେ ତାହା ଜାଣିପାରିଲେ ନାହିଁ, ନା ସବୁକିଛି ସଲାସୁତୁରାରେ ଚାଲିଥିଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛି ବରିଷ୍ଠ ପୁଲିସ୍ ଅଧିକାରୀଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ବିନା ଏହି ଚାକିରି ବିକ୍ରି ପ୍ରକରଣ ସମ୍ଭବ ନୁହେଁ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି।

ଅପରପକ୍ଷରେ ଘଟଣାକୁ ୯ଦିନ ବିତିଥିଲେ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ଅନ୍ଧାରରେ ବାଡ଼ି ବୁଲାଉଛି। ଓପିଆର୍‌ବି ଏବଂ ପରୀକ୍ଷା ପରିଚାଳନା ପାଇଁ ଟେଣ୍ଡର ନେଇଥିବା ଆଇଟିଆଇ ଲିମିଟେଡ୍‌ର କୌଣସି ଅଧିକାରୀଙ୍କୁ ଗିରଫ ତ ଦୂରର କଥା; ତଦନ୍ତ ପରିସରଭୁକ୍ତ ମଧ୍ୟ କରିନାହିଁ। କେବଳ ସବ୍-କଣ୍ଟ୍ରାକ୍ଟ ନେଇଥିବା ସିଲିକନ୍ ଓ ପଞ୍ଚସଫ୍ଟ କମ୍ପାନୀ ମଧ୍ୟରେ ତଦନ୍ତ ସୀମିତ ରଖିଛି। ଏଯାଏଁ ଚାକିରି ବିକ୍ରିର ମାଷ୍ଟରମାଇଣ୍ଡକୁ ଗିରଫ କରିବାରେ ବିଫଳ ହୋଇଥିବା ବେଳେ ସିଣ୍ଡିକେଟ୍‌ର ମୂଳରେ କେବେ ଓ କିପରି ପହଞ୍ଚିବ ବୋଲି ପ୍ରଶ୍ନ ଉଠିଛି। ତେଣୁ ଚାକିରି ବିକ୍ରି ପାଇଁ ଖୋଦ୍ ପୁଲିସ୍ ଅଧିକାରୀମାନେ ହିଁ ଗଳାବାଟ ପ୍ରସ୍ତୁତ କରିଥିବା ଧାରଣା ଦୃଢ଼ୀଭୂତ ହୋଇଛି। ପରୀକ୍ଷା ସମ୍ପର୍କିତ ସମସ୍ତ ଗୋପନୀୟ କାର୍ଯ୍ୟ କରିବା ପାଇଁ ଆଇଟିଆଇ ଲିମିଟେଡ୍‌କୁ ଅଖଣ୍ଡ କ୍ଷମତା ଦେଇଛନ୍ତି। ପ୍ରଶ୍ନପତ୍ର ପ୍ରସ୍ତୁତି ଓ ଛପାଇବା ଠାରୁ ଆରମ୍ଭ କରି ଓପିଆର୍‌ବି ମୁଖ୍ୟାଳୟରେ ପହଞ୍ଚାଇବା, ପରୀକ୍ଷା କେନ୍ଦ୍ର ଚୟନ, ସୁରକ୍ଷା ପାଇଁ ସିସିଟିଭି, ସିସିଟିଭି ପରିଚାଳନା ଆଦି ସମସ୍ତ କାର୍ଯ୍ୟ କରିବାକୁ ଟେଣ୍ଡର ଦେଇଛନ୍ତି। ପରୀକ୍ଷାରେ ଗଫଲତି ପାଇଁ ଅଧିକାରୀମାନେ ଯେପରି ଉତ୍ତରଦାୟୀ ନ ହେବେ, ସେଥିପାଇଁ ଟେଣ୍ଡର ନେଇଥିବା କମ୍ପାନୀ ହିଁ ଦାୟୀ ରହିବ ବୋଲି ଧାଡ଼ିକିଆ ନିର୍ଦ୍ଦେଶନାମା ଲେଖିଦେଇ ନିଜର ଦାୟିତ୍ୱ ସାରି ଦେଇଛନ୍ତି। ପ୍ରିଲିମିନାରୀ ପରୀକ୍ଷା ପାଇଁ ସମସ୍ତ କାର୍ଯ୍ୟ ଆଇଟିଆଇ ଲିମିଟେଡ୍‌କୁ ଦେବା ପରେ କେବଳ ଓପିଆର୍‌ବି ଅଧିକାରୀମାନେ ପର୍ଯ୍ୟବେକ୍ଷଣ କରିବେ ବୋଲି କୁହାଗଲା; ହେଲେ କେଉଁ କାର୍ଯ୍ୟକୁ କିଏ ଓ କେମିତି ପର୍ଯ୍ୟବେକ୍ଷଣ କରିବେ ସେ ନେଇ କିଛି ଉଲ୍ଲେଖ କରାଗଲା ନାହିଁ। ଫଳରେ କୌଣସି ଗଫଲତି ଧରାପଡ଼ିଲେ ମଧ୍ୟ ଅଧିକାରୀଙ୍କ ଉପରକୁ ଯେପରି ଆଞ୍ଚ ଆସିବ ନାହିଁ, ସେଥିପାଇଁ ଏକାଧିକ ଗଳାବାଟ ଛାଡ଼ିଦିଆଗଲା। ଉପଯୁକ୍ତ ପର୍ଯ୍ୟବେକ୍ଷଣ ଅଭାବରୁ ପରୀକ୍ଷାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ସବ୍-କଣ୍ଟ୍ରାକ୍ଟ ପାଇଥିବା କମ୍ପାନୀଙ୍କ ହାତକୁ ଚାଲିଗଲା। ଏସବୁ ପଛରେ ଚାକିରି ବିକ୍ରି ହିଁ ଏକମାତ୍ର ଉଦ୍ଦେଶ୍ୟ ବୋଲି ଅଭିଯୋଗ ହୋଇଛି। ତଦନ୍ତକୁ ବ୍ୟାପକ କଲେ ବହୁ ବରିଷ୍ଠ ଅଧିକାରୀ ଧରାପଡ଼ିବା ନିଶ୍ଚିତ ହୋଇଥିବାରୁ ସେହି ପୁଲିସ ବିଭାଗ ହିଁ ଘଟଣା ଚାପିବାକୁ ଆପ୍ରାଣ ଉଦ୍ୟମ କରୁଥିବା ଆଇନଜ୍ଞମାନେ ଅଭିଯୋଗ କରିଛନ୍ତି। ଯଦି ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ପ୍ରସ୍ତୁତି କରାଇବାକୁ ନେବା ସମୟରେ ପରୀକ୍ଷାର୍ଥୀ ଓ ଦଲାଲ୍ ଗିରଫ ହେଲେ, ତା'ହାଲେ ଦଲାଲ୍‌ଙ୍କୁ ପ୍ରଶ୍ନପତ୍ର ଯୋଗାଉଥିବା ବ୍ୟକ୍ତିଙ୍କ ପାଖରେ କିପରି କ୍ରାଇମ୍‌ବ୍ରାଞ୍ଚ ପହଞ୍ଚିପାରୁ ନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଗିରଫ ୧୧୯ ଜଣଙ୍କ...

ଏହି କର୍ମଚାରୀମାନେ ବସ୍ ଭଡ଼ା ବାବଦକୁ କାହାଠାରୁ ନିର୍ଦ୍ଦେଶ ପାଇଥିଲେ। ସେମାନେ କେଉଁ ସ୍ଥାନରୁ ପରୀକ୍ଷାର୍ଥୀ ଓ ଦଲାଲଙ୍କୁ ବସ୍‌କୁ ଉଠାଇଥିଲେ ଓ କେଉଁ ସ୍ଥାନକୁ ନେଉଥିଲେ ସେ ସମ୍ପର୍କିତ ତଥ୍ୟ ହାସଲ ସହ ସେମାନଙ୍କ ବୟାନ ରେକର୍ଡ କରାଯାଇଥିବା ସୂଚନା ମିଳିଛି। ପ୍ରକାଶଥାଉକି, ଚଳିତମାସ ୫ ଓ ୬ତାରିଖରେ ରାଜ୍ୟ ପୁଲିସ ଏସ୍ଆଇ ପରୀକ୍ଷା ଅନୁଷ୍ଠିତ ହେବାର ଥିଲା। ତେବେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଓ ଉତ୍ତର ପାଇବା ଉଦ୍ଦେଶ୍ୟରେ ୧୧୪ଜଣ ପରୀକ୍ଷାର୍ଥୀ ଓ ୩ଜଣ ଦଲାଲ ୨୯ ତାରିଖରେ ୩ଟି ବସ୍‌ରେ ଆନ୍ଧ୍ରପ୍ରଦେଶ ବିଜୟନଗରମ ଅଭିମୁଖେ ଯାତ୍ରା କରୁଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରିଥିଲା। ୬ ଜଣ ବସ୍ କର୍ମଚାରୀଙ୍କ ସମେତ ୧୧୪ଜଣ ପରୀକ୍ଷାର୍ଥୀ ଓ ୩ଜଣ ଦଲାଲଙ୍କୁ କାବୁ କରି ବ୍ରହ୍ମପୁର ଅଣାଯାଇଥିଲା। ପରେ ପୁଲିସ ବସ୍ କର୍ମଚାରୀଙ୍କୁ ବାଦ ଦେଇ ମୋଟ ୧୧୭ ଜଣଙ୍କୁ ଗିରଫ କରି ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇଥିଲା। ଘଟଣାର ତଦନ୍ତଭାର କ୍ରାଇମବ୍ରାଞ୍ଚ ନେବା ପରେ କଟକ ଓ ବାଲେଶ୍ୱରର ଏକାଧିକ ଦଲାଲଙ୍କୁ ଗିରଫ କରି ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଯାଇଛି। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଗିରଫ ସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି। ସେପଟେ ପରୀକ୍ଷା ଜାଲିଆତି ଘଟଣାର କିଙ୍ଗପିନ୍ ବା ମାଷ୍ଟର ମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି ଓ ତାର ମୁଖ୍ୟ ସହଯୋଗୀ ମୁନା ମହାନ୍ତିଙ୍କ ଟେର ପାଉନି କ୍ରାଇମବ୍ରାଞ୍ଚ।

### ସରକାରଙ୍କୁ ଆଇନଶୃଙ୍ଖଳା...

ସେହିପରି ବ୍ରହ୍ମପୁରର ଆଇନଜୀବୀ ତଥା ସମାଜସେବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡରେ ସମ୍ପୃକ୍ତ ଅପରାଧୀମାନଙ୍କୁ ତୁରନ୍ତ ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରାଧୀମାନେ ଯେପରି ଆଇନର ସମ୍ମୁଖୀନ ହେବେ ଓ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇବେ, ସେଥିପ୍ରତି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

### କମୁଛି ଏନ୍‌ଆର୍‌ଆଇ...

ହୋଇପଡ଼ିଛନ୍ତି। ଯାହାଫଳରେ ବର୍ତ୍ତମାନ ସେମାନେ ଝିଅ ପାଇଁ ଏନ୍‌ଆର୍‌ଆଇ ବର ଖୋଜିବା ଉପରେ ପୁନର୍ବିଚାର କରୁଛନ୍ତି। ସମ୍ପ୍ରତି ଆମେରିକା।ରେ ପ୍ରାୟ ୨୧ ଲକ୍ଷ ପ୍ରବାସୀ ଭାରତୀୟ ରହୁଛନ୍ତି। ଏହାକୁ ଭାରତରେ ଆଦର୍ଶ ବିବାହ ସମ୍ଭାବନା ଭାବରେ ବିବେଚନା କରାଯାଏ। କିନ୍ତୁ ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଫେରିବା ଏବଂ ହଜାର ହଜାର କୁଶଳୀ ଭାରତୀୟଙ୍କୁ ନିଯୁକ୍ତି ଦେଉଥିବା ଏଚ୍୧-ବି ଭିସା ଉପରେ କଟକଣା ସେହି ଆକର୍ଷଣକୁ ଏବେ ଶୀତଳ କରିଦେଇଛି। ଅନେକ ପରିବାର ଏବେ ବିବାହକୁ ବିଳମ୍ବିତ କରୁଛନ୍ତି। ଏଚ୍୧-ବି ଭିସା ହେଉଛି ଆମେରିକାର ଏକ ଅଣ-ଆବାସିକ ଭିସା ଯାହା କମ୍ପାନୀଗୁଡ଼ିକୁ ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ, ଡାକ୍ତରୀ, ଅର୍ଥନୀତି ଏବଂ ଶିକ୍ଷା ଭଳି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ଅନୁମତି ଦିଏ। ଟ୍ରମ୍ପଙ୍କ ଭିସା ବୋମା ଭାରତକୁ ଗଭୀର ଆଘାତ ଦେଇଛି। ରିପୋର୍ଟ ଅନୁସାରେ ୨୦୨୪ ଆର୍ଥିକବର୍ଷରେ ମୋଟ ଅନୁମୋଦିତ ଏଚ୍୧-ବି ଭିସା ହିତାଧିକାରୀଙ୍କ ମଧ୍ୟରୁ ୭୧% ହେଉଛନ୍ତି ଭାରତୀୟ। ଯାହା ଫଳରେ ଭାରତରେ ଯେଉଁମାନେ ସେମାନଙ୍କ ପିଲାମାନଙ୍କୁ ଏନ୍‌ଆର୍‌ଆଇମାନଙ୍କ ସହିତ ବିବାହ କରାଇବାକୁ ଯୋଜନା କରୁଥିଲେ ସେମାନଙ୍କ ମଧ୍ୟରେ ଅନିଶ୍ଚିତତା ବଢ଼ିବାରେ ଲାଗିଛି।

**ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ମହାନ୍ତିଙ୍କ ପୁସ୍ତକ ଉନ୍ମୋଚିତ**

## ନୀତି, ନିଷ୍ଠା ଓ କନିଷ୍ଠଙ୍କ ପ୍ରତି ସହାନୁଭୂତି ସଫଳତାର ମୂଳମନ୍ତ୍ର: ମୁଖ୍ୟ ବିଚାରପତି

କଟକ, ୮।୧୦(ସମିସ): ବରିଷ୍ଠ ଆଇନଜୀବୀ ତଥା ପ୍ରାକ୍ତନ ଆଡଭୋକେଟ ଜେନେରାଲ ବିଜୟକୃଷ୍ଣ ମହାନ୍ତିଙ୍କ ଦ୍ୱାରା ରଚିତ ପୁସ୍ତକ 'ଦି କଲଟ୍ ଆଣ୍ଡ କନଷ୍ଟିଚ୍ୟୁସନ'କୁ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଉନ୍ମୋଚନ କରିଛନ୍ତି।

ଏହି ଉପଲକ୍ଷେ ବୁଧବାର ସଂଧ୍ୟାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ଉଇସଡମ ପ୍ରେକ୍ଷାଳୟରେ ଆୟୋଜିତ ଉତ୍ସବରେ ଯୋଗଦେଇ ଜଷ୍ଟିସ ଟଣ୍ଡନ କହିଥିଲେ ଯେ ସାମ୍ବିଧାନିକ ସ୍ୱୀକୃତି ପାଇଥିବା ମାନବିକ ଅଧିକାରରେ ବିଶ୍ୱାସ କରିବା ସହ ଏହାକୁ ସଂରକ୍ଷିତ କରିବା ଉଚିତ। ଏହି ପୁସ୍ତକରେ ଲେଖକ ଏହାକୁ ଅତି ସୁନ୍ଦର ଭାବେ ବାଖ୍ୟା କରିଛନ୍ତି। ପୁସ୍ତକରେ ଉଲ୍ଲେଖ ରହିଥିବା ମୀମାଂସା ସୂତ୍ର ଓ ନ୍ୟାୟ ଶାସ୍ତ୍ର କିପରି ଆଧୁନିକ ନ୍ୟାୟିକ ବ୍ୟବସ୍ଥାରେ ଉପାଦେୟ ହୋଇପାରୁଛି ସେ ନେଇ ଜଷ୍ଟିସ ଟଣ୍ଡନ ଆଲୋକପାତ କରି ନୀତି, ନିଷ୍ଠା ଓ



କନିଷ୍ଠଙ୍କ ପ୍ରତି ସହାନୁଭୂତି ଭାବ ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ସୁପ୍ରିମକୋର୍ଟର ପ୍ରାକ୍ତନ ବିଚାରପତି ଜଷ୍ଟିସ ଅନଙ୍ଗ ପଟ୍ଟନାୟକ କହିଥିଲେ ଯେ ଶ୍ରୀ ମହାନ୍ତିଙ୍କ ଦ୍ୱାରା ରଚିତ ପୁସ୍ତକ ସମସ୍ତଙ୍କ ପାଇଁ ଉପାଦେୟ ହୋଇପାରିବ। ପ୍ରାକ୍ତନ ବିଚାରପତି ଜଷ୍ଟିସ ବିମଳ ପ୍ରସାଦ ଦାସ, ରାଜସ୍ଥାନର ପ୍ରାକ୍ତନ ମୁଖ୍ୟ ସଚିବ ଜଗଦୀଶ ମହାନ୍ତି ଓ ବରିଷ୍ଠ ଆଇନଜୀବୀ ଯଶୋବନ୍ତ ଦାସ ଶ୍ରୀ ମହାନ୍ତିଙ୍କ ରଚିତ ପୁସ୍ତକ ଓ ସେମାନଙ୍କ ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାକ୍ତନ ଆଡଭୋକେଟ ଜେନେରାଲ ଅଶୋକ ପରିଜା ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ପୁସ୍ତକ ସମ୍ପର୍କରେ ବରିଷ୍ଠ ଆଇନଜୀବୀ ବିବେକାନନ୍ଦ ମହାନ୍ତି ସୂଚନା ପ୍ରଦାନ କରିଥିଲେ। ଆଇନଜୀବୀ ଶ୍ରଦ୍ଧା ମହାନ୍ତି ଧନ୍ୟବାଦ ଦେଇଥିଲେ।

■ ହାତୀକୁ ହତ୍ୟାକରି ଦାନ୍ତ ଲୁଟ୍

## ବନବିଭାଗ ପାଖରେ ଖବର ନାହିଁ

ହିନ୍ଦୋଳ,୮।୧୦(ସମିସ): ହିନ୍ଦୋଳ ଫରେଷ୍ଟ ରେଞ୍ଜ ରାସୋଳ ସେକ୍ସନ ପଶାସିଂହ ବିଟ୍ ହାଉସ ନିକଟରେ ଏକ ଛୋଟ ହାତୀକୁ ଶିକାରୀ ଗୁଳିକରି ଦାନ୍ତ ଲୁଟ୍ କରିନେଇ ଥିବା ଅଭିଯୋଗ ସାମ୍ନାକୁ ଆସିଛି। ହାତୀ ଛୁଆର ମୃତ୍ୟୁ ପ୍ରାୟ ଗତ ୪/୫ ଦିନ ତଳୁ ହୋଇଥିବା ଅନୁମାନ କରାଯାଉଥିବା ବେଳେ ବନବିଭାଗ ବିଟ୍ ହାଉସ ନିକଟରୁ ମାତ୍ର ୧କିମି ଦୂରରେ ଏପରି ଘଟଣା ଘଟିଛି। ହେଲେ ବନ ବିଭାଗ ପାଖରେ ଖବର ନ ଥିବା ସମସ୍ତଙ୍କୁ ଚକିତ କରିଛି। ବୁଧବାର ଖବର ପାଇ ବନାଞ୍ଚଳ ଅଧିକାରୀ ଏବଂ କର୍ମଚାରୀମାନେ ପହଞ୍ଚି ଅନୁଧ୍ୟାନ କରିଥିବା ଦେଖିବାକୁ ମିଳିଛି। ହାତୀ ଦେହରେ ୨ଟି ଗୁଳି ବାଜିଥିବା ପ୍ରାଥମିକ ଭାବେ ଜଣାପଡୁଛି। ମାତ୍ର ଦାନ୍ତ ନ ଥିବାରୁ ଏହାର ସଠିକ ମୃତ୍ୟୁର କାରଣ ଜଣାପଡୁ ନାହିଁ। ଶବ ବ୍ୟବଚ୍ଛେଦ ପରେ ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହେବବୋଲି ବିଭାଗ ପକ୍ଷରୁ କୁହାଯାଉଛି।

## ଭାଲୁ ଆକ୍ରମଣରେ ମହିଳା ମୃତ

ନୀଳଗିରି, ୮।୧୦ (ସମିସ): ଭାଲୁ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଜଣକ ହେଲେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅନ୍ତର୍ଗତ ସଜନାଗଡ ପଞ୍ଚାୟତ ଅଧିନସ୍ଥ ପାଣବନ୍ଧ ଗାଁର ଚନ୍ଦ୍ରମୋହନ ନାୟକଙ୍କ ସ୍ତ୍ରୀ ଶାନ୍ତିଲତା। ବୁଧବାର ଗାଁ ନିକଟସ୍ଥ ତିନିକୋଶିଆ ସଂରକ୍ଷିତ ଜଙ୍ଗଲକୁ ସ୍ୱାମୀ, ସ୍ତ୍ରୀ ଛତୁ ତୋଳିବାକୁ ଯାଇଥିବାବେଳେ ଜଙ୍ଗଲ ଭିତରେ ଅଚାନକ ଏକ ଭାଲୁ ଶାନ୍ତିଲତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା।


**JEYPORE LAW COLLEGE, JEYPORE,**
**DIST. KORAPUT (ODISHA) Pin - 7640003**

Applications are invited for the following posts:-

**1. Principal**

**Terms and Conditions:**

- Qualification, Eligibility – As per the UGC Norms
- Salary – Negotiable.
- Interested candidates may apply by registered post along with relevant testimonials from HSC onwards and a bank draft of Rs. 1,500/- drawn in favour of Law College Trust, Jeypore payable at Jeypore so as to reach the undersigned within 21 days from the date of publication of this advertisement.
- Candidates applied earlier for the above mentioned post in response to our advertisement of July, 2025 need not apply again.

**Sd/-President,**
Jeypore Law College Governing Body,
Jeypore, Pin - 764003

Office of District Manager
Odisha State Civil Supplies Corporation Ltd. (OSCSC)
NABARNGPPUR
Phone: 9438200053
District Website : nabarangpurnic.in

CAD-1945

Tender No. 27,28,29,30,31,32,33,34,35 & 36 Dt. 06.10.2025

District Manager, Odisha State Civil Supplies Corporation Ltd, Nabarangpur invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of **(i) Paddy from Paddy Purchase Centres ( PPCs) / Mandis to Rice Mill point( Within or outside district ) & (II) Custom Milled Rice ( CMR) from Rice Mill Points to Rice Receiving Centres ( RRCs)/ Depots (Within or outside district)** |
| 2 | Availability of bid document in the portal | From 09.10.2025 |
| 3 | Last Date / Time for receipt of bids in the portal | Dt 27.10.2025 up to 5.00 P.M. |
| 4 | Date/Time of Opening of Technical Bid | Dt 28.10.2025. at 11.00 AM. |
| 5 | Name and address of the Officer Inviting Tender | District Manager, OSCSC Ltd, Nabarangpur |

Tender Documents & other details can be seen from the e-procurement portal www.oscsc.in, www.foododisha.in &www.tendersodisha.gov.in along with district website. Amendments /corrigendum /cancellation/ retenders etc. if anyshall be published only in above websites.

District Manager
OSCSC Ltd. Nabarangpur

OIPR-07045/11/0004/2526

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**


**AFFIDAVIT**

I, Pranati Samantara, aged about 41 years, W/o- Dillip Baliarsingh, resident of At/Po- Sanapadar, PS- Begunia, Dist- Khordha, PIN- 752064, Odisha declared by this affidavit No. 2025, dtd- 07/10/2025 that now onwards I shall be known as **PRANATI SAMANTARAY** for all future purposes.

**AFFIDAVIT**

By virtue of an affidavit (CF No.99) sworn before The Executive Magistrate, Bhubaneswar dated- 09/06/2025. I, **Budhi Redi,** W/o Balaram Redi, Address: Plot No. 1584, Narayanibasti, Unit-8, Nayapalli, Bhubaneswar, Dist- Khurda, PIN- 751012, Odisha declare that I have changed my minor daughter's name from **Nandini Redi To S.Nandini Reddy.** Henceforth, she shall be known as **S.Nandini Reddy** (new name) for all purposes.

**Budhi Redi**

**AFFIDAVIT**

I, Shakuntala Behera, aged about 63 years, W/o- Ananta Kumar Behera, resident of At- Praharajapur, Muntunia, Dakshinpraharajpur, Raibania, Dist- Baleswar, PIN- 756033, Odisha declared by this affidavit No. 2024, dtd- 07/10/2025 that now onwards I shall be known as **SAKUNTALA BEHERA** for all future purposes.


Government of Odisha
Office of the Superintending Engineer
Rural Works Division-I, Nabarangpur.
e-mail-eerwngp@rediffmail.com

O-857

Letter No. 5271 **e-Procurement Notice** Date 24.09.2025

Name of the work :- Road Works
Total No of works :- 38 (Thirty Eight) No's.
Approx. Estimated Cost :- Rs. 5.08 lakhs to Rs. 13.56 lakhs
Class of Contractor :- "C" & "D" Class Contractor
Period of completion :- 2 (Two) Calender Months

| Procurement officer | Bid Identification No: | No of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | | 4 | 6 | |
| Rural Works Division-I, Nabarangpur | EERWNGP – Online -07/2025-26 | 38 (Thirty Eight) No's. | 10.10.2025 at 10.00 AM | 18.10.2025 up to 03.00 PM | 20.10.2025 at 11.00 AM | |

For Details can be seen from the Government website www.tendersorissa.gov.in

Executive Engineer
Rural Works Division-I, Nabarangpur

OIPR-25092/11/0022/2526

Union Bank of India

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍**

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍**

ଆମେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ବାଲୁଗାଁ ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଲୁଗାଁ ଶାଖାର** ଋଣଗ୍ରହୀତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବାଲୁଗାଁ ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ବିଶ୍ୱମ୍ଭର ବିଶୋଇ,** ପିତା: ମୋହନ ବିଶୋଇ / **କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତା: ଶ୍ରୀ ଅରବିନ୍ଦ ପାଇକରାୟ,** ପିତା: ଭାଗିରଥି ପାଇକରାୟ, ଉଭୟଙ୍କ ଠିକଣା- ସା: ବ୍ରାହ୍ମଣଦେଇପୁର, ଆକୁଲା, ବାଲୁଗାଁ, ଖୋର୍ଦ୍ଧା-୭୫୨୦୩୦ | ମିଆଦୀ ଋଣ | ୨୯.୦୮.୨୦୨୨ / ୦୬.୧୦.୨୦୨୫ / ୩୦.୦୯.୨୦୨୫ ସୁଦ୍ଧା ଟ.୯,୨୯,୨୯୫.୬୧ | ଶ୍ରୀ ବିଶ୍ୱମ୍ଭର ବିଶୋଇଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୮୦/୬୦୧, କ୍ଷେତ୍ର: ଏକର୦.୦୪୩ ଡିସିମିଲି, ପ୍ଲଟ୍ ନଂ.: ୭୬, କ୍ଷେତ୍ର: ଏକର୦.୦୧୫ ଡିସିମିଲି, ପ୍ଲଟ୍ ନଂ.: ୭୧, କ୍ଷେତ୍ର: ଏକର୦.୦୭୩ ଡିସିମିଲି, ପ୍ଲଟ୍ ନଂ.: ୭୦, କ୍ଷେତ୍ର: ଏକର୦.୦୪୨ ଡିସିମିଲି, ପ୍ଲଟ୍ ନଂ.: ୬୯/୭୦୦, କ୍ଷେତ୍ର: ଏକର୧.୨୪୪ ଡିସିମିଲି, ପ୍ଲଟ୍ ନଂ.: ୬୮, କ୍ଷେତ୍ର: ଏକର୦.୦୯୬ ଡିସିମିଲି, ଖାତା ନଂ.: ୨୪୦/୪୨ (ସମୁଦାୟ ୬ଟି ପ୍ଲଟ୍), **ସମୁଦାୟ କ୍ଷେତ୍ର: ଏକର୧.୫୧୩ ଡିସିମିଲି,** ମୌଜା: ବ୍ରାହ୍ମଣଦେଇପୁର, ତହସିଲ: ଚିଲିକା, ଜିଲ୍ଲା: ଖୋର୍ଦ୍ଧା |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୮.୧୦.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ





# ଅଣ୍ଡରପାସ୍ ତଳେ କୃତ୍ରିମ ପୋଖରୀ

ଭୁବନେଶ୍ୱର, ୮।୧୦(ସମିସ): ଅସରାଏ ବର୍ଷାରେ ରାସ୍ତା ଉପରେ ପ୍ରବାହିତ ହେଉଛି ଆଣ୍ଠୁଏ ଉଚ୍ଚର ପାଣି। ପାଣି ଭିତରେ ୭୦ ପ୍ରତିଶତ ବୁଡ଼ି ଯାଉଛି ଚାରିଚକିଆ ଗାଡ଼ି ସାଙ୍ଗକୁ ବାଇକ୍ ଓ ସ୍କୁଟି। ଫଳରେ କାହାର ଗାଡ଼ି ଇଞ୍ଜିନ ଖରାପ ହେଉଯାଉଛି ତ ଆଉ କାହାର ଗାଡ଼ି ଷ୍ଟାର୍ଟ ବନ୍ଦ ହୋଇ ଯାଉଛି। ପାଦଚଲା ପଥଚାରୀଙ୍କ ପାଇଁ ଆହୁରି ବିପଦ। କାରଣ ଅଣ୍ଟାଏ ଉଚ୍ଚର ପାଣି ଭିତରେ ପଶି ଯିବାଆସିବା କରିବା ସମ୍ଭବ ହେଉନି। ଫଳରେ ସ୍ଥାନୀୟ ଲୋକେ ୨ରୁ ଅଢ଼େଇ କିଲୋମିଟର ବୁଲି

## ଏନ୍‌ଏଚ୍‌ଏଆଇର ମନମାନୀ; ହନ୍ତସନ୍ତ ଲୋକେ

## ଅସରାଏ ବର୍ଷାରେ ବାଟ ବନ୍ଦ

ଯିବାଆସିବା କରୁଥିବା ବେଳେ ଅଧିକାଂଶ ଲୋକେ ରଙ୍ଗ୍ ରୁଟ୍‌ରେ ଯାଉଥିବାରୁ ଦୁର୍ଘଟଣା ଘଟିବା ସହ ଭଡ଼ାରେ ଆସୁଥିବା ଗାଡ଼ି ଚାଳକ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ସତସଂଘବିହାର ଅଣ୍ଡରପାସ୍ ରାସ୍ତାରେ। ପ୍ରତିବର୍ଷ ବର୍ଷା ଋତୁରେ ଏଠାରେ ଆଣ୍ଠୁଏ ଉଚ୍ଚର ପାଣି ଜମିବା ସହ ପଥଚାରୀଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଥିଲେ ବି ଏହାର ସମାଧାନ କରାଯାଉନାହିଁ। ଫଳରେ ଅସରାଏ ବର୍ଷାରେ ଅଣ୍ଡରପାସ୍ ତଳେ କୃତ୍ରିମ ନଦୀର ଭ୍ରମ ସୃଷ୍ଟି କରୁଛି। ଏହାଦ୍ୱାରା ସ୍କୁଲ ବସ୍ ଠାରୁ ଆରମ୍ଭ କରି ବଡ଼ ବଡ଼ ଯାନବାହାନ ବାଧ ହୋଇ ୨ରୁ ୩ କିଲୋମିଟର ରାସ୍ତା ଅଧିକ ବୁଲି ଯାଉଥିବା ଦେଖିବାକୁ ମିଳିଛି।



ଭିଏସ୍‌ଏସନଗର, ଚକେଇସିଆଣି, ସତ୍‌ସଂଘବିହାର, ବାଣୀବିହାର, ସହିଦନଗରକୁ ଯାତାୟତ ସୁଗମ କରିବାକୁ ଏହି (ସତସଂଘ ବିହାର) ଅଣ୍ଡରପାସ୍ ଦେଇ ପ୍ରତିଦିନ ଶହଶହ ସଂଖ୍ୟାରେ ଲୋକମାନେ ଯିବା ଆସିବା କରିଥାନ୍ତି। କାରଣ ରସୁଲଗଡ଼ ଛକ ଦେଇ ଆସିବା ଦ୍ୱାରା ଅଧିକ ସମୟ ଲାଗୁଥିବାରୁ ସହଜ ରାସ୍ତା ଭାବେ ଏହାକୁ ସ୍ଥାନୀୟ ଲୋକେ ବ୍ୟବହାର କରିଥାନ୍ତି। ପ୍ରତିବର୍ଷ ବର୍ଷା ଋତୁ ଆସିଲେ ଏହି ଅଣ୍ଡପାସ୍ ତଳେ ଆଣ୍ଠୁଏ ପାଣି ଜମିରହୁଥିବା ବେଳେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନମ୍ବର-୧୭ ଅଧୀନରେ ରହିଛି ଏହି ଅଞ୍ଚଳ। କିନ୍ତୁ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ଅଣ୍ଡରପାସ୍ ଏନ୍‌ଏଚ୍‌ଏଆଇ ଅଧୀନରେ ରହିଛି। ଜାତୀୟ ରାଜପଥ ନିର୍ମାଣ ସମୟରେ ଅଣ୍ଡରପାସ୍ ଗୁଡ଼ିକର ଉଚ୍ଚତା କମ୍ ରଖାଯାଇଥିବାରୁ ଏଭଳି ପରିସ୍ଥିତି ଉପୁଜୁଥିବା ଅଭିଯୋଗ ହୋଇଛି।

ତେବେ ଏହି ଅଣ୍ଡରପାସ୍ ନିର୍ମାଣ କରାଯିବା ସମୟରେ ଜଳନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଯାହାଦ୍ୱାରା ବର୍ଷା ସମୟରେ ବର୍ଷା ପାଣି ନିଷ୍କାସନ ହୋଇନପାରି ଏଠାରେ ଜମି ରହୁଛି। ଥରେ ବର୍ଷାରେ ଜମି ରହୁଥିବା ପାଣି ଶୁଖିବାକୁ ପ୍ରାୟ ୩ରୁ ୪ଦିନ ସମୟ ଲାଗୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ ଏହି ରାସ୍ତାରେ କେବଳ ବର୍ଷା ଋତୁରେ ସମସ୍ୟା ନୁହେଁ ବରଂ ବର୍ଷ ତମାମ୍ ଏଠାରେ ସମସ୍ୟା ଲାଗି ରହିଛି। ବିନା ବର୍ଷାରେ ବି ଅଣ୍ଡରପାସ୍ ତଳ ଉଭୟ ପାର୍ଶ୍ୱରେ ଆବର୍ଜନା ପାଣି ଜମି ରହୁଛି। ତା ସାଙ୍ଗକୁ ଏଠାରେ ନିୟମିତ ଅଳିଆ ଗଦା କରାଯାଉଥିବା ଦେଖିବାକୁ ମିଳିଛି। ଗୋଟେପେଟ ସହରକୁ ସ୍ୱଚ୍ଛ ଓ ପରିଷ୍କାର ରଖିବାକୁ ବିଏମ୍‌ସି ପକ୍ଷରୁ ଗଳି କନ୍ଦିରେ ସଫେଇ ଗାଡ଼ି ଘର ଦୁଆର ମୁହଁରୁ ଅଳିଆ ସଂଗ୍ରହ କରୁଥିବା ବେଳେ ଏଠାରେ ପଡ଼ି ରହିଛି ମାସ ମାସର ଅଳିଆ। ବର୍ଷାରେ ଅଳିଆ ବର୍ଷା ପାଣିରେ ମିଶି ରାସ୍ତାରେ ବିଛାଡ଼ି ହୋଇ ପଡ଼ୁଛି। ଫଳରେ ଯେଉଁମାନେ ଚାଲିଚାଲି ଯାଉଛନ୍ତି ସେମାନେ ବିଭିନ୍ନ ଚର୍ମରୋଗରେ ଶିକାର ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ୱାର୍ଡର କର୍ପୋରେଟର ଭୋଳାନାଥ ମହାରଣା କହିଛନ୍ତି ଯେ, ଏହି ରାସ୍ତା ଏନଏଚ୍‌ଏଆଇ ଅଧୀନରେ ରହିଛି। ଏହି ସମସ୍ୟା ପାଇଁ ଏନ୍‌ଏଚଏଆଇକୁ ୨ଥର ଚିଠି କରାଯାଇଥିଲେ ସୁଦ୍ଧା ସମାଧାନ ହୋଇପାରି ନାହିଁ। ଏହାସହ ନିକଟରେ ରହିଥିବା ଏକ ଗାଡ଼ି ସର୍ଭିସ୍ ସେଣ୍ଟରରୁ ଆସୁଥିବା ପାଣି ସାଙ୍ଗକୁ ବର୍ଷା ସମୟରେ ରାଜପଥ ଓ ସହିଦନଗର ପଟୁ ପାଣି ଗଡ଼ି ଆସି ଏହିସ୍ଥାନରେ ଜମୁଛି। ଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି।

## ଧଉଳିରେ ବୋଧିଦ୍ରୁମ ଆଳତି



ଭୁବନେଶ୍ୱର, ୮।୧୦(ସମିସ): କୁମାର ପୂର୍ଣ୍ଣମୀ ଅବସରରେ ଧଉଳି ପଞ୍ଚାୟତ ଅଫିସ୍ ପାଖ ବୁଦ୍ଧବିହାର ଠାରେ ବୋଧିଦ୍ରୁମ ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଆଇସିର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ପରେଶ ନାୟକଙ୍କ ଦ୍ୱାରା ଶ୍ରୀଲଙ୍କା, ଅନୁରାଧା ପୁରରୁ ଅଣାଯାଇଥିବା ପବିତ୍ର ଅଶ୍ୱସ୍ଥ ଗଛକୁ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ଇଣ୍ଟରନ୍ୟାସନାଲ ସେଣ୍ଟରର(ଓଆଇସିର) ସଦସ୍ୟା, ସଦସ୍ୟ, ଉପଦେଷ୍ଟା ମଣ୍ଡଳୀ ପବିତ୍ର ବୋଧୀଦ୍ରୁମ ଆଳତି ସମାରୋହରେ ଯୋଗ ଦେଇଥିଲେ। ସମ୍ପାଦନ କରିଥିଲେ। ଏହାପରେ ଓଆଇସିର ମାସିକ ବୈଠକ ଓଆଇସିର ମାନେଜିଂ ଟ୍ରଷ୍ଟି ଭାବଗ୍ରାହୀ ଶାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସନ୍ତା ନଭେମ୍ବର ୨୦ରେ ପୁରୀ ବଡ଼ଦାଣ୍ଡରେ ଆସନ୍ତା ପବିତ୍ର ଦେବ ଦୀପାବଳୀ ଉତ୍ସବର ପ୍ରସ୍ତୁତି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହି ଉପଲକ୍ଷେ ଆଜୀବନ ସଦସ୍ୟ ମନୋରଞ୍ଜନ ମହାନ୍ତିଙ୍କ ସହଯୋଗରେ ତାଳ ମଞ୍ଜି ରୋପଣ କରାଯିବା ସହ ବୁଲା ଗୋରୁଙ୍କୁ ଖାଦ୍ୟ ଓ ପ୍ରସାଦ ବିତରଣ କରାଯାଇଥିଲା ଏବଂ ଗୋରୁ ଗାଈଙ୍କୁ ରୁଟି ଓ ପ୍ରସାଦ ଖାଇବାକୁ ଦିଆଯାଇ ଗୋସେବା କରାଯାଇଥିଲା।

## ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ଗଜଲ



ଭୁବନେଶ୍ୱର, ୮।୧୦(ସମିସ): ଭୁବନେଶ୍ୱର ମ୍ୟୁଜିକ ସର୍କଲର ପ୍ରତିଷ୍ଠାତା ସର୍ଦ୍ଦାର ସନ୍ତକ ସିଂଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ସ୍ୱରୂପ ଭୁବନେଶ୍ୱର ସର୍କଲ ତରଫରୁ ରବୀନ୍ଦ୍ର ମଣ୍ଡପଠାରେ ଏକ 'ସୋଲଫୁଲ ଗଜଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତି ବର୍ଷ ଅକ୍ଟୋବର ମାସରେ ଏହି ସଙ୍ଗୀତ ସଂନ୍ଧ୍ୟାର ଆୟୋଜନ କରାଯାଇ ଗଜଲ ଓ ଅନ୍ୟାନ୍ୟ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରାଯାଇଥାଏ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଗଜଲ ଗାୟକ ଧୃତିମୟ ବେହେରା ଓ ଶୁଭଲକ୍ଷ୍ମୀ ବେହେରା ଗଜଲ ପରିବେଷଣ କରିଥିଲେ। ଏହି କଳାକାରଙ୍କର ଓଡ଼ିଶାର ବିଭିନ୍ନ ସ୍ଥାନ ସମେତ ଦିଲ୍ଲୀ, କୋଲକାତା ଏବଂ ହାଇଦ୍ରାବାଦରେ ସଙ୍ଗୀତ ପରିବେଷଣ କରିବାର ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ଉଭୟ ସିନେମା ଇଣ୍ଡଷ୍ଟ୍ରି ଓ ବିଭିନ୍ନ ଟେଲିଭିଜନ ଚ୍ୟାନେଲରେ ମଧ୍ୟ କାମ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତବଲାରେ ଜଗନ୍ନାଥ ଦାଶ, ବଂଶୀରେ ଅଭିରାମ ନନ୍ଦ, ସିନ୍ଥେସିସରରେ ବବ୍‌ଲୁ ଚନ୍ଦ୍ରକାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ସେବାଶିବିର ଓ ପୋଷାକ ବଣ୍ଟନ



ଧଉଳି, ୮।୧୦(ସମିସ): ଭୁବନେଶ୍ୱର ପାଣ୍ଡବନଗର ସ୍ଥିତ 'ଅଭ୍ୟୁଦୟ ଫାଉଣ୍ଡେସନ ଟ୍ରଷ୍ଟ' ତରଫରୁ ସେବାଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜର ବେତନଟୀସ୍ଥିତ 'ପରିବର୍ତ୍ତନ' ଭିନ୍ନକ୍ଷମ ଆବାସିକ ଅନୁଷ୍ଠାନରେ ଏକ ଦିନିକିଆ ସେବା ଶିବିର ଅନଷ୍ଠିତ ହୋଇଯାଇଛି। ଅଭ୍ୟୁଦୟ ଫାଉଣ୍ଡେସନ ଟ୍ରଷ୍ଟର କର୍ମକର୍ତ୍ତାମାନେ ଛୋଟ ଛୋଟ ପିଲାଙ୍କୁ ଦୁର୍ଗାପୂଜା ଉପଲକ୍ଷେ ନୂଆ ପୋଷାକ ପିନ୍ଧିବାକୁ ଦେଇଥିଲେ। ପରେ ବିସ୍କୁଟ, କେକ୍ ଜଳପାନର ବ୍ୟବସ୍ଥା କରାଯାଇଥିଲା। ପିଲାମାନଙ୍କର ମନରେ ସ୍ନେହ ଓ ଶ୍ରଦ୍ଧା ବାଣ୍ଟିବା ପାଇଁ ଶିକ୍ଷା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏପରିକି ମଧ୍ୟାହ୍ନ ଭୋଜନ ମଧ ପ୍ରଦାନ କରାଯାଇଥିଲା। ପରେ ପିଲାମାନଙ୍କର ଯତ୍ନ ଉପରେ ଓ ସେମାନଙ୍କର ସୃଜନକଳାର ବିକାଶ ନିମନ୍ତେ ତପନ କୁମାର ଶତପଥୀ 'ପରିବର୍ତ୍ତନ' ଅଧ୍ୟକ୍ଷ ଦେବୀ ପ୍ରସାଦ ପରିଡ଼ା ଓ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। 'ଅଭ୍ୟୁଦୟ ଫାଉଣ୍ଡେସନ ଟ୍ରଷ୍ଟ'ର ସମ୍ପାଦକ ପ୍ରବୀର କୁମାର ଆଚାର୍ଯ୍ୟ ଭିନ୍ନକ୍ଷମ ପିଲାମାନଙ୍କୁ ଭଗବାନଙ୍କର ଜୀବନ୍ତ ରୂପ ବୋଲି କହିଥିଲେ। ଏମାନଙ୍କର ସେବାହିଁ ଭଗବାନଙ୍କ ସେବା କହି କର୍ମୀମାନଙ୍କୁ ପ୍ରେରଣା ଦେଇଥିଲେ। ଶ୍ରୀମତୀ ବନଜା ଦ୍ୱିବେଦୀ 'ପରିବର୍ତ୍ତନ'ର ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ।

## ଶ୍ରମିକ ମାନ୍ୟତା ଦାବି କଲା ଘରୋଇ ମହିଳା ଶ୍ରମିକ ମଞ୍ଚ

ଭୁବନେଶ୍ୱର, ୮।୧୦(ସମିସ): ଅଶୋକନଗରସ୍ଥିତ ନାଗଭୁଷଣ ଭବନ ଠାରେ ଏଆଇସିସିଟିୟୁଙ୍କ ନେତୃତ୍ୱରେ ଜିଜିଏସ, ଘରୋଇ ମହିଳା ଶ୍ରମିକ ମଞ୍ଚ ପକ୍ଷରୁ ଘରୋଇ ଶ୍ରମିକମାନଙ୍କର ଏକ ସମାବେଶ ଅନୁଷ୍ଠିତ ହୋଇଯାଉଛି। ଏଥିରେ ଏଆଇସିସିଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା, ଭାରତ ସରକାର ସି -୧୮୯କୁ ତୁରନ୍ତ ରଟିଫିକେସନ କରିବା ସହ ଘରୋଇ ମହିଳା ଶ୍ରମିକଙ୍କୁ ଶ୍ରମିକର ମନ୍ୟତା ଦେବା ଦରକାର। ଏହି ସଭାରେ ଘରୋଇ ମହିଳା ଶ୍ରମିକମାନେ କାର୍ଯ୍ୟ କ୍ଷେତ୍ରରେ ହେଉଥିବା ଅସୁବିଧା ସମ୍ପର୍କରେ ସାପ୍ତାହିକ ଛୁଟି, ଦୈନିକ ଦରମାର ଧାର୍ଯ୍ୟ ଓ ଅସୁସ୍ଥତା ସମୟରେ ମଜୁରି କାଟିବା ଭଳି ସମସ୍ୟାର ସମ୍ମୁଖୀନ ହେଉଛନନ୍ତି ବୋଲି ଦର୍ଶାଇ ଥିଲେ। ସେହିଭଳି ଏଆଇସିସିଟିୟୁର ସଭାପତି ଓ ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ ସରକାର ଘରୋଇ ଶ୍ରମିକମାନଙ୍କର ଅଧିକାର ତୁରନ୍ତ ସମାଧାନ କରିବା ସହ ଅସଂଗଠିତ ଶ୍ରମିକ କଲ୍ୟାଣ ବୋର୍ଡ଼କୁ ୧୦୦ କୋଟିରୁ ଅଧିକ ବଜେଟ ବ୍ୟବସ୍ଥା କରାନ୍ତୁ ନଚେତ ଘରୋଇ ମହିଳା ଶ୍ରମିକମାନେ ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି କହିଥିଲେ। ଭୁବନେଶ୍ୱର ଘରୋଇ ମହିଳା ଶ୍ରମିକ ସଙ୍ଘର ସମ୍ପାଦକ ନଳିନୀ ଦିଗଲ, ଜିଜିଏସ ର ସମ୍ପାଦିକା ବିଜୟ ଲକ୍ଷ୍ମୀ ସିଂ, ସମାଜସେବୀ ପ୍ରତାପ ସାହୁ ମଧ୍ୟ ଏଥିରେ ଉପସ୍ଥିତ ଥିଲେ।



## ଗଜଲକ୍ଷ୍ମୀପୂଜା ମଣ୍ଡପ ବୁଲିଲେ ଉତ୍ତର ବିଧାୟକ



ଭୁବନେଶ୍ୱର, ୮।୧୦(ସମିସ): ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ଉତ୍ତର ନିର୍ବାଚନୀ ମଣ୍ଡଳୀର ବିଭିନ୍ନ ପୂଜା ମଣ୍ଡପ ବୁଲିଛନ୍ତି ବିଧାୟକ ସୁଶାନ୍ତ କୁମାର ରାଉତ। ବୁଧବାର ପୂର୍ବାହ୍ଣରେ ୧୨ ନମ୍ବର ୱାର୍ଡର ଲକ୍ଷ୍ମୀ ବିହାର, ଗଜପତି ନଗର ଓ ୭ମ ବାଟାଲିୟନ ଆଦି ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ପହଞ୍ଚି ମା' ଧନଦାତ୍ରୀଙ୍କ ଆଶ୍ରୀର୍ବାଦ ଗ୍ରହଣ କରଥିଲେ। ସମସ୍ତ ପୂଜା କମିଟି ପକ୍ଷରୁ ବିଧାୟକ ଶ୍ରୀ ରାଉତ ଏବଂ କର୍ପୋରେଟର ଜୟନ୍ତୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ପ୍ରସନ୍ନ କୁମାର ସାହୁ, ପ୍ରଫୁଲ ଜେନା, ଗଗନ ପଣ୍ଡା, ମିଟୁ ପରିଡ଼ାଙ୍କ ସମେତ ସମସ୍ତ କମିଟିର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## 'ଦିବ୍ୟାଲୋକ ସନ୍ଧାନେ'ର ଶାରଦୀୟ ସଂଖ୍ୟା ଉନ୍ମୋଚିତ



ଭୁବନେଶ୍ୱର, ୮।୧୦(ସମିସ): ଆଧ୍ୟାତ୍ମିକ ପତ୍ରିକା ' ଦିବ୍ୟାଲୋକ ସନ୍ଧାନେ'ର ଶାରଦୀୟ ସଂଖ୍ୟା ପୂଜ୍ୟପୂଜକ ପଦ୍ମଶ୍ରୀ ବାବା ବଳିଆଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ପତ୍ରିକାର ମୁଖ୍ୟ ସମ୍ପାଦକ ଡଃ ଶରତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର କଟକ ରୋଡ଼ରେ ଅବସ୍ଥିତ ତେରାପନ୍ଥ ଭବନରେ ଅନୁଷ୍ଠିତ ଏହି ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାବାଜୀ ପ୍ରଣବକ୍ଷନନ୍ଦ ଦାସ, ସ୍ୱାମୀ ଡଃ ଚିଦାନନ୍ଦ ବ୍ରହ୍ମଚାରୀ, ବାବାଜୀ ସଞ୍ଜୟ ଦାସ, ଓ ପ୍ରଜ୍ଞାନନ୍ଦ ଦାସଙ୍କ ସମେତ ବହୁ ବହୁ ସାଧୁସନ୍ଥ ଉପସ୍ଥିତ ଥିଲେ। ଶେଷରେ ଆଧ୍ୟାତ୍ମିକ ସ୍ତମ୍ଭକାର ତଥା ପ୍ରବକ୍ତା ଶ୍ରୀସନ୍ନ୍ୟାସୀ ଜୀ କୃତଜ୍ଞତା ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପତ୍ରିକାର ପରିଚାଳନା ସମ୍ପାଦକ ଇଂ ବିପ୍ଳବ ଦାସ, ସହଯୋଗୀ ସମ୍ପାଦକ ରାମଚନ୍ଦ୍ର ବେହେରା, ପ୍ରସାରଣ ଅଧିକାରୀ ଡଃ ଆରତୀ ପଣ୍ଡା, ଡାକ୍ତର ଅରବିନ୍ଦ ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ।

## ଗ୍ରାହକ ମାର୍ଗଦର୍ଶନ ସେବା କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୮।୧୦(ସମିସ): ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓ ସାଇ ଶକ୍ତି ମହିଳା ସମିତି ସହଯୋଗରେ ବଡ଼ବଡ଼ ବ୍ରିଟ୍ କଲୋନୀରେ ଗ୍ରାହକ ମାର୍ଗଦର୍ଶନ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ଭୁବନେଶ୍ୱର ମହାନଗରର ସଭାପତି ଅଜୟ କୁମାର ଚୌଧୁରୀ, ଉପସଭାପତି ପ୍ରିୟଦର୍ଶୀ ବରାଳ, ସମ୍ପାଦକ ଉଜ୍ଜ୍ୱଳ କୁମାର ପଣ୍ଡା, ସସ୍ମିତା ମଙ୍ଗରାଜଙ୍କ ସମେତ ଅଞ୍ଚଳରେ ଥିବା ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ମାର୍ଗଦର୍ଶନ ସେବା କେନ୍ଦ୍ର ବର୍ତ୍ତମାନ ସପ୍ତାହରେ ୨ ଦିନ ସୋମବାର ଓ ଶୁକ୍ରବାର ସନ୍ଧ୍ୟା ୫ ଟା ରୁ ୭ ଟା ପର୍ଯ୍ୟନ୍ତ ଖୋଲା ରହିବ। ଏହି କେନ୍ଦ୍ରରେ ଯେ କୌଣସି ଗ୍ରାହକ ସମ୍ବନ୍ଧୀୟ ସମସ୍ୟାର ସରଳ ସମାଧାନ ପାଇଁ ପରାମର୍ଶ ନିଶୁଳ୍କ ପ୍ରଦାନ କରାଯିବ ବୋଲି ସଂଗଠନର ସମ୍ପାଦକ ଉଜ୍ଜ୍ୱଳ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଭୁବନେଶ୍ୱର ଅନ୍ୟ ସ୍ଥାନରେ ମଧ ମାର୍ଗଦର୍ଶନ ସେବା କେନ୍ଦ୍ର ଖୋଲାଯିବାର ଯୋଜନା ରହିଥିବା ସଂଗଠନ ପକ୍ଷରୁ କୁହାଯାଇଛି।

## ମହର୍ଷି ବାଲ୍ମିକୀଙ୍କ ଜୟନ୍ତୀରେ କବିତା ପାଠୋତ୍ସବ

ଭୁବନେଶ୍ୱର, ୮ ।୧୦(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନର ମିଳିତ ସହଯୋଗରେ ବୁଦ୍ଧ ମନ୍ଦିରରେ 'ଆଦିକବି ମହର୍ଷି ବାଲ୍ମିକୀ'ଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ରବି ନାରାୟଣ ବେହେରା, ମୁଖ୍ୟବକ୍ତା ଭାବେ ପ୍ରଫୁଲ୍ଲ ରଥ, ସମ୍ମାନିତ ଅତିଥି ଭାବେ ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଶାନ୍ତନୁ ରଥ, ସମାଜସେବୀ ଲକ୍ଷ୍ମଣ ପଣ୍ଡା, ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜୟନ୍ତୀ ପଡ଼ିଆରୀ ଓ ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

## ବୁଦ୍ଧିପଡ଼ା ଗଜଲକ୍ଷ୍ମୀ ପୂଜାରେ ସ୍ୱତନ୍ତ୍ର ବିଧି



ବାଲିଅନ୍ତା, ୮ ।୧୦(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବାଲିଅନ୍ତା ବ୍ଲକ ପୁରାଣ ପ୍ରଧାନ ଗ୍ରାମ ପଞ୍ଚାୟତର ବୁଦ୍ଧିପଡ଼ା ଗ୍ରାମରେ ସୋମବାର ଠାରୁ ଆରମ୍ଭ ହୋଇଛି ଗଜଲକ୍ଷ୍ମୀ ପୂଜା। ଏହି ପୂଜା ବିଧିମତେ ପାଞ୍ଚ ଦିନ ଧରି ଚାଲିବ। ଏହି ପାଞ୍ଚ ଦିନ ମଧ୍ୟରେ ପଡୁଥିବା ଆଦ୍ୟ ଗୁରୁବାର ମା'ଙ୍କ ନିକଟରେ ବିଶେଷ ପୂଜାର ଆୟୋଜନ କରାଯିବା ସହ ପ୍ରାୟ ପାଞ୍ଚ ହଜାର ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ପ୍ରତି ବର୍ଷ ଭଳି ଏହି ବର୍ଷ ମଧ ପ୍ରସାଦ ସେବନର ଆୟୋଜନ କରାଯାଇ ଅଛି। ଶୁକ୍ରବାର ରାତିରେ ପୂଜା ସମାପନ ପରେ ମାଁଙ୍କର ବିସର୍ଜନ କାର୍ଯ୍ୟ କରାଯିବ। ପ୍ରତ୍ୟେକ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଉଅଛି। ବୁଦ୍ଧିପଡ଼ା ପୂଜା ଅନୁଷ୍ଠାନ ଦ୍ୱାରା ଚ଼ତୁଃର୍‌ଦଶ ବର୍ଷରେ ପଦାର୍ପଣ କରିଛି ମା'ଙ୍କର ଏହି ପୂଜା କାର୍ଯ୍ୟକ୍ରମ। ପୁରଣପଧାନ ଗ୍ରାମ ପଞ୍ଚାୟତର ସୁନାମଧନ୍ୟ ଯୁବ ଭାସ୍କର୍ଯ୍ୟ ଶିଳ୍ପୀ ଦେବେନ୍ଦ୍ର ବାରିକଙ୍କ ନିଖୁଣ କାରିଗରୀରେ ପ୍ରତିବର୍ଷ ଏହି ମୃଣ୍ମୟୀ ପ୍ରତିମା ବିନା ପାରିଶ୍ରମିକରେ ଶ୍ରଦ୍ଧାର ସହ ନିର୍ମାଣ କରି ଆସୁଛନ୍ତି। ସ୍ଥାନୀୟ ଅଞ୍ଚଳର ପଣ୍ଡିତ ଆଚାର୍ଯ୍ୟ ମନୁ ଦାଶଙ୍କ ଦ୍ୱାରା ନିଷ୍ଠାର ସହ ମାଙ୍କର ପୂଜାବିଧି କାର୍ଯ୍ୟ ଅନୁଷ୍ଠିତ ହେଉଛି। ପୂଜା କମିଟିର ଅଧ୍ୟକ୍ଷ ଯୁବ ସମାଜସେବୀ ଶିବ ବେହେରା, ଗ୍ରାମ କମିଟିର ସଭାପତି ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରତାପ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ବାମଦେବ ନାୟକ, ଆବାହକ ବିଜୟ ବେହେରା ଓ ଗନ୍ଧର୍ବ ଜେନାଙ୍କ ସମେତ ସ୍ଥାନୀୟ ଯୁବକ ସଂଘ ଏବଂ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ଅନୁଷ୍ଠାନର କଳେବର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସୁବର୍ଣ୍ଣ ଅଳଙ୍କାରରେ ସଜ୍ଜିତ ମା'ଙ୍କର ମୃଣ୍ମୟୀ ପ୍ରତିମା ସାଙ୍ଗକୁ ଆକର୍ଷଣୀୟ ମେଢ଼ ଦେଖିବାକୁ ଆଖ ପାଖ ଅଞ୍ଚଳରୁ ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁ ଭକ୍ତମାନେ ଆସୁଛନ୍ତି।

## ଯାଁଳା କ୍ଷୁଦ୍ର ବ୍ୟବସାୟୀ ସଂଘ ପକ୍ଷରୁ ଲକ୍ଷ୍ମୀପୂଜା

ଯାଁଳା, ୮।୧୦(ସମିସ): ବିଗତ ବର୍ଷ ପରି ଚଳିତ ବର୍ଷ ସ୍ଥାନୀୟ ମା' ଲକ୍ଷ୍ମୀ କ୍ଷୁଦ୍ର ବ୍ୟବସାୟୀ ସଂଘ ଯାଁଳା, ମୁଣ୍ଡମୁହାଣ ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି। ପୂଜା ଉତ୍ସବରେ ମା' ଗଜଲକ୍ଷ୍ମୀଙ୍କ ଅଧିବାସ, ଜଳଯାତ୍ରା, ହୋମଯଜ୍ଞ ସହ ପୂଜାର୍ଚ୍ଚନା କରାଯାଇଛି। ଦଶହରାରେ ମା' ଦୁର୍ଗାଙ୍କ ଦର୍ଶନ ପରେ ମା' ଗଜଲକ୍ଷ୍ମୀଙ୍କ ଦର୍ଶନ ପାଇଁ ବହୁ ଭକ୍ତଙ୍କ ଭିଡ଼ ଜମିଥିବା ବେଳେ ସଂଘର ସମସ୍ତ କର୍ମକର୍ତ୍ତା ଓ ବଣିକମାନେ ଉପସ୍ଥିତ ଥିଲେ। ଏପରିକି ଗଜଲକ୍ଷ୍ମୀ ପୂଜା ମଣ୍ଡପ ସାଜସଜା ଓ ରଙ୍ଗବେରଙ୍ଗ ଆଲୋକମାଳା ଆଦି ବେଶ୍ ମନୋରମ ଆକର୍ଷଣୀୟ ହୋଇଛି।

## ଓୟୁଟିଆର୍ ଚତୁର୍ଥ ପ୍ରତିଷ୍ଠା ଦିବସ

# ନବସୃଜନର ନେତୃତ୍ୱ ନେବାକୁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର, ୮ ।୧୦(ସମିସ): ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର) ର ଚତୁର୍ଥ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଯୋଗଦେଇ ଆତ୍ମନିର୍ଭରଶୀଳ ଭାରତକୁ ଅଧିକ ସୁଦୃଢ଼ କରିବା ପାଇଁ ନବସୃଜନ ଏବଂ ସମାଧାନ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ସ୍ୱଳ୍ପ ସମୟ ମଧ୍ୟରେ ଓୟୁଟିଆର୍ ସୃଜନଶୀଳତା ଏବଂ ଉତ୍କର୍ଷତାର କେନ୍ଦ୍ର ପାଲଟିଛି। ଯୁବବର୍ଗଙ୍କୁ ନୂତନ ଚିନ୍ତାଧାରା ପ୍ରଦାନ କରି ରାଷ୍ଟ୍ର ନିର୍ମାତା ପାଇଁ ପ୍ରୋତ୍ସାହିତ କରିଛି। ଇଞ୍ଜିନିୟରିଂ ପାଠ୍ୟକ୍ରମକୁ ଉପଯୋଗ କରି ଅଭିନବ ଉଦ୍‌ଭାବନ ଓ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନେଇଛି। 'ମେକ୍ ଇନ୍ ଇଣ୍ଡିଆ' ସହିତ 'ଡିଜାଇନ୍ ଇନ୍ ଇଣ୍ଡିଆ' ଏବଂ 'ଇନୋଭେଟ ଫର୍ ଦ ୱାର୍ଲଡ'କୁ ଲକ୍ଷ୍ୟ ରଖି କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ଭାରତର ସେମିକଣ୍ଡକ୍ଟର ବିପ୍ଳବରେ ଓଡ଼ିଶାର ଭୂମିକାକୁ ଅବତାରଣା କରିବା ସହ ଦେଶର ପ୍ରଥମ ବାଣିଜ୍ୟିକ କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ୍ରିକେସନ୍ ସୁବିଧା ଏବଂ ରାଜ୍ୟରେ ପ୍ରତିଷ୍ଠିତ ହେବାକୁ ଥିବା ଉନ୍ନତ ପ୍ୟାକେଜିଂ ୟୁନିଟ୍ ନୂତନ ସମ୍ଭାବନା ବୋଲି କହିଛନ୍ତି। ସେମିକଣ୍ଡକ୍ଟର ଟେକ୍ନୋଲୋଜି ଏବଂ କୃତ୍ରିମ ବୁଦ୍ଧିମତ୍ତାରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ରହିଥିବା କହିବା ସହ ଛାତ୍ରଛାତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରିବାକୁ ପ୍ରୋତ୍ସାହିତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବିଧାୟକ ବାବୁ ସିଂହ ଯୋଗଦେଇ ପ୍ରାଚୀନ କାଳରୁ କଳା ଓ ଭାସ୍କର୍ଯ୍ୟରେ ସମୃଦ୍ଧ ଓଡ଼ିଶାକୁ ବୈଷୟିକ ଜ୍ଞାନକୌଶଳରେ ମଧ ଶିଖରକୁ ନେବାପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ବିଶ୍ୱବିଦ୍ୟାଳୟରେ ପ୍ରଦାନ କରାଯାଉଥିବା ଅତ୍ୟାଧୁନିକ ପାଠ୍ୟକ୍ରମ ଓ ଅନନ୍ୟ ଗବେଷଣା ସମ୍ପର୍କରେ ଆଲୋକପାତ କରିଥିଲେ। ଡିନ୍ ପ୍ରଫେସର ଅଚ୍ୟୁତ ନନ୍ଦ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିବା ବେଳେ କୁଳସଚିବ ଆଶିଷ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଓୟୁଟିଆରସ୍ଥିତ ଡିଜିଟାଲ ଉତ୍ପାଦନ ଉତ୍କର୍ଷତା କେନ୍ଦ୍ରର ଉଦଘାଟନ କରିବା ସହିତ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୬ ● ପାଉଣ୍ଡ ୧୧୮.୫୨
- ୟୁରୋ ୧୦୩.୭୮ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୪ କ୍ୟାରେଟ୍)
- ସୁନା: ୧,୧୩,୬୦୦ (ଭୁବନେଶ୍ୱର)
- ରୁପା : ୧,୬୭,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୧,୭୭୩.୦୦
- ନିଫ୍ଟି ୨୫,୦୪୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଧନ୍‌ତେରାସ୍ ପୂର୍ବରୁ ସୁନା ବଜାରରେ ଦୀପାବଳି

# ଦିନକୁ ହଜାରେ ବଢୁଛି ଦର

**ଭୁବନେଶ୍ୱର,୮।୧୦(ଏଜେନ୍ସି):** ଘରୋଇ ବଜାରରେ ଥମୁନି ସୁନା ଓ ରୁପା ଦର ବୃଦ୍ଧି। ଧନ୍‌ତେରାସ ପୂର୍ବରୁ ସୁନା ଏବଂ ରୁପା ଦର ଉପରମୁହାଁ ହୋଇଚାଲିଛି। ଦୈନିକ ଉଭୟ ଧାତୁର ମୂଲ୍ୟରେ ବୃଦ୍ଧି ଧାରା ଅବ୍ୟାହତ ରହିଛି। ଦର ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ପୁଣି ଥରେ ସୁନା ଦର ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର ୧୦ ଗ୍ରାମ ପିଛା ୧.୨୬ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଏଭଳି ଚାଲିଲେ ଯାହା ଲାଗୁଛି ଧନତେରାସ୍ ପୂର୍ବରୁ ସୁନା ବଜାରରେ ଦୀପାବଳି ହୋଇଯିବ। କାରଣ ଦିନକୁ ୧୦ ଗ୍ରାମ ପିଛା ସୁନା ଦର ହାରାହାରି ୧,୦୦୦ ଟଙ୍କା ହାରରେ ବଢ଼ିଚାଲିଛି। ରେଟିଂ ଏଜେନ୍ସି ଗୋଲ୍ଡମ୍ୟାନ୍ ସ୍ୟାଚ୍‌ର ସଦ୍ୟ ରିପୋର୍ଟ ଅନୁସାରେ ଆସନ୍ତା ବର୍ଷ ସୁଦ୍ଧା ୧୦ ଗ୍ରାମ ପିଛା ସୁନା ଦର ଦେଢ଼ ଲକ୍ଷ ଟଙ୍କା ଟପିଯିବ।



**୧୦ ଗ୍ରାମ ପିଛା ୧.୨୬ ଲକ୍ଷ ଟପିଲା**

ସୁନା ଦର ବଢ଼ିବାର ଅନେକ ପ୍ରମୁଖ କାରଣ ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତି ବଜାରରେ ଅସ୍ଥିରତା ସୃଷ୍ଟି କରିଛି। ଏଭଳି ସ୍ଥିତିରେ ବାଣିଜ୍ୟ ଯୁଦ୍ଧ ଡରରେ ନିବେଶକ ସୁନାକୁ ସୁରକ୍ଷିତ ମଣି ଏଥିରେ ଅଧିକ ନିବେଶ କରୁଛନ୍ତି। ଏହା ଦର ବୃଦ୍ଧିକୁ ଇନ୍ଧନ ଦେଉଛି।

ରାଜଧାନୀ ଭୁବନେଶ୍ୱରରେ ଆଜି ୧୦ ଗ୍ରାମ ପିଛା ୨୪ ଏବଂ ୨୨ କ୍ୟାରେଟ୍ ସୁନା ଦର ଯଥାକ୍ରମେ ୧୯୦୦ ଟଙ୍କା ଏବଂ ୧୭୫୦ ଟଙ୍କା ବଢ଼ିଛି। ଉଭୟର ମୂଲ୍ୟ ଯଥାକ୍ରମେ ୧,୨୩,୮୦୦ ଟଙ୍କା ଏବଂ ୧,୧୩,୬୦୦ ଟଙ୍କା ସ୍ତରରେ ପହଞ୍ଚିଛି। ଅନ୍ୟପକ୍ଷରେ, ଆଜି କିଲୋଗ୍ରାମ ପିଛା ରୁପା ଦର ୨୦୦୦ ଟଙ୍କା ମହଙ୍ଗା ହୋଇ ୧,୬୭,୨୦୦ ଟଙ୍କା ହୋଇଛି। ଚଳିତବର୍ଷ ଏ ପର୍ଯ୍ୟନ୍ତ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ପ୍ରାୟ ୪୫,୯୩୬ ଟଙ୍କା ଏବଂ ରୁପା କିଲୋ ପିଛା ୬୩,୦୦୦ ଟଙ୍କା ମହଙ୍ଗା ହୋଇଛି।

## ଦର ବୃଦ୍ଧିର ୪ ବଡ଼ କାରଣ

**ନୂଆଦିଲ୍ଲୀ,୧୦।୮ (ଏଜେନ୍ସି):** ବିଗତ ୧୫ ବର୍ଷ ମଧ୍ୟରେ ବିଶେଷକରି ବିଶ୍ୱ ସଙ୍କଟ ସମୟରେ ସୁନା ମୂଲ୍ୟରେ ବିଭିନ୍ନ ସମୟରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ୨୦୦୮ ଆର୍ଥିକ ମାନ୍ଦାବସ୍ଥାଠାରୁ ଆରମ୍ଭ କରି ୨୦୨୦ କରୋନା ମହାମାରୀ ପର୍ଯ୍ୟନ୍ତ, ଅନିଶ୍ଚିତତା ସମୟରେ ସୁନା ମୂଲ୍ୟ ଐତିହାସିକ ଭାବରେ ବୃଦ୍ଧି ପାଇଛି। କମୋଡିଟି ବଜାର ବିଶେଷଜ୍ଞ ଅଜୟ କେଡିଆ ସୁନା ମୂଲ୍ୟ ବୃଦ୍ଧିର ୪ଟି ପ୍ରମୁଖ କାରଣ ଚିହ୍ନଟ କରିଛନ୍ତି, ଯେଉଁଥିରେ ଭୂ-ରାଜନୈତିକ ଉତ୍ତେଜନା, କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ସୁନା କ୍ରୟ, ସୁଧ ହାରରେ ପରିବର୍ତ୍ତନ ଏବଂ ଚୀନ୍ ଏବଂ ଭାରତରେ ସୁନା ଚାହିଦାରେ ବୃଦ୍ଧି ଅନ୍ତର୍ଭୁକ୍ତ। ସେ ଏହା ମଧ୍ୟ କହିଛନ୍ତି ଯେ ସୁନା ଇଟିଏଫ୍‌ରେ ନିରନ୍ତର କ୍ରୟ ମଧ୍ୟ ସୁନା ମୂଲ୍ୟ ବୃଦ୍ଧିରେ ବଡ଼ ଯୋଗଦାନ ରଖୁଛି।

### ପ୍ରଚୁର ସୁନା କିଣୁଛନ୍ତି କେନ୍ଦ୍ରୀୟ ବ୍ୟାଙ୍କ

ବିଶ୍ୱ ସୁନା ପରିଷଦର ତଥ୍ୟ ଅନୁଯାୟୀ, ଗତ ଦଶନ୍ଧି ମଧ୍ୟରେ ବିଶ୍ୱବ୍ୟାପୀ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସେମାନଙ୍କର ସୁନା ଭଣ୍ଡାରକୁ ପ୍ରାୟ ଦ୍ୱିଗୁଣିତ କରିଛନ୍ତି, ଯାହା ସୁନାର ଅଭିବୃଦ୍ଧି ସମ୍ଭାବନା ଏବଂ ଉନ୍ନତ ରିଟର୍ଣ୍ଣ ଉପରେ ବିଶ୍ୱାସକୁ ସୂଚିତ କରୁଛି। ଅସ୍ଥିର ବିଶ୍ୱ ପରିସ୍ଥିତି ମଧ୍ୟରେ ଆର୍‌ବିଆଇ ମଧ୍ୟ ସ୍ଥିର ଭାବରେ ଏହାର ସୁନା ଭଣ୍ଡାର ବୃଦ୍ଧି କରିଛି।

### ସୁଧ ହାରରେ ହ୍ରାସ

ଚଳିତବର୍ଷ ସୁନା ମୂଲ୍ୟ ବୃଦ୍ଧି ପାଇଁ ଆଉ ଏକ ପ୍ରମୁଖ କାରଣ ହେଉଛି, ଗତ ସେପ୍ଟେମ୍ବର ମାସରେ ଆମେରିକୀୟ କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ ରିଜର୍ଭ ଦ୍ୱାରା ସୁଧହାରରେ ୨୫ ବେସିସ୍ ପଏଣ୍ଟ ସୁଧ ହାର ହ୍ରାସ। ସୁଧ ହାର କମ୍ ହେବା ସାଧାରଣତଃ ଆମେରିକୀୟ ଡଲାରକୁ ଦୁର୍ବଳ କରିଥାଏ, ଯାହା ଫଳରେ ନିବେଶକମାନେ ସୁନା ଭଳି ସୁରକ୍ଷିତ ନିବେଶ ମାଧ୍ୟମ ଆଡକୁ ମୁହାଁଇଲେ।

### ଭୂ-ରାଜନୈତିକ ଉତ୍ତେଜନା

ବିଶ୍ୱ ଅସ୍ଥିରତା ସର୍ବଦା ସୁନା ମୂଲ୍ୟ ବୃଦ୍ଧିକୁ ତ୍ୱରାନ୍ୱିତ କରିଛି। ଗତ ୫ ବର୍ଷ ଧରି ବିଶ୍ୱ ପରିସ୍ଥିତି ବିଶେଷ ଭାବରେ ଆହ୍ୱାନପୂର୍ଣ୍ଣ ହୋଇଛି। ୨୦୨୦ରେ କୋଭିଡ୍-୧୯ ମହାମାରୀ ବିଶ୍ୱ ଅର୍ଥନୀତିକୁ ଗୁରୁତର ଭାବରେ କ୍ଷତି ପହଞ୍ଚାଇଥିଲା। ଏହାପରେ ୨୦୨୨ରେ ରୁଷ-ୟୁକ୍ରେନ ଯୁଦ୍ଧ, ୨୦୨୩ରେ ଇସ୍ରାଏଲ ଏବଂ ହମାସ୍ ମଧ୍ୟରେ ଯୁଦ୍ଧ ଏବଂ ଚଳିତ ବର୍ଷ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ସାମରିକ ସଂଘର୍ଷ ଘଟିଥିଲା, ଯାହା ଭୂ-ରାଜନୈତିକ ଉତ୍ତେଜନାକୁ ବୃଦ୍ଧି କରିଛି।

### ଭାରତ ଏବଂ ଚୀନରେ ସୁନା ଚାହିଦା

ଭାରତ ଏବଂ ଚୀନ୍ ହେଉଛନ୍ତି ବିଶ୍ୱର ସୁନାର ସର୍ବବୃହତ ଗ୍ରାହକ। ଉଭୟ ଦେଶରେ ସୁନାର ଚାହିଦା ଦୃଢ଼ ରହିଛି। ବିଶେଷଜ୍ଞଙ୍କ ଅନୁଯାୟୀ, ସୁନା ମୂଲ୍ୟରେ ଅହେତୁକ ବୃଦ୍ଧି ସତ୍ତ୍ୱେ ଚୀନ୍ ଏବଂ ଭାରତରେ ଏହି ଧାତୁର ଆମଦାନୀ ବଢ଼ିବାରେ ଲାଗିଛି। ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ଭାରତର ସୁନା ଅଳଙ୍କାର ଚାହିଦା ଚୀନ୍ ଠାରୁ ଅଧିକ ହୋଇଛି। ବିଶ୍ୱ ସୁନା ପରିଷଦର ଏକ ରିପୋର୍ଟ ଅନୁଯାୟୀ, ଜୁନ୍ ଶେଷ ୬ ମାସରେ ଭାରତରେ ଅଳଙ୍କାର ଚାହିଦା ୬ ପ୍ରତିଶତ ବୃଦ୍ଧି ପାଇ ୫୬୩ ଟନ୍ ହୋଇଛି, ଯାହା ଚୀନ୍ (ହଂକଂ ଏବଂ ତାଇୱାନ ସମେତ)ରେ ୫୧୧ ଟନ୍ ରହିଥିଲା।

# ବକ୍ସାଇଟ୍, ଆଲୁମିନା ଏବଂ ଆଲୁମିନିୟମ୍ ସମ୍ମିଳନୀ ଆରମ୍ଭ

**ଯୋଗ ଦେଇଛନ୍ତି ୧୦୦ଟି କମ୍ପାନୀର ୩୦୦ ପ୍ରତିନିଧି**



**ଭୁବନେଶ୍ୱର,୮।୧୦(ସମିସ):** ଭୁବନେଶ୍ୱରସ୍ଥିତ ସିଏସଆଇଆର-ଆଇଏମଟି ପରିସରରେ ଆରମ୍ଭ ହୋଇଛି ୧୩ତମ ଅନ୍ତର୍ଜାତୀୟ ବକ୍ସାଇଟ୍, ଆଲୁମିନା ଏବଂ ଆଲୁମିନିୟମ୍ ସମ୍ମିଳନୀ। ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ଆଇଏମ୍ଏମ୍‌ଟି) ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଟାଲ୍ସ (ଆଇଆଇଏମ) ଭୁବନେଶ୍ୱର ଚାପ୍ଟର ସହଯୋଗରେ ଆନ୍ତର୍ଜାତୀୟ ବକ୍ସାଇଟ୍, ଆଲୁମିନା ଏବଂ ଆଲୁମିନିୟମ୍ ସୋସାଇଟି ଦ୍ୱାରା ଏହି ତିନି ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀକୁ ବୁଧବାର ବିଧିବଦ୍ଧ ଭାବେ ଉଦ୍‌ଘାଟନ କରାଯାଇଛି। ଏହି ସମ୍ମିଳନୀରେ ଆଲୁମିନା ଏବଂ ଆଲୁମିନା କ୍ଷେତ୍ରର ବିଶିଷ୍ଟ ଶିଳ୍ପ ବିଶେଷଜ୍ଞମାନେ ଯୋଗଦେଇଛନ୍ତି। ଏମାନଙ୍କ ମଧ୍ୟରେ ନାଲକୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂ, ହିଣ୍ଡାଲ୍‌କୋ ପ୍ରେସିଡେଣ୍ଟ କୈଳାଶ ପାଣ୍ଡେ, ସିଏସଆଇଆର-ଆଇଏମଏମଟି ନିର୍ଦ୍ଦେଶକ ଡଃ ରାମାନୁଜ ନାରାୟଣନ, ଜେଏନଏଆରଡିଡିସି ନିର୍ଦ୍ଦେଶକ ଡଃ ଅନୁପମ ଅଗ୍ନିହୋତ୍ରୀ ଏବଂ ଆଲୁମିନିୟମ ଷ୍ଟିୱାର୍ଡସିପ୍ ଇନିସିଏଟିଭ୍ (ଏଏସ୍‌ଆଇ)ର ନିର୍ଦ୍ଦେଶକ ମାର୍କ ଅନ୍ନଦଲେ ପ୍ରମୁଖ ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରିଛନ୍ତି।

ଏହି ଅଧିବେଶନରେ ଏକ ବୈଷୟିକ ପ୍ରଦର୍ଶନୀ ମଧ୍ୟ ଉଦଘାଟିତ ହୋଇଛି। ଭାରତ ଏବଂ ବିଦେଶର ପ୍ରାୟ ୧୦୦ଟି କମ୍ପାନୀର ପ୍ରତିନିଧିତ୍ୱ କରୁଥିବା ପ୍ରାୟ ୩୦୦ ପ୍ରତିନିଧି ଏହି ଆଲୁମିନିୟମ ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି। ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ 'ଆସନ୍ତାକାଲି ପାଇଁ ଏକ ସବୁଜ ଏବଂ ସ୍ମାର୍ଟ ଆଲୁମିନିୟମ ଶିଳ୍ପ' ଉପରେ ବକ୍ତାମାନେ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ବକ୍ସାଇଟ୍ ଖନନ, ଆଲୁମିନା ବିଶୋଧନ ଏବଂ ଆଲୁମିନିୟମ ତରଳାଇବା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଳ୍ପପତିମାନେ ଶିଳ୍ପର ସ୍ଥାୟୀ ଅଭିବୃଦ୍ଧି ପାଇଁ ବିଚାର ବିମର୍ଶ କରିଥିଲେ ଏବଂ ମୂଲ୍ୟବାନ ପରାମର୍ଶ ଦେଇଥିଲେ।

ନିଜର ବକ୍ତବ୍ୟରେ ହିଣ୍ଡାଲ୍‌କୋର ସଭାପତି ତଥା ଧାତୁ ଓ ଖଣିଜ ପଦାର୍ଥ ବ୍ୟବସାୟିକ ମୁଖ୍ୟ କୈଳାସ ପାଣ୍ଡେ ଅକ୍ଷୟ ଶକ୍ତିର ଉପଯୋଗ, ନିର୍ଗମନ ହ୍ରାସ, ଇନ୍ଧନ ବଦଳାଇବା ଏବଂ ଆଲୁମିନା ରିଫାଇନିଂ ଏବଂ ତଳର ପ୍ରକ୍ରିୟାରେ ଡିକାର୍ବୋନାଇଜେସନ୍ ପାଇଁ ହିଣ୍ଡାଲ୍‌କୋ ଦ୍ୱାରା ପ୍ରସ୍ତୁତ ରୋଡମ୍ୟାପ୍ ବିଷୟରେ ସୂଚନା ଦେଇଥିଲେ। ହିଣ୍ଡାଲ୍‌କୋର 'ଇନୋଭେସନ୍ ସେଣ୍ଟର ଫର୍ ଏନର୍ଜି ଆଣ୍ଡ ଡିକାର୍ବୋନାଇଜେସନ୍' ଏହି ଦିଗରେ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ କରୁଛି ବୋଲି ସେ କହିଛନ୍ତି। ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆଇବିଏଏଏସ୍‌ର ସମ୍ପାଦକ ଡଃ ଅରୁଣ ନନ୍ଦୀ ଏବଂ ଆଇଆଇଏମ୍‌ର ଆବାହକ ତଥା ହିଣ୍ଡାଲ୍‌କୋର ପରାମର୍ଶଦାତା ବିଭୁ ମିଶ୍ର ଉପସ୍ଥିତ ଥିଲେ।

### ରୁଷିଆରୁ ଭାରତର ତେଲ ଆମଦାନୀ ପ୍ରସଙ୍ଗ

# ଟ୍ରମ୍ପଙ୍କୁ ଝଟ୍‌କା ଦେଲେ ପୁଟିନ୍

**ନୂଆଦିଲ୍ଲୀ,୮।୧୦ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷ ତେଲ କିଣିବା ପାଇଁ ଭାରତ ଉପରେ ଅତିରିକ୍ତ ୨୫% ଶୁଳ୍କ ଲାଗୁ କରିଛନ୍ତି। ଏହା ସତ୍ତ୍ୱେ, ଭାରତ ଏବେ ରୁଷରୁ ଅଧିକ ତେଲ କିଣିବାକୁ ପ୍ରସ୍ତୁତ ହେଉଛି। କାରଣ ଆମେରିକା ସହିତ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନା ଗଡ଼ି ଗଡ଼ି ଚାଲିଛି। ଏଭଳି ସମୟରେ ତେଲ କାରବାର କ୍ଷେତ୍ରରେ ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଟ୍ରମ୍ପଙ୍କୁ ବଡ଼ ଝଟ୍‌କା ଦେଇଛନ୍ତି, ଯାହା ଭାରତ ପାଇଁ ବେଶ ଲାଭଦାୟକ ହୋଇଛି। ରୁଷ ତେଲ କିଣାରେ ଭାରତ ପାଇଁ ରିଆତି ବୃଦ୍ଧି କରିଛି। ୱାଶିଂଟନ୍‌ର ଅତିରିକ୍ତ ଟାରିଫ୍‌ର ଜବାବ୍‌ରେ ଦୁଇ ଗୁଣ ଡିସ୍‌କାଉଣ୍ଟ ଦେଇଛି ମସ୍କୋ।

ଏଠାରେ ସୂଚନାଯୋଗ୍ୟ ଯେ, ରୁଷ ହେଉଛି ଭାରତର ସବୁଠାରୁ ବଡ଼ ତୈଳ ଯୋଗାଣକାରୀ। ତଥାପି, ସେପ୍ଟେମ୍ବରରେ ଭାରତର ମୋଟ ତୈଳ ଆମଦାନୀରେ ରୁଷର ଅଂଶ ୩୩.୯% କୁ ହ୍ରାସ ପାଇଛି, ଯାହା ଏପ୍ରିଲରେ ୪୦% ଥିଲା। ସୂତ୍ର ଅନୁସାରେ, ରୁଷୀୟ ୟୁରାଲ ଅଶୋଧିତ ତୈଳ ଉପରେ ମସ୍କୋ ନଭେମ୍ବରରେ ବ୍ୟାରେଲ ପିଛା ୨ରୁ ୨.୫୦ ଡଲାର ରିଆତି ପ୍ରଦାନ କରୁଛି। ଏହା ଜୁଲାଇ-ଅଗଷ୍ଟ ମାସ ତୁଳନାରେ ଅଧିକ। ପୂର୍ବରୁ ରୁଷ ସ୍ଥାନୀୟ ଗ୍ରାହକମାନଙ୍କୁ ପ୍ରାଥମିକତା ଦେଉଥିଲା ଏବଂ

**ଦୁଇ ଗୁଣ ଡିସ୍‌କାଉଣ୍ଟ ଦେଲା ମସ୍କୋ**

**ଭାରତ ପାଇଁ ପୁଷମାସ**

ବ୍ୟାରେଲ ପିଛା ରିହାତି ପ୍ରାୟ ୧ ଡଲାର ଦେଉଥିଲା। ଚଳିତ ମାସର ପ୍ରାରମ୍ଭରେ ଜାହାଜ ଚଳାଚଳ ତଥ୍ୟ ଦର୍ଶାଉଛି ଯେ ରୁଷରୁ ତୈଳ ଆମଦାନୀ ବୃଦ୍ଧି ପାଉଛି। କେପଲର ଲିମିଟେଡ୍ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଅନୁଯାୟୀ, ଅକ୍ଟୋବରରେ ରୁଷରୁ ଭାରତର ଅଶୋଧିତ ତୈଳ ଆମଦାନୀ ପ୍ରତିଦିନ ପ୍ରାୟ ୧.୭ ନିୟୁତ ବ୍ୟାରେଲ ପହଞ୍ଚିବ ବୋଲି ଆଶା କରାଯାଉଛି। ଏହା ପୂର୍ବ ମାସ ତୁଳନାରେ ପ୍ରାୟ ୬%ଅଧିକ, କିନ୍ତୁ ଗତ ବର୍ଷ ତୁଳନାରେ ଟିକିଏ କମ୍।

ଆମେରିକା ଅଗଷ୍ଟ ମାସରେ ଭାରତୀୟ ସାମଗ୍ରୀ ଉପରେ ୫୦% ଅଧିକ ଶୁଳ୍କ ଲାଗୁ କରିଥିଲା। ଏହା ଭାରତକୁ ରୁଷରୁ ତେଲ କ୍ରୟ ହ୍ରାସ କରିବାକୁ ଚାପ ପକାଇବା ପାଇଁ ଉଦ୍ଦିଷ୍ଟ ଥିଲା। ତଥାପି, ଆମେରିକା ଚୀନ ଉପରେ ଏପରି କୌଣସି ଶୁଳ୍କ ଲଗାଇ ନ ଥିଲା, ଯେ କି ରୁଷ ତୈଳର ସବୁଠାରୁ ବଡ଼ କ୍ରେତା। ଜବାବରେ ଭାରତ ସ୍ପଷ୍ଟ କରିଛି ଯେ ଏହାର ଚୁକ୍ତିଗୁଡ଼ିକ ମୂଲ୍ୟ ଆଧାରିତ ଏବଂ ଏହା ଜାରି ରହିବ। ଏହା ବ୍ୟତୀତ, ଭାରତ ସୂଚିତ କରିଛି ଯେ ସେ ଆମେରିକାରୁ ଅଧିକ ତେଲ କିଣିବାକୁ ଚାହୁଁଛି। ଏହି ସମୟରେ, ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ୨୦୨୬ ପର୍ଯ୍ୟନ୍ତ ଦୀର୍ଘକାଳୀନ ଚୁକ୍ତି ପାଇଁ ମଧ୍ୟପ୍ରାଚ୍ୟ ଏବଂ ଆଫ୍ରିକା ସହିତ ଆଲୋଚନା ଆରମ୍ଭ କରିଛନ୍ତି।

## ପୂର୍ବତଟ ରେଳପଥର ମାଲ୍ ପରିବହନରେ ଅଭିବୃଦ୍ଧି

**ଭୁବନେଶ୍ୱର,୮।୧୦(ସମିସ):** ପୂର୍ବତଟ ରେଳପଥ ଚଳିତ ଆର୍ଥିକବର୍ଷ ୨୦୨୫-୨୬ ର ପ୍ରଥମାର୍ଦ୍ଧ (ଏପ୍ରିଲ-ସେପ୍ଟେମ୍ବର)ରେ ମାଲ ପରିବହନ ଏବଂ ଯାତ୍ରୀ ପରିବହନରେ ଏକ ପ୍ରଭାବଶାଳୀ ପ୍ରଦର୍ଶନ ପଞ୍ଜିକୃତ କରିଛି, ଯାହା ପୂର୍ବ ବର୍ଷର ସମାନ ସମୟ ତୁଳନାରେ ଅଧିକ। ଏପ୍ରିଲ-ସେପ୍ଟେମ୍ବରରେ ରେଳପଥ ଗତ ବର୍ଷର ସମାନ ଅବଧିର ୧୨୩.୬ ନିୟୁତ ଟନ ତୁଳନାରେ ୧୩୭.୬ ନିୟୁତ ଟନ ମାଲ ପରିବହନ କରିଛି, ଯାହାକି ୧୧.୩୩%ର ଅଭିବୃଦ୍ଧିକୁ ଦର୍ଶାଉଛି। ମାଲ ପରିବହନ ମଧ୍ୟ ରାଜସ୍ୱ ବୃଦ୍ଧିରେ ଯଥେଷ୍ଟ ଅବଦାନ ରଖିଛି। ପୂର୍ବତଟ ରେଳ ପଥ ସାମଗ୍ରୀ ପରିବହନରୁ ୧୪,୧୬୨.୫୮ କୋଟି ଆୟ କରିଛି, ଯାହା ଗତ ବର୍ଷର ସମାନ ଅବଧିରେ ୧୨,୮୦୮.୩୦ କୋଟି ଟଙ୍କା ଥିଲା। ଏହା ୧୦.୫୭% ଅଭିବୃଦ୍ଧିକୁ ଦର୍ଶାଉଛି। ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ଜୋନର ମୋଟ ରାଜସ୍ୱ ଆୟ ୧୫,୫୭୧.୦୮ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଗତ ବର୍ଷ ସମାନ ଅବଧିରେ ୧୪,୨୨୭.୧୮ କୋଟି ଟଙ୍କାଥିଲା, ଯାହା ୯.୪୫% ବୃଦ୍ଧିକୁ ପ୍ରତିଫଳିତ କରେ। ଯାତ୍ରୀ ପରିବହନ କ୍ଷେତ୍ରରେ , ପୂର୍ବତଟ ରେଳ ପଥ ଏପ୍ରିଲ-ସେପ୍ଟେମ୍ବର ୨୦୨୫ ମଧ୍ୟରେ ୪୮.୨୧ ନିୟୁତ ଯାତ୍ରୀ ପରିବହନ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ୪୫.୫୬ ନିୟୁତ ଯାତ୍ରୀ ପରିବହନ କରିଥିଲା, ଯାହା ୫.୮୧% ବୃଦ୍ଧିକୁ ସୂଚିତ କରୁଛି।

## ନାଲ୍‌କୋ ପକ୍ଷରୁ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ



**ଭୁବନେଶ୍ୱର, ୮।୧୦ (ସମିସ):** ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲ୍‌କୋ) ଗ୍ରାମୀଣ ଯୁବବର୍ଗଙ୍କୁ ଦକ୍ଷତା ବିକାଶ ମାଧ୍ୟମରେ ସଶକ୍ତ କରିବା ପାଇଁ ଦାମନଯୋଡ଼ି ତଥା ଅନୁଗୋଳ ସ୍ଥିତ କମ୍ପାନୀର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଯୁବକମାନଙ୍କ ପାଇଁ ଏକ ଦକ୍ଷତା ତାଲିମ କାର୍ଯ୍ୟକ୍ରମ କାଯ୍ୟକାରୀ କରିବା ଉଦ୍ଦେଶ୍ୟରେ ନାଲକୋ ଫାଉଣ୍ଡେସନ ଏବଂ ଭାରତ ସରକାରଙ୍କ ଏମଏସଏମଇ ମନ୍ତ୍ରଣାଳୟ ଅଧୀନସ୍ଥ ସେଣ୍ଟ୍ରାଲ ଟୁଲ ରୁମ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିଟିସି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପଦକ୍ଷେପର ଅଂଶସ୍ୱରୂପ, ନାଲକୋର ମାଇନ୍ସ ଓ ରିଫାଇନାରୀ କମ୍ପ୍ଲେକ୍ସ, ଦାମନଜୋଡ଼ି ଏବଂ ସ୍ମେଲଟର ଓ ପାୱାର କମ୍ପ୍ଲେକ୍ସ, ଅନୁଗୋଳର ପାର୍ଶ୍ୱବର୍ତ୍ତୀ ଗ୍ରାମରୁ ୨୦ ଜଣ ଲେଖାଏ ମୋଟ ୪୦ ଜଣ ଯୁବକ/ଯୁବତୀଙ୍କୁ ଭୁବନେଶ୍ୱର ସ୍ଥିତ ସିଟିଟିସି ଠାରେ ଏକ ପାଞ୍ଚ ମାସିଆ ଆବାସିକ ତାଲିମ ପ୍ରଦାନ କରାଯିବ। ଭୁବନେଶ୍ୱର ସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ଉତ୍ପାଦନ), ଡ. ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବସମ୍ବଳ), ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ (ଅର୍ଥ) ତଥା ନାଲକୋ ଏବଂ ନାଲକୋ ଫାଉଣ୍ଡେସନ ଓ ସିଟିଟିସି ଭୁବନେଶ୍ୱରର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି।

# ରାଜ୍ୟ ଖବର

## କିଟ୍‌କୁ ସମ୍ମାନଜନକ 'ଫିକି ଉଚ୍ଚଶିକ୍ଷା ଉତ୍କର୍ଷ ପୁରସ୍କାର -୨୦୨୫' ପ୍ରଦାନ



**ଭୁବନେଶ୍ୱର,୮।୧୦(ସମିସ):** ଉତ୍ତମ ଷ୍ଟୁଡେଣ୍ଟ ସପୋର୍ଟ ସର୍ଭିସ ତଥା ଆର୍ଥିକ ସ୍ଥିରତା ଏବଂ ଛାତ୍ର ପ୍ରବେଶାଧିକାର ଉତ୍କର୍ଷ' ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟକୁ ପ୍ରତିଷ୍ଠିତ ଏଫ୍ଆଇସିସିଆଇ (ଫିକି) ଉଚ୍ଚଶିକ୍ଷା ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଛି।

**ଉନ୍ନତ ଛାତ୍ର ସହାୟତା ସେବା ପାଇଁ ପୁରସ୍କୃତ**

ନୂଆଦିଲ୍ଲୀଠାରେ ଫିକି ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କ ଠାରୁ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ କିଟ୍ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସମସ୍ତ ସାମାଜିକ-ଆର୍ଥିକ ପୃଷ୍ଠଭୂମିର ଛାତ୍ରଛାତ୍ରୀମାନଙ୍କୁ ବ୍ୟାପକ ଛାତ୍ରବୃତ୍ତି ଏବଂ ଆର୍ଥିକ ସହାୟତା ପ୍ରଦାନ କରିବାରେ କିଟ୍ ବିଶ୍ୱବିଦ୍ୟାଳୟର ଅଗ୍ରଣୀ ପ୍ରୟାସ ରହିଆସିଛି। ଫଳରେ କିଟ୍‌ରେ ଗୁଣାତ୍ମକ ଶିକ୍ଷା ଦିଆଯାଉଥିବା ଜୁରି ଦ୍ୱାରା ପ୍ରଶଂସା କରାଯାଇଥିଲା। ଏହି ଅବସରରେ ପ୍ରଫେସର ସିଂହ କହିଲେ, କେନ୍ଦ୍ରମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିବା କିଟ୍ ପାଇଁ ଅତ୍ୟନ୍ତ ଗୌରବର ବିଷୟ। ଏହା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଭିତ୍ତିଭୂମି ଏବଂ କିଟ୍‌ର ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ସାମୂହିକ ଓ ଉତ୍ସର୍ଗୀକୃତ ପ୍ରୟାସର ସ୍ୱୀକୃତି ବୋଲି ସେ କହିଥିଲେ।

## ମା' ସମଲେଶ୍ୱରୀ ପୀଠ ବିକାଶ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୮।୧୦(ସମିସ):** ମା' ସମଲେଶ୍ୱରୀ ପୀଠର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମା' ସମଲେଶ୍ୱରୀ ମନ୍ଦିର ବିକାଶ କାମ ୩୧୬ କୋଟି ଟଙ୍କା ବିନିଯୋଗରେ ୮୨ ଏକର ପରିମିତ ଅଞ୍ଚଳରେ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଛି। ପ୍ରଥମ ପର୍ଯ୍ୟାୟରେ ମନ୍ଦିର ଚତୁର୍ପାଶ୍ୱର କରିଡର ନିର୍ମାଣ, ଗୋପାଳଜିଉ ମଠର ବିକାଶ, ଦୀପ ଘର, ପାର୍କିଂ ସୁବିଧା, ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ସହିତ ଅନ୍ୟାନ୍ୟ ଯାତ୍ରୀ ଓ ଦର୍ଶନାର୍ଥୀ ସୁବିଧା ଉପଲବ୍ଧ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଭକ୍ତ ନିବାସ, ଲେକ୍ ଜୋନ୍, ଦୋକାନ ଗୃହ, ଫୁଡ ପାର୍କ, ପାର୍କିଂ ଏବଂ ପ୍ରବେଶ ପଥ ବିକଶିତ କରାଯିବ ବୋଲି ଜଣାପଡ଼ିଛି। ଓଡିଶାର ପ୍ରସିଦ୍ଧ ଶକ୍ତିପୀଠ ମା' ସମଲେଶ୍ୱରୀଙ୍କ ପୀଠରେ ବର୍ଷ ତମାମ ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ମାନଙ୍କ ଭିଡ ଲାଗିରହିଥାଏ। ଏଥିସହିତ ସମ୍ବଲପୁର ଜିଲ୍ଲାର ମଧ୍ୟ ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ପ୍ରସିଦ୍ଧି ରହିଛି। ସେଥିପାଇଁ ଦେଶବିଦେଶରୁ ପର୍ଯ୍ୟଟକମାନେ ବହୁ ସଂଖ୍ୟାରେ ଆସିଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସମସ୍ତ କାର୍ଯ୍ୟକୁ ବିଶ୍ୱସ୍ତରୀୟ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏଥିସହିତ ନିର୍ମାଣ ହେବାକୁ ଥିବା ଭକ୍ତ ନିବାସରେ ଅଧିକ ସଂଖ୍ୟକ ଭକ୍ତଙ୍କ ରହଣି ସୁବିଧା ପାଇଁ, ଆବଶ୍ୟକସ୍ଥଳେ ବହୁତଳ ବିଶିଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମନ୍ଦିର ବିକାଶ କାର୍ଯ୍ୟ ପାଇଁ ବିସ୍ଥାପିତ ହେଉଥିବା ବାସିନ୍ଦାଙ୍କ ଉପଯୁକ୍ତ ଥଇଥାନ ପ୍ରତି ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ପୂର୍ତ୍ତ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ।



## ଓଡ଼ିଶା ହ୍ୱିଲ୍ ଚେୟାର ରଗ୍‌ବୀ ଦଳ ସମ୍ବର୍ଦ୍ଧିତ

**ଚାମ୍ପିଅନ ଟିମ୍‌ରେ ଥିଲେ ୩ ସଡ଼କ ଦୁର୍ଘଟଣା ପୀଡ଼ିତ**

**ଭୁବନେଶ୍ୱର,୮।୧୦(ସମିସ):** ଦୃଢ଼ ଇଚ୍ଛାଶକ୍ତି ବଳରେ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି ଓଡ଼ିଶା ହ୍ୱିଲ୍‌ଚେୟାର ରଗ୍‌ବୀ ଦଳ। ସପ୍ତମ ଜାତୀୟ ହ୍ୱିଲଚେୟାର ରଗ୍‌ବୀ ଚାମ୍ପିଅନସିପ୍ ୨୦୨୫ରେ ବିଜୟୀ ହୋଇ ଏହି ଦଳ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ଟିମ୍‌ରେ ଥିବା ସଦସ୍ୟଙ୍କ ମଧ୍ୟରେ ୩ ଜଣ ସଡ଼କ ଦୁର୍ଘଟଣାରେ ଶିକାର ହୋଇ ଦିବ୍ୟାଙ୍ଗ ପାଲଟିଯାଇଛନ୍ତି। ଏହି ଉଲ୍ଲେଖନୀୟ ସଫଳତା ପରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଚାମ୍ପିଅନ ଦଳର ସମସ୍ତ ସଦସ୍ୟ, କୋଚ୍ ଓ ମେଣ୍ଟରଙ୍କୁ ସମ୍ମାନିତ କରାଯାଇଛି।

ବୁଧବାର ଖାରବେଳ ଭବନଠାରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, ପରିବହନ ଆୟୁକ୍ତ ଅମିତାଭ ଠାକୁର, କ୍ରୀଡ଼ା ନିର୍ଦ୍ଦେଶକ ୟେହୁଲା ବିଜୟ ପ୍ରମୁଖ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଟିମ୍‌କୁ ଅଭିନନ୍ଦନ ଓ ସମ୍ବର୍ଦ୍ଧନା ଜଣାଇଛନ୍ତି।






ସକାଳ
www.sakalaepaper.com

# ପ୍ରତିରୋପଣ ପରେ ବଦଳିଯାଉଛି ମଣିଷର ଆଚରଣ

ନୂଆଦିଲ୍ଲୀ, ୮।୧୦ (ଏଜେନ୍ସି): ପରିବର୍ତ୍ତିତ ଜୀବନଶୈଳୀ, ପୁଷ୍ଟିକର ଖାଦ୍ୟ ଏବଂ ବ୍ୟାୟାମର ଅଭାବ ଯୋଗୁଁ ଦେଶରେ ହୃତ୍‌ପିଣ୍ଡ ଜନିତ ସମସ୍ୟା ବଢ଼ିବାରେ ଲାଗିଛି । ଏହା ଅଚାନକ ହୃଦ୍‌ଘାତର କାରଣ ପାଲଟି ଯାଉଛି । ଭାରତରେ ପ୍ରାୟ ୫୨୩ ନିୟୁତ ଲୋକେ ହୃତ୍‌ପିଣ୍ଡ ଜନିତ ରୋଗରେ ପୀଡ଼ିତ ବୋଲି ଜଣାପଡିଛି । ଅନେକ ଏହି ରୋଗରେ ପଡ଼ି ପ୍ରାଣ ହରାଉଛନ୍ତି । କିନ୍ତୁ ଏହି ଦୂରାରୋଗ୍ୟରୁ ଆରୋଗ୍ୟ ହେଉ ନଥିବା କିଛି ଧନାଢ୍ୟ ବ୍ୟକ୍ତି ଶେଷରେ ହୃତ୍‌ପିଣ୍ଡ ପ୍ରତିରୋପଣ କରୁଛନ୍ତି । କିନ୍ତୁ ସମସ୍ୟା ଏହି କି ଯେ ପ୍ରତିରୋପଣ ପରେ ଅଧିକାଂଶଙ୍କ ଜୀବନଶୈଳୀ, ଚାଲିଚଳଣୀ, ଚିନ୍ତାଧାରା ବଦଳି ଯାଉଛି । ପୂର୍ବରୁ ଯାହାକୁ ବାଇକ୍ ଚଲାଇବାକୁ ପସନ୍ଦ ହେଉ ନ ଥିଲା ସେ ଏବେ ରେସିଂ ବାଇକ୍ ପଛରେ ପଡିଛି । ଆଉ କିଏ ଭାରତୀୟ ଖାଦ୍ୟକୁ ଛାଡ଼ି ଚାଇନିଜ୍ ମାୟାରେ ଫସି ଯାଇଛି । ଅନେକଙ୍କ କ୍ଷେତ୍ରରେ ଏଭଳି ପରିବର୍ତ୍ତନ ହୋଇଛି ।

ଅହମଦାବାଦର ନରହରିଭାଇ ପଟେଲ କହିଛନ୍ତି ଯେ ଗତ ସାତ ବର୍ଷ ହେଲା ସେ କାର୍ ଚଳାଉଛନ୍ତି । ତାଙ୍କୁ ଜମାରୁ ବାଇକ ପସନ୍ଦ ନୁହେଁ । ବାଇକ ତାଙ୍କୁ ବିପଦ ଭଳି ଲାଗେ । କିନ୍ତୁ ଗତ ୬ ମାସ ହେଲା ସେ ସ୍ପୋର୍ଟ୍ସ ବାଇକ ପଛରେ ପଡି ଯାଇଛନ୍ତି । ଏଥିରେ ଲେହ, ଲଦାଖ ବୁଲିବାକୁ ଚାହୁଁଛନ୍ତି । ତେଣୁ ଏହାକୁ କିଣିବା ପାଇଁ ଲାଗିଛନ୍ତି । ଦୁଇ ତିନୋଟି ବାଇକ ମଧ୍ୟ ଦେଖିସାରିଲେଣି । ଏହାକୁ ନେଇ ଘର ଲୋକ ମଧ୍ୟ ଚିନ୍ତିତ । ଯଦି ବାଇକ ଚଲାଇବନି ତେବେ କିଣିବ କାହିଁକି ବୋଲି ପଚାରୁଛନ୍ତି । ଏହାକୁ ହଠାତ୍ ତାଙ୍କର ହୃତ୍‌ପିଣ୍ଡ ପ୍ରତିରୋପଣ କଥା ମନେ ପଡ଼ି ଯାଇଥିଲା । ୨୦୨୪ ଜାନୁଆରୀରେ ୧୪ ବର୍ଷ ସାନ ଯୁବକଙ୍କ ହୃତ୍‌ପିଣ୍ଡ ତାଙ୍କଠାରେ ଲାଗିଥିଲା । ସେ ବାଇକକୁ ବହୁତ ପସନ୍ଦ କରୁଥିଲେ । ତେଣୁ ଏବେ ତାଙ୍କୁ ବାଇକ ଭଲ ଲାଗୁଛି । ଚାଇନିଜ ଖାଇବାକୁ ଭଲ ପାଉଛନ୍ତି । ଆଦୌ ଝଗଡ଼ା କରୁ ନ ଥିବା ପଟେଲ ଏବେ ଟିକେ ଟିକେ କଥାରେ ରାଗି ଯାଉଛନ୍ତି । ପ୍ରତିରୋପଣ ପରେ ସେ ଦ୍ୱିତୀୟ ଜନ୍ମ ପାଇଥିବା କହିଛନ୍ତି । କେବଳ ପଟେଲ ନୁହନ୍ତି ଏଭଳି ଅନେକ ବ୍ୟକ୍ତିଙ୍କ ରୁଚି ଏବଂ ଆଚରଣ ସମ୍ପୂର୍ଣ୍ଣ ବଦଳି ଯାଇଛି ।

**ହୃତ୍‌ପିଣ୍ଡ ଦେଇଥିବା ବ୍ୟକ୍ତିଙ୍କ ପରି ହେଇଯାଉଛି ହାବଭାବ**

ହାର୍ଟ ପମ୍ପିଂରେ ସମସ୍ୟା ହେବାରୁ ୨୦୨୦ ଜୁଲାଇ ୧୦ରେ ଅହମଦାବାଦର ସାକ୍ଷିତାବେନଙ୍କ ହୃତ୍‌ପିଣ୍ଡ ପ୍ରତିରୋପଣ ହୋଇଥିଲା । ଏକ ଦୁର୍ଘଟଣାରେ ପ୍ରାଣ ହରାଇ ଥିବା ସୁରଟର ୨୪ ବର୍ଷୀୟ ମହର୍ଷ ପଟେଲଙ୍କ ହୃତ୍‌ପିଣ୍ଡ ତାଙ୍କୁ ମିଳିଥିଲା । ଏହି ଅସ୍ତ୍ରୋପଚାର ପରେ ତାଙ୍କ ହାବଭାବ ବଦଳି ଯାଇଥିଲା । ସେ ଚିଡ଼ିଚିଡ଼ା ହେବାରେ ଲାଗିଥିଲେ । ପୂର୍ବରୁ କାହାକୁ ଜବାବ ଦେଉ ନ ଥିବା ସାକ୍ଷିତା ଏବେ ଶୀଘ୍ର ରାଗି ଯାଉଛନ୍ତି । ତାଙ୍କ ଖାଦ୍ୟ ଶୈଳୀ ମଧ୍ୟ ବଦଳି ଯାଇଛି । ପୂର୍ବରୁ ପସନ୍ଦ ଆସୁ ନ ଥିବା ଗୁଜରାଟୀ ଖାଦ୍ୟ ତାଙ୍କୁ ଏବେ ଭଲ ଲାଗୁଛି । ଆଇସକ୍ରିମ ଅଧିକ ଖାଉଛନ୍ତି । ସ୍ୟାଣ୍ଡୱିଚ ପସନ୍ଦ କରୁ ନ ଥିବା ସାକ୍ଷିତା ଅସ୍ତ୍ରୋପଚାର ପରେ ଏହା ଖାଇ ଚାଲିଛନ୍ତି । ଏ ସବୁ ଜିନିଷ ମହର୍ଷକୁ ଭଲ ଲାଗେ । ତେଣୁ ଏବେ ତାଙ୍କୁ ଭାଲ ଲାଗୁଛି ବୋଲି ସେ ପଚରାଉଚୁରା କରିବାରୁ ଜାଣି ପାରିଛନ୍ତି । ସେହିପରି ୧୩ ବର୍ଷ ବୟସରେ ଜାମନଗରର ବାସିନ୍ଦା ଭୂମିକାଙ୍କ ୨୦୨୨ ମାର୍ଚ୍ଚ ୧୫ରେ ହୃତ୍‌ପିଣ୍ଡ ପ୍ରତିରୋପଣ ହୋଇଥିଲା । ଜଣେ ୨୧ ବର୍ଷୀୟ ରାଜସ୍ଥାନୀ ଯୁବକଙ୍କ ହୃତପିଣ୍ଡ ତାଙ୍କଠାରେ ଲାଗିଥିଲା । ଏହା ପରେ ଭୂମିକାଙ୍କଠାରେ ବଡ଼ ପରିବର୍ତ୍ତନ ହୋଇଥିଲା । ପ୍ରଥମେ ଭୂମିକାଙ୍କୁ କଦଳୀ ପସନ୍ଦ ନ ଥିଲା । କିନ୍ତୁ ପରେ ଏହାକୁ ଖାଇବା ଆରମ୍ଭ କରିଥିଲେ । ଏବେ ଏହି ସବୁ ପରିବର୍ତ୍ତନ ବିଷୟରେ ଗବେଷଣା ଜାରି ରହିଛି ବୋଲି ବିଶେଷଜ୍ଞମାନେ କହିଛନ୍ତି ।



# ଇକୁଏଡ଼ର ରାଷ୍ଟ୍ରପତିଙ୍କୁ ହତ୍ୟା ଉଦ୍ୟମ; ୫ ଗିରଫ

ନୂଆଦିଲ୍ଲୀ, ୮।୧୦(ଏଜେନ୍ସି): ଉତ୍ତର ପଶ୍ଚିମ ଲାଟିନ ଆମେରିକୀୟ ଦେଶ ଇକୁଏଡର ରାଷ୍ଟ୍ରପତି ଡାନିଏଲ ନୋବୋଆଙ୍କୁ ହତ୍ୟା କରିବାକୁ ଉଦ୍ୟମ କରାଯାଇଛି । ବୁଧବାର ସେ ନିଜର ସୁରକ୍ଷାକର୍ମୀଙ୍କ ସହ ଗାଡ଼ିରେ ଯାଉଥିବା ବେଳେ ୫୦୦ ଲୋକ ତାଙ୍କୁ ଘେରାଉ କରି ଟେକା ମାଡ଼ କରିବା ସହ ଗୁଳି ଚଳାଇଥିଲେ । ରାଷ୍ଟ୍ରପତିଙ୍କ କାର ଉପରେ ଗୁଳିର ଚିହ୍ନ ଦେଖିବାକୁ ମିଳିଛି । ତେବେ ତାଙ୍କର କୌଣସି କ୍ଷତି ହୋଇନାହିଁ । ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଘଟଣା ପରେ ୫ଜଣଙ୍କୁ ଗିରଫ କରାଯାଇଛି ବୋଲି ଇକୁଏଡର ପରିବେଶ ଓ ଶକ୍ତି ମନ୍ତ୍ରୀ ଆଇନେସ ମାଞ୍ଜାନୋ କହିଛନ୍ତି । ଲୋକଙ୍କ ଏଭଳି ଆଚରଣକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି । ସରକାର ତେଲ ସବ୍‌ସିଡିକୁ ବନ୍ଦ କରିବାକୁ ଘୋଷଣା କରିଥିଲେ । ଫଳରେ ତାଙ୍କ ବିରୋଧରେ ଜନତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା ।

# ବାଣ କାରଖାନାରେ ବିସ୍ଫୋରଣ; ୬ ମୃତ

ହାଇଦରାବାଦ, ୮।୧୦(ଏଜେନ୍ସି): ଆନ୍ଧ୍ରପ୍ରଦେଶର ଡ. ବିଆର୍ ଆମ୍ବେଡକର କୋନାସିମା ଜିଲ୍ଲାରେ ରାୟବରମରେ ବୁଧବାର ଏକ ବାଣ କାରଖାନାରେ ବିସ୍ଫୋରଣ ହେବାରୁ ୬ ଜଣ ଲୋକ ପ୍ରାଣ ହରାଇଛନ୍ତି । ମୃତଦେହଗୁଡିକ ପୂରା ଜଳି ଯାଇଥିବାରୁ ଏଗୁଡିକର ଚିହ୍ନଟ କରିବା କଷ୍ଟକର ହୋଇପଡ଼ିଛି । ଏଥିରେ ବହୁଲୋକ ଆହତ ମଧ୍ୟ ହୋଇଛନ୍ତି । ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି । ମୃତକଙ୍କ ଦେହ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଛି ବୋଲି ସ୍ଥାନୀୟ ଏସ୍‌ପି ରାହୁଲ ମିନା କହିଛନ୍ତି । ମୃତକ ଏହି ବାଣ କାରଖାନର ଶ୍ରମିକ ହୋଇପାରନ୍ତି ବୋଲି କୁହାଯାଇଛି । ମୃତଦେହଗୁଡିକୁ ଚିହ୍ନଟ କରିବାକୁ ପାଇଁ ପ୍ରୟାସ ଜାରି ରହିଛି । ଏହି କାରଖାନା ପାଖରେ ବାଣ ତିଆରି କରିବାକୁ ଲାଇସେନ୍ସ ଥିଲା । ସର୍ଟ ସର୍କିଟ କାରଣରୁ ନିଆଁ ଲାଗିବା ସହ ଆଖୁ ପିଛୁଳାକେ ବ୍ୟାପିଯାଇଥଲା ବୋଲି ସ୍ଥାନୀୟ ଗଣମାଧ୍ୟମଗୁଡିକ ସୂଚନା ଦେଇଛନ୍ତି । ଏହି ଘଟଣାର ଭିଡିଓ ସାମ୍ନାକୁ ଆସିଛି ଓ ଏହା ସାମାଜିକ ଗଣମାଧ୍ୟମଗୁଡିରେ ଭାଇରାଲ ହେବାରେ ଲାଗିଛି ।

# ଯୋଧପୁର ଜେଲ୍‌ରେ ୱାଙ୍ଗଚୁକ୍‌ଙ୍କୁ ଭେଟିଲେ ପତ୍ନୀ ଗୀତାଞ୍ଜଳି

ଯୋଧପୁର, ୮।୧୦(ଏଜେନ୍ସି): ଯୋଧପୁର ସେଣ୍ଟ୍ରାଲ ଜେଲ୍‌ରେ ଥିବା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍‌ଙ୍କୁ ମଙ୍ଗଳବାର ରାତିରେ ପତ୍ନୀ ଗୀତାଞ୍ଜଳି ଓଙ୍ଗମୋ ଭେଟିଛନ୍ତି । ତାଙ୍କ ସହ ଓକିଲ ରିତମ ଖାରେ ଉପସ୍ଥିତ ଥିଲେ ।



ଗୀତାଞ୍ଜଳି ପତିଙ୍କୁ ମୁକ୍ତ କରିବାକୁ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି । ଅକ୍ଟୋବର ୧୪ରେ ଏହାର ଶୁଣାଣି ହେବ । ୱାଙ୍ଗଚୁକ୍‌ଙ୍କୁ ଭେଟିବା ପରେ ଗୀତାଞ୍ଜଳି ବୁଧବାର ସାମାଜିକ ଗଣମାଧ୍ୟମରେ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି । ଡିଟେନସନ ଆଦେଶକୁ ଚ୍ୟାଲେଞ୍ଜ କରିବୁ ବୋଲି ସେ ଉଲ୍ଲେଖ କରିଛନ୍ତି । ଉଲ୍ଲେଖଥାଉ କି, ସେପ୍ଟେମ୍ବର ୨୪ରେ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ସାମିଲ କରିବା ଓ ଲଦାଖକୁ ରାଜ୍ୟ ପାହ୍ୟା ଦାବି ନେଇ ଆନ୍ଦୋଳନ ହୋଇଥିଲା । କିନ୍ତୁ ଏହି ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା ଓ ଏଥିରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିଲେ । ଏହି ଆନ୍ଦୋଳନରେ ଯୁବକଙ୍କୁ ଉସୁକାଇଥିବା ସହ ବିବାଦୀୟ ମନ୍ତବ୍ୟ ଦେବା ଅଭିଯୋଗରେ ସୋନମଙ୍କୁ ଜାତୀୟ ସୁରକ୍ଷା ଅଧିନିୟମ (ଏନ୍‌ଏସ୍‌ଏ) ଅନୁସାରେ ଗିରଫ କରାଯାଇଥିଲା । ଲେହରୁ ଗିରଫ କରାଯିବା ପରେ ତାଙ୍କୁ ଯୋଧପୁର କେନ୍ଦ୍ରୀୟ ଜେଲକୁ ନିଆଯାଇଥିଲା । ଅକ୍ଟୋବର ୨ରେ ଗୀତାଞ୍ଜଳି ୱାଙ୍ଗଚୁକ୍‌ଙ୍କୁ ମୁକ୍ତ କରିବା ନେଇ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ଫଳରେ ଅକ୍ଟୋବର ୫ରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ସମେତ ଲଦାଖ ପ୍ରଶାସନ, ଯୋଧପୁର କେନ୍ଦ୍ରୀୟ ଜେଲ ଅଧିକ୍ଷକଙ୍କୁ ନୋଟିସ ଜାରି କରିଥିଲେ ।

# ୬୦ କୋଟି ଜମା କରିବାକୁ ଶିଳ୍ପାଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ମୁମ୍ବାଇ, ୮।୧୦(ଏଜେନ୍ସି): ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଓ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ବିଦେଶ ଗସ୍ତ ନେଇ ବମ୍ବେ ହାଇକୋର୍ଟ ସର୍ତ୍ତ ରଖିଛନ୍ତି । ପ୍ରଥମେ ୬୦ କୋଟି ଟଙ୍କା ଜମା କର, ତାପରେ ଯାଇ ଦୁହିଁଙ୍କ ବିଦେଶ ଗସ୍ତ ନେଇ ବିଚାର କରାଯିବ । ବୁଧବାର ଦୁହିଁଙ୍କ ଆବେଦନ ଉପରେ ଶୁଣାଣି ହୋଇଥିଲା । ଅର୍ଥ ଠକେଇ ମାମଲାରେ ଅଭିଯୁକ୍ତଙ୍କୁ ବିଦେଶ ଯାତ୍ରା ପାଇଁ ଅନୁମତି ଦିଆଯାଇପାରିବ ନାହିଁ ବୋଲି କୋର୍ଟ କହିଥିଲେ । ଇଓଡବ୍ଲ୍ୟୁ ଦ୍ୱାରା ଜାରି କରାଯାଇଥିବା ଲୁକ୍ ଆଉଟ ନୋଟିସ୍‌କୁ ୩ ମାସ ପାଇଁ ନିଲମ୍ବିତ କରିବାକୁ ଦୁହେଁ ଆବେଦନ କରିଥିଲେ । ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶରେ ଦୁହେଁ ନିରାଶ ହୋଇଛନ୍ତି ।

# ପାକିସ୍ତାନରେ ସଂଘର୍ଷ; ୩୦ ନିହତ

ଇସଲାମାବାଦ୍, ୮।୧୦(ଏଜେନ୍ସି): ପାକିସ୍ତାନର ଖାଇବର ପଖତୁନଖ୍ୱା ଅଞ୍ଚଳରେ ସେନା ଓ ତେହରିକ-ଇ- ତାଲିବାନ ପାକିସ୍ତାନ (ଟିଟିପି) ମଧ୍ୟରେ ସଂଘର୍ଷରେ ୩୦ ଜଣ ନିହତ ହୋଇଛନ୍ତି । ଏଥିରେ ସେନାର ୧୧ ଜଣ ଯବାନ ଥିବା ବେଳେ ଟିଟିପିର ୧୯ ବିଦ୍ରୋହୀ ଅଛନ୍ତି । ଯେଉଁ ୧୧ ଜଣ ପାକିସ୍ତାନ ସୈନିକ ମୃତ୍ୟୁବରଣ କରିଛନ୍ତି, ।।ସେମାନଙ୍କ ମଧ୍ୟରେ ଜଣେ ଲେଫ୍ଟନାଣ୍ଟ କର୍ଣ୍ଣେଲ ଓ ଜଣେ ମେଜର ସାମିଲ ରହିଛନ୍ତି ।

ଆଫଗାନିସ୍ତାନ ସୀମା ନିକଟବର୍ତ୍ତୀ ଅଞ୍ଚଳରେ ଥିବା କୁରମ ଜିଲ୍ଲାରେ ପାକ୍ ସେନା ଟିଟିପି ବିରୋଧରେ ଅପରେସନ ଚଳାଇଥିବା ବେ।ାଳେ ଦୁଇପକ୍ଷ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ଏଥିରେ ଟିଟିପିର ୧୯ ଜଣ ନିହତ ହୋଇଛନ୍ତି । ପାକସେନା ଅପରେସନ ଜାରି ରଖିଥିବା ବେଳେ ଟିଟିପି ବିଦ୍ରୋହୀଙ୍କ ଗୁଳିମାଡ଼।ାରେ ୧୧ ଜଣ ପାକ୍ ସୈନିକ ପ୍ରାଣ ହରାଇଛନ୍ତି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଏହାର ନିନ୍ଦା କରିବା ସହିତ ବିଦ୍ରୋହୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବିଦ୍ରୋହୀଙ୍କୁ ଭାରତ ସହାୟତା କରୁଛି ବୋଲି ପାକିସ୍ତାନ ପକ୍ଷରୁ ଅଭିଯୋଗ କରାଯାଇଛି ।

ଉଲ୍ଲେଖଥାଉ କି ୨୦୨୧ରେ ଆଫଗାନିସ୍ତାନରେ ତାଲିବାନ ଶାସନକୁ ଆସିବା ପରେ ଟିଟିପି ପାକିସ୍ତାନ ସେନା ବିରୋଧରେ ଗରିଲା ଯୁଦ୍ଧ ଜାରି ରଖିଛି । ଟିଟିପିକୁ ଗତ ୧୨ ବର୍ଷ ମଧ୍ୟରେ ପାକିସ୍ତାନ ପାଇଁ ସବୁଠାରୁ ବଡ଼ ବିପଦ ବୋଲି ବିବେଚନା କରାଯାଉଛି । ଗତ କେତେମାସ ମଧ୍ୟରେ ଟିଟିପି ପାକିସ୍ତାନ ସେନା ଉପରେ ତା'ର ଆକ୍ରମଣକୁ ଦିନକୁ ଦିନ ତୀବ୍ରତର କରିବାରେ ଲାଗିଛି । ଟିଟିପିର ଆକ୍ରମଣ ୯୦ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୪ରେ ଟିଟିପି ପାକିସ୍ତାନରେ ୪୮୨ଟି ଆକ୍ରମଣ କରିଛି । ଏଥିରେ ୫୫୮ ଜଣ ମୃତ୍ୟୁବରଣ କରିଛନ୍ତି । ଗତ ସେପ୍ଟେମ୍ବର ୨୧ ରାତି ୨ଟାରେ ପାକିସ୍ତାନ ବାୟୁସେନା ଖାଇବର ପଖତୁନଖ୍ୱାର ତିରା ଉପତ୍ୟକାରେ ଚୀନ ପ୍ରଦତ୍ତ ଜେ-୧୭ ବିମାନରୁ ୮ଟି ଲେଜର ବୋମା ମାଡ଼ କରିଥିଲା । ଏଥିରେ ୩୦ଜଣ ସାଧାରଣ ଲୋକ ମୃତ୍ୟୁବରଣ କରିଥିଲେ । ଟିଟିପିକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଥିଲା ।



# କଶ୍ମୀରରେ ତୁଷାରପାତ, ତାପମାତ୍ରା -୦.୫



ଶ୍ରୀନଗର, ୮।୧୦(ସମିସ): ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ପାହାଡି ରାଜ୍ୟର ଉଚ୍ଚତମ ସ୍ଥାନମାନଙ୍କରେ ଗତ ୨୪ ଘଣ୍ଟା ମଧ୍ୟରେ ତୁଷାରପାତ ହୋଇଛି । ସେନା ଡୋଡା ଜିଲ୍ଲାରେ ଉଚ୍ଚତର ଅଞ୍ଚଳରେ ଫସି ରହିଥିବା ୨୫ ଜଣ ଆଦିବାସୀଙ୍କୁ ଉଦ୍ଧାର କରିଛି । ସେନା ନିଜର ପାଳିତ ଜନ୍ତୁଙ୍କ ସାହାଯ୍ୟରେ ଏହି ତୁଷାର ଝଡ଼ରୁ ଏମାନଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି । ସେହିପରି ବୁଧବାରଠାରୁ ଜମ୍ମୁ-କଶ୍ମୀରର କଟରାରେ ବୈଷ୍ଣୋଦେବୀ ଯାତ୍ରା ପୁଣି ଥରେ ଆରମ୍ଭ ହୋଇଛି । ପ୍ରତିକୂଳ ପାଗ କାରଣରୁ ଏହି ଯାତ୍ରାକୁ ୫ରୁ ୭ ଅକ୍ଟୋବର ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା । ୩ ଦିନ ପରେ ଯାତ୍ରା ଆରମ୍ଭ ହୋଇଥିବାରୁ ଶ୍ରଦ୍ଧାଳୁ ଖୁସି ଜାହିର କରିଛନ୍ତି । ଆଜି ସକାଳୁ ଶହଶହ ଲୋକ ପୁଣିଥରେ ଯାତ୍ରା ଆରମ୍ଭ କରିଛନ୍ତି ।

ସେପଟେ ହିମାଚଳ ପ୍ରଦେଶରେ ମଙ୍ଗଳବାର ଲାଗାତର ତୃତୀୟ ଦିନ ପାଇଁ ତୁଷାରପାତ ହୋଇଛି । ଲାହୋଲ- ସ୍ପିତିରେ ରାତିରେ ତାପାମାତ୍ର -୦.୫ ଡିଗ୍ରୀରେ ପହଞ୍ଚିଛି । ସେହିପରି ଉତ୍ତରାଖଣ୍ଡ ବଦ୍ରିନାଥ, କେଦାରନାଥ ଓ ହେମକୁଣ୍ଡରେ ମଙ୍ଗଳବାର ପ୍ରଥମଥର ପାଇଁ ତୁଷାରପାତ ହୋଇଛି । ହେମକୁଣ୍ଡରେ ୨ରୁ ୩ ଇଞ୍ଚ୍ ପର୍ଯ୍ୟନ୍ତ ବରଫ ପଡ଼ିଛି । କେଦାରନାଥରେ ତାପମାତ୍ରା ୫ ଡିଗ୍ରୀକୁ ଖସିଛି । ଏବେ ୪ ଧାମ ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ ଚାଲିଛି । ଅନ୍ୟପଟେ ବିହାରରେ ମୌସୁମୀର ଲେଉଟାଣୀ ଜାରି ରହିଥିଲେ ମଧ୍ୟ ବର୍ଷା ଜାରି ରହିଛି । ପ୍ରବଳ ବର୍ଷା କାରଣରୁ କେତୋଟି ନଦୀରେ ବନ୍ୟା ଆସିଛି । ସୁପୋଲରେ ୫ ହଜାର ଘରେ ପାଣି ପଶିଯାଇଛି । ମଧୁବନୀରେ ୧ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ସେହିପରି ଦେଶର ସମତଳ ଅଞ୍ଚଳରେ ଶୀତ ଅନୁଭୂତ ହେବା ଆରମ୍ଭ ହୋଇଛି । ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶର କେତୋଟି ସହରରେ ତାପମାତ୍ରା ଖସୁଥିବା ପରିଲକ୍ଷିତ ହୋଇଛି । କେତୋଟି ସହରର ତାପମାତ୍ରା ୨୦ ଡିଗ୍ରୀ ତାକୁ ଖସିଛି । ଫଳରେ ଶୀତ ଅନୁଭୂତ ହୋଇଛି ।

# ଜାପାନ, ଆମେରିକା, ଅଷ୍ଟ୍ରେଲିଆ ବୈଜ୍ଞାନିକଙ୍କୁ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର

ଷ୍ଟକ୍‌ହାମ୍, ୮।୧୦(ଏଜେନ୍ସି): ଏଥର ଜାପାନର ସୁସୁମୁ କିତାଗାୱା, ଅଷ୍ଟ୍ରେଲିଆର ରିଚାର୍ଡ ରବସନ ଓ ଆମେରିକାର ଉମର ଏମ୍ ୟାଘିଙ୍କୁ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯିବ । ସ୍ୱିଡେନର ରୟାଲ ସ୍ୱିଡିଶ ଏକାଡେମୀ ଅଫ୍ ସାଇନ୍‌ସ ତରଫରୁ ବୁଧବାର ଏ ନେଇ ଘୋଷଣା କରାଯାଇଛି । ଧାତୁ କାର୍ବନିକ ଢ଼ାଞ୍ଚାର ବିକାଶ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ଏହି ବୈଜ୍ଞାନିକମାନଙ୍କୁ ନୋବେଲ ପୁରସ୍କାର ଦିଆଯିବ ବୋଲି ଏକାଡେମୀ ତରଫରୁ ଏକ୍ସରେ ପୋଷ୍ଟ କରି ଘୋଷଣା କରାଯାଇଛି ।



ଏହି ବୈଜ୍ଞାନିକମାନେ ଏଭଳି ଏକ ଆଟମ ବା ପରମାଣୁ ଭଳି ସଂରଚନା ତିଆରି କରିଛନ୍ତି, ଯେଉଁଥିରେ ବଡ଼ ବଡ଼ ଶୂନ୍ୟସ୍ଥାନ ରହିଛି । ଯେଉଁଥିରେ ଗ୍ୟାସ ଆଉ ରାସାୟନିକ ପଦାର୍ଥ ଅତି ସହଜରେ ଯାଇପାରିବ । ଏହି ସଂରଚନାକୁ ମେଟାଲ ଅର୍ଗାନିକ ଫ୍ରେମୱାର୍କ (ଏମ୍‌ଓଏଫ୍) କୁହାଯାଇଥାଏ । ଏଥିରେ ଏମିତି ଏକ କ୍ରିଷ୍ଟାଲ ତିଆରି ହେବ ଯେଉଁଥିରେ ବଡ଼ ଶୂନ୍ୟସ୍ଥାନ ରହିବ । ଏହାକୁ ଏକ ସ୍ୱତନ୍ତ୍ର ଶୈଳୀରେ ତିଆରି କରାଯାଇଛି । ଏହାଦ୍ୱାରା ମରୁଭୂମିର ବାୟୁରୁ ପାଣିକୁ ଏକାଠି କରିବା, ପ୍ରଦୂଷଣ ଦୂରେଇବା, କାର୍ବନ ଡାଇଅକ୍ସାଇଡକୁ ସଫା କରିବା, ବିଷାକ୍ତ ଗ୍ୟାସ୍‌କୁ ଷ୍ଟୋର କରିବା ଓ ରାସାୟାନିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଭଳି କାର୍ଯ୍ୟ ସମ୍ପାଦିତ ହେବ ।

# ବର୍ଷା ପାଇଁ ଦିଲ୍ଲୀ-କୋଲକାତା ହାଇୱେ ଜାମ୍

ନୂଆଦିଲ୍ଲୀ, ୮।୧୦(ଏଜେନ୍ସି): ବିହାରର ରୋହତାସ ଜିଲ୍ଲାରେ ଗତ ସପ୍ତାହରେ ହୋଇଥିବା ପ୍ରବଳ ବର୍ଷା କାରଣରୁ ଦିଲ୍ଲୀ- କୋଲକାତା ଜାତୀୟ ରାଜପଥ-୧୯ ସମ୍ପୂର୍ଣ୍ଣ ଭାବେ ଠପ୍ କରିଛି । ହଜାର ହଜାର ଗାଡ଼ି ସଡ଼କ ଉପରେ ୪ ଦିନ ହେବ ଫସି ରହିଛି । ଟ୍ରକ୍, ବସ, କାର, ମୋଟର ସାଇକଲ ସବୁ ଗାଡ଼ି ଗୁଡିକ ଲମ୍ବା ଲାଇନ୍‌ରେ ଠିଆ ହୋଇଛନ୍ତି । ରୋହତାସରୁ ଔରଙ୍ଗାବାଦ ପର୍ଯ୍ୟନ୍ତ ୬୫ କିମିର ଟ୍ରାଫିକ ଜାମ ଦେଖିବାକୁ ମିଳିଛି । ଗତ ଶୁକ୍ରବାର ପ୍ରବଳ ବର୍ଷା ହେବା କାରଣରୁ ହାଇୱେରେ ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ଡାଇଭର୍ଜନ ଓ ସର୍ଭିସ ଲେନ୍‌ରେ ପାଣି ପଶିଛି । ଏହି ଟ୍ରାଫିକ ଜାମ୍ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ପ୍ରଶାସନ ତରଫରୁ କିଛି ପ୍ରୟାସ କରାଯାଇନାହିଁ । ସେହିପରି ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ) ଓ ସଡ଼କ ନିର୍ମାଣ ସଂସ୍ଥା ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । ଗତ ୨୪ ଘଣ୍ଟା ମଧ୍ୟରେ ଗାଡିଗୁଡିକ ମାତ୍ର ୫ କିମି ଆଗକୁ ଯିବାକୁ ସମର୍ଥ ହୋଇଛି । ଗତ ୩୦ ଘଣ୍ଟାରେ ଆମେ ମାତ୍ର ୭ କିମି ଯାତ୍ରା କରିଛୁ ବୋଲି ପ୍ରବୀଣ ସିଂ ନାମକ ଜଣେ ଟ୍ରକ୍ ଡ୍ରାଇଭର କହିଛନ୍ତି । ଟ୍ରାଫିକ ଜାମ୍ କାରଣରୁ ବ୍ୟବସାୟଠାରୁ ଆରମ୍ଭ କରି ସବୁ ପ୍ରକାର ଦୈନନ୍ଦିନ କାର୍ଯ୍ୟ ଯଥା ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ବାଧାପ୍ରାପ୍ତ ହୋଇଛି ।



**୪ ଦିନ ହେଲା ଗାଡ଼ିଗୁଡିକ ଫସି ରହିଛି**

# ପିକ୍‌ନିକ୍ ବେଳେ ଭାସିଗଲେ ୭

ବେଙ୍ଗାଲୁରୁ, ୮।୧୦(ସମିସ): ଛୁଟିରେ ବଣଭୋଜି କରିବାକୁ ଯାଇଥିଲେ । କିନ୍ତୁ ଏହା ଏକ ବଡ଼ ଦୁର୍ଘଟଣାରେ ରୂପ ନେଇଥିଲା । କର୍ଣ୍ଣାଟକର ତୁମାକୁରୁର ୧୫ଜଣ ଲୋକ ମାରକୋନାହାଲି ଡ୍ୟାମ୍‌କୁ ପିକ୍‌ନିକ କରିବାକୁ ଯାଇଥିଲେ । ଏମାନଙ୍କ ମଧ୍ୟରୁ ୭ ଜଣ ପାଣି ଭିତରେ ପଶିଥିଲେ । ଏତିକି ବେଳେ ଡ୍ୟାମରୁ ପାଣି ଛଡ଼ା ଯାଇଥିଲା । ଫଳରେ ପ୍ରବଳ ସୁଅ ଆସିଥିଲା ଓ ସମସ୍ତେ ଭାସି ଯାଇଥିଲେ । ସୂଚନା ପାଇ ଉଦ୍ଧାରକାରୀ ଦଳ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ନୱାଜ ବୋଲି ଜଣେ ଲୋକଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ତୁମାକୁରୁ ଏସ୍‌ପି କେଭି ଅଶୋକ କହିଛନ୍ତି । ଦୁଇଟି ମୃତଦେହ ଉଦ୍ଧାର କରାଯାଇଛି ବୋଲି ପୁଲିସ କହିଛି । ବାକି ୪ ଜଣଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି ରହିଛି ।



# ସାମାଜିକ ଗଣମାଧ୍ୟମରେ ପ୍ରଧାନବିଚାରପତିଙ୍କୁ କଟାକ୍ଷ; ପଞ୍ଜାବରେ ମାମଲା

ନୂଆଦିଲ୍ଲୀ, ୮।୧୦: ଗତ ସୋମବାର ଦିନ ସୁପ୍ରିମ କୋର୍ଟ ଭିତରେ ଶୁଣାଣି ଚାଲିଥିବା ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇଙ୍କ ଉପରେ ଜୋତା ଆକ୍ରମଣ ପାଇଁ ଉଦ୍ୟମ ଘଟଣା ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି । ଜଣେ ଆଇନଜୀବୀଙ୍କ ଏଭଳି ଉଦ୍ୟମକୁ ବିଭିନ୍ନ ଦଳ ଓ ସଂଗଠନ ନିନ୍ଦା କରିଥିବା ବେଳେ କେତେକ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ଜଷ୍ଟିସ ଗଭାଇଙ୍କୁ ଟାର୍ଗେଟ କରିବାରେ ଲାଗିଛନ୍ତି । ସେପଟେ ଅଭିଯୁକ୍ତ ଆଇନଜୀବୀ ମଧ୍ୟ ଅନୁତାପ କରିବା ପରିବର୍ତ୍ତେ ଆକ୍ରମଣ ସପକ୍ଷରେ ପ୍ରଚାର କରିବାରେ ଲାଗିଛନ୍ତି ।

ଇତିମଧ୍ୟରେ ଜଷ୍ଟିସ ଗଭାଇଙ୍କ ପରିବାର ପକ୍ଷରୁ ଜୋତା ଆକ୍ରମଣ ଘଟଣାର ନିନ୍ଦା କରାଯାଇଛି । ଜଷ୍ଟିସ ଗଭାଇଙ୍କ ମାଆ କମଲ ଗଭାଇ ଏବଂ ଭଉଣୀ କିର୍ତ୍ତି ଗଭାଇ ଘଟଣାର ନିନ୍ଦା କରି କହିଛନ୍ତି ଯେ କୋର୍ଟ ରୁମ ଭିତରେ ଏଭଳି ଆଚରଣ ହେଉଛି ସମ୍ବିଧାନ ଉପରେ ଆକ୍ରମଣ । ଏଭଳି ଆଚରଣ ବନ୍ଦ ହେବା ଉଚିତ । ନହେଲେ ଭବିଷ୍ୟତ ପିଢ଼ି ଆମକୁ କେବେହେଲେ କ୍ଷମା ଦେବେ ନାହିଁ । ବିନା କୌଣସି କାର୍ଯ୍ୟାନୁଷ୍ଠାନରେ ସଂପୃକ୍ତ ଆଇନଜୀବୀଙ୍କୁ ଛାଡ଼ିଦେବା ଲାଗି ଜଷ୍ଟିସ ଗଭାଇଙ୍କ ପରାମର୍ଶ ତାଙ୍କର ବଡ଼ପଣିଆର ପ୍ରଦର୍ଶନ ଥିଲା । ଆକ୍ରମଣକାରୀଙ୍କ 'ବିଷାକ୍ତ ଆଦର୍ଶ'ର ସମାଲୋଚନା କରି ସେମାନେ କହିଛନ୍ତି ଯେ ଯେଉଁମାନେ ସମ୍ବିଧାନର ଅପମାନ କରୁଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର ।



**ଜଷ୍ଟିସ ଗଭାଇଙ୍କ ପରିବାର କ୍ଷୁବ୍ଧ**

ଅନ୍ୟପକ୍ଷରେ ଏହି ଘଟଣା ପରେ ସାମାଜିକ ଗଣମାଧ୍ୟମରେ କେତେକ ବ୍ୟକ୍ତି ଜଷ୍ଟିସ ଗଭାଇଙ୍କୁ କଟାକ୍ଷ କରିବା ଆରମ୍ଭ କରିଛନ୍ତି । ସେମାନେ ଆକ୍ରମଣକାରୀ ଓକିଲଙ୍କୁ ସମର୍ଥନ କରି ପ୍ରଧାନ ବିଚାରପତିଙ୍କ ଉଦ୍ଦେଶ୍ୟରେ ଜାତିଆଣ ଟିପ୍ପଣୀ କରୁଛନ୍ତି । ଗତକାଲି ଠାରୁ ଏହି ଧାରା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାରୁ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ସେମାନେ କହିଛନ୍ତି ଯେ ସଂପୃକ୍ତ ଓକିଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ନନେବା ପାଇଁ ସୁପ୍ରିମକୋର୍ଟ କହିଥିଲେ ମଧ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ । କୋର୍ଟ ରୁମ ଭିତରେ ପ୍ରଧାନ ବିଚାରପତିଙ୍କ ଉପରେ ଜୋତା ଆକ୍ରମଣ ଉଦ୍ୟମ ଏକ ମାମୁଲି ଘଟଣା ନୁହେଁ । ସରକାର ଏହାକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ସାମାଜିକ ଗଣମାଧ୍ୟମରେ ଜଷ୍ଟିସ ଗଭାଇଙ୍କୁ କଟାକ୍ଷ କରୁଥିବା ଲୋକମାନଙ୍କ ବିରୋଧରେ ପଞ୍ଜାବରେ ଏକାଧିକ ଏଫଆଇଆର୍ ଦାଖଲ କରାଯାଇଥିବା ଜଣାପଡ଼ିଛି ।

# ଆଲୋଭେରା ସାମ୍ପୁ



**ରାସାୟନିକ ସାମ୍ପୁ ବ୍ୟବହାର କଲେ ଏହା କେଶକୁ କ୍ଷତି ପହଞ୍ଚାଇଥାଏ। ତେଣୁ କେଶକୁ ଘନ ଓ ମଜଭୂତ କରିବାକୁ ଚାହୁଁଥିଲେ ରାସାୟନିକ ସାମ୍ପୁ ବଦଳରେ ଘରେ ଆଲୋଭେରା ସାମ୍ପୁ ପ୍ରସ୍ତୁତ କରି ଲଗାଇପାରିବେ।**

### ସାମ୍ପୁ ପ୍ରସ୍ତୁତି ବିଧି

- ଗୋଟିଏ କାଚ ବାଉଲ୍‌ରେ ଆଲୋଭେରା ଜେଲ୍ ନେଇ ସେଥିରେ ନଡ଼ିଆ କ୍ଷୀର, ମହୁ ଓ ବାଦାମତେଲ ଦେଇ ଭଲ ଭାବେ ମିକ୍ସ କରି ଦିଅନ୍ତୁ।
- ଏହାକୁ ଗ୍ରାଇଣ୍ଡିଂ ଜାର୍‌ରେ ଦେଇ ଦୁଇ ତିନି ବୁନ୍ଦା ଏସେନ୍‌ସିଆଲ୍ ଅଏଲ୍ ମିଶାଇ ଗ୍ରାଇଣ୍ଡିଂ କରନ୍ତୁ। ଏଥିରେ ରୋଜମେରୀ ଏସେନ୍‌ସିଆଲ୍ ଅଏଲ୍ ମିଶାଇ ଏୟାରଟାଇଟ୍ ବୋତଲରେ ଭରି ଫ୍ରିଜ୍‌ରେ ଷ୍ଟୋର କରନ୍ତୁ।
- ପ୍ରଥମେ କେଶକୁ ଓଦା କରନ୍ତୁ। ଏହାପରେ ଅଳ୍ପ ମାତ୍ରାରେ ସାମ୍ପୁ ନେଇ ସ୍କାଲ୍‌ପରେ ହାଲୁକା ମସାଜ୍ କରନ୍ତୁ। ଏହାକୁ ଦୁଇ, ତିନି ମିନିଟ୍ ରଖି ପାଣିରେ ଧୋଇ ଦିଅନ୍ତୁ।

### ସାମ୍ପୁର ଫାଇଦା

- ଏହା କେଶକୁ ପ୍ରାକୃତିକ ପୋଷଣ ଦେବା ସହ କେଶରେ ଚମକ ବୃଦ୍ଧି କରିଥାଏ।
- କେଶକୁ କୋମଳ କରି ରୂପିକୁ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ। ଏହା ସମ୍ପୂର୍ଣ୍ଣ ରସାୟନ ମୁକ୍ତ।
- ଏହାକୁ ଦଶରୁ ପନ୍ଦର ଦିନ ଫ୍ରିଜ୍‌ରେ ଷ୍ଟୋର କରି ରଖିପାରିବେ। ନିୟମିତ ବ୍ୟବହାର ଦ୍ୱାରା ଏହାକେଶକୁ ମଜଭୂତ କରିଥାଏ।

# ସିକ୍କି କଳାକୃତିରୁ ଆତ୍ମନିର୍ଭର



**ବର୍ତ୍ତମାନ ସମୟରେ ମହିଳାମାନେ ଘରେ ନ ବସି ଅର୍ଥ ଉପାର୍ଜନକୁ ପ୍ରାଧାନ୍ୟ ଦେଉଛନ୍ତି। କିଏ ଚାଷ କାର୍ଯ୍ୟ ତ କିଏ ବ୍ୟବସାୟ ତଥା କୁଟୀର ଶିଳ୍ପ ଦ୍ୱାରା ରୋଜଗାରକ୍ଷମ ହୋଇପାରୁଛନ୍ତି। ଏହାଦ୍ୱାରା ସେମାନେ ପରିବାର ପ୍ରତିପୋଷଣ ଭାର କାନ୍ଧକୁ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ସିକ୍କି ଘାସରୁ ଭଳିକି ଭଳି ଟ୍ରେ, ଚାଙ୍ଗୁଡ଼ି, ଟୋକେଇ, ବାକ୍ସ, ପାଛିଆ, ଖେଳନା ଆଦି ପ୍ରସ୍ତୁତ କରି ଆତ୍ମନିର୍ଭର ହୋଇଛନ୍ତି, ବିହାର ଚମ୍ପାରନ ଜିଲ୍ଲା ବଗହାର ଆଦିବାସୀ ମହିଳାମାନେ।**



### ସିକ୍କି କଳାକୃତିର ବିଶେଷତା

ବିହାରର ପ୍ରଚଳିତ ପ୍ରାଚୀନ ଲୋକକଳା ମଧ୍ୟରୁ ଗୋଟିଏ ସିକ୍କି କଳା। ନଦୀପଠାରେ ମିଳୁଥିବା ସିକ୍କି ଘାସରୁ ଏହି କଳାକୃତି କରାଯାଏ। ଏହା ୪୦୦ ବର୍ଷ ପୁରୁଣା। ବଗହା ଗାଁ ମହିଳାଙ୍କ କହିବାନୁଯାୟୀ, ଏଥିରୁ ତିଆରି ସାମଗ୍ରୀ ଯଥା- ଟୋକେଇ, ଆସନ, ଚାଙ୍ଗୁଡ଼ି ଦୈନନ୍ଦିନ ଜୀବନରେ ବ୍ୟବହାର ହେଉଥିଲା। କିନ୍ତୁ ସମୟକ୍ରମେ ଏଥିରୁ ଏବେ ଭଳିକି ଭଳି ଘରସଜ୍ଜା ସାମଗ୍ରୀ ପ୍ରସ୍ତୁତ ହେଉଛି। ଏହି ଘାସ ବିଶେଷ କରି ବିହାର ମିଥିଳା ନଦୀତଟ, ତଥା ପୋଖରୀ କୂଳରେ ଦେଖିବାକୁ ମିଳିଥାଏ। ଏହି ଘାସକୁ ପ୍ରଥମେ କାଟି ଖରାରେ ଶୁଖାଯାଏ। ଶୁଖିଗଲା ପରେ ରଙ୍ଗ ବୁଡ଼ାଇ ସିକ୍କି ଜାଲି ଉପକରଣରେ ଏହାକୁ ସୂତା ଆକାର ଦିଆଯାଏ। ଏହାପରେ ହାତରେ ବୁଣି ବିଭିନ୍ନ କଳାକୃତି ପ୍ରସ୍ତୁତ କରାଯାଏ।

### ଶୁଭକାର୍ଯ୍ୟରେ ଦିଆଯାଏ ଉପହାର

ପୌରାଣିକ କାହାଣୀ ଅନୁଯାୟୀ, ରାଜା ଜନକ ସୀତାଙ୍କୁ ବିଦାୟବେଳେ ସିକ୍କି କଳାକୃତି ନିର୍ମିତ ଟୋକେଇ, ଚାଙ୍ଗୁଡ଼ି, ଆଦି ଦେଇଥିଲେ। ଅବଶ୍ୟ କେତେକ ଗ୍ରାମାଞ୍ଚଳରେ ଏବେ ଝିଅ ଶାଶୁଘରକୁ ଗଲେ ସିକ୍କିରେ ତିଆରି ସାମଗ୍ରୀ ଦେବାର ପରମ୍ପରା ରହିଛି। ସେହିପରି ଘାସ ତିଆରି ଜିନିଷକୁ ଶୁଭ ମନଯାଏ। ଏଥିପାଇଁ ଏହାକୁ ଶୁଭକାର୍ଯ୍ୟରେ ବ୍ୟବହାର କରିବା ସହ ଉପହାର ଦିଆଯାଏ।

### ଆତ୍ମନିର୍ଭର ହୋଇଛନ୍ତି ଆଦିବାସୀ ମହିଳା

ସ୍ଥାନୀୟ ଅଞ୍ଚଳର ଶହ ଶହ ଆଦିବାସୀ ମହିଳା ଏହି କଳାକୃତି ଦ୍ୱାରା ଆତ୍ମନିର୍ଭର ହୋଇଛନ୍ତି। ଘରର କାର୍ଯ୍ୟ ସାରି ଦିନକୁ ଦୁଇ ତିନି ଘଣ୍ଟା ଏହି କଳାକୃତି କରିଥାନ୍ତି। ଏହାଦ୍ୱାରା ସେମାନେ ଅର୍ଥଉପାର୍ଜନ କରିବା ସହ ପାରମ୍ପରିକ କଳାକୁ ଜୀବିତ ରଖିଛନ୍ତି। ଏଥିସହ ମହିଳାମାନେ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇ ସିକ୍କି କଳାରେ ଆଧୁନିକ ସାମଗ୍ରୀ ପ୍ରସ୍ତୁତ କରନ୍ତି। ଏହି କଳାକୃତିକୁ ବିଭିନ୍ନ ମେଳାଗୁଡ଼ିକରେ ଷ୍ଟଲ୍ ପକାଇ ବିକ୍ରିବଟା କରିଥାନ୍ତି। ସେହିପରି କିଛି ଏନ୍‌ଜିଓ ସହାୟତାରେ ଏହାକୁ ଅନ୍‌ଲାଇନ୍‌ରେ ମଧ୍ୟ ବିକ୍ରି କରିଥାନ୍ତି। କେବଳ ଭାରତ ନୁହେଁ, ବିଦେଶରେ ମଧ୍ୟ ଏହାର ଚାହିଦା ବୃଦ୍ଧି ପାଇଛି।

# ମଙ୍ଗଳସୂତ୍ର ବ୍ରେସ୍‌ଲେଟ୍

**ସମୟ ଅନୁସାରେ ବିଭିନ୍ନ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ। ଏହି କ୍ରମରେ ଏବେ ମଙ୍ଗଳସୂତ୍ର ବ୍ରେସ୍‌ଲେଟର ଟ୍ରେଣ୍ଡ ଚାଲିଛି। ମହିଳାମାନେ ବେକ ଅପେକ୍ଷା ହାତରେ ମଙ୍ଗଳସୂତ୍ର ପିନ୍ଧିବାକୁ ବେଶୀ ପସନ୍ଦ କରୁଛନ୍ତି। ତେବେ ବିଭିନ୍ନ ଡିଜାଇନର ମଙ୍ଗଳସୂତ୍ର ରହିଛି, ଜାଣିବା ସେ ବିଷୟରେ...**

### ଫୁଲ ଡିଜାଇନ୍

ଫୁଲ ଡିଜାଇନର ମଙ୍ଗଳସୂତ୍ର ପିନ୍ଧିପାରିବେ। ଏହା ହାତକୁ ଖୁବ୍ ସୁନ୍ଦର ମାନିଥାଏ। ଏହା ଷ୍ଟାଇଲିଶ୍ ଦେଖାଯିବା ସହ କାର୍ଯ୍ୟ କରିବାରେ ସୁବିଧା ହୋଇଥାଏ।

### ପେଣ୍ଡେଣ୍ଟ ଡିଜାଇନ୍

ସେହିପରି ଚାହିଁଲେ, ପେଣ୍ଡେଣ୍ଟ ଡିଜାଇନ୍‌ର ମଙ୍ଗଳସୂତ୍ର ପିନ୍ଧିପାରିବେ। ଏଥିପାଇଁ ବେକ ମଙ୍ଗଳସୂତ୍ରରୁ ଲକେଟ୍ କାଢ଼ି କଳାମାଳିରେ ଗୁନ୍ଥି ହାତରେ ପିନ୍ଧିପାରିବେ।

### ଲିଫ୍ ଡିଜାଇନ୍


ଏହି ବ୍ରେସ୍‌ଲେଟ୍ ବେଶ୍ ସୁନ୍ଦର ହୋଇଥାଏ। ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ।



# କାନଫୋଡ଼ାଇବା ପରବର୍ତ୍ତୀ ଯତ୍ନ

**ଅଧିକାଂଶ ମହିଳା ଶୀତଦିନେ କାନ ଫୋଡ଼ାଇଥାନ୍ତି। କାରଣ ଏ ଦିନେ କାନ ଶୀଘ୍ର ଶୁଖିଯାଏ। କିନ୍ତୁ ଏବେ ମହିଳାମାନେ ଟ୍ରେଣ୍ଡ ଅନୁଯାୟୀ କାନ ଫୋଡ଼ାଉଛନ୍ତି। ଫଳରେ ଏହାଦ୍ୱାରା କାନ ସଂକ୍ରମଣ ହୋଇଥାଏ। ତେଣୁ କାନ ଫୋଡ଼ାଇବାର ପରବର୍ତ୍ତୀ ଯତ୍ନ କିପରି ନେବେ ଜାଣିବା ସେ ବିଷୟରେ...**

- ଉପର କାନ ଫୋଡ଼ାଉଥିଲେ, ଏହା ସଂକ୍ରମଣ ହେବାର ବେଶୀ ଆଶଙ୍କା ଥାଏ। ତେଣୁ କାନକୁ ସର୍ବଦା ସଫା ରଖିବା ଜରୁରୀ।
- ଏଥିସହ ଉଷୁମ ପାଣିରେ ତୁଳା ବୁଡ଼ାଇ କାନଫୋଡ଼ାଇ ଥିବା ସ୍ଥାନକୁ ସଫା କରନ୍ତୁ। ଏହାଦ୍ୱାରା କାନ ପାଚେ ନାହିଁ।
- ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ, କାନରେ କ୍ରିମ୍ ବା ତେଲ ଲଗାଇପାରିବେ। ଏହା କାନଦରଜ ଦୂର କରିଥାଏ।
- ସେହିପରି କାନ ଶୁଖିଗଲେ ସଙ୍ଗେ ସଙ୍ଗେ କିଣା କାନଫୁଲ କାଢ଼ି ସୁନା କିମ୍ବା ରୂପା କାନ ଫୁଲ ଲଗାଇବା ଭଲ। ଏହା କାନକୁ ପାଚିବାକୁ ଦିଏନି।
- ସେହିପରି ଭାରି କାନଫୁଲ ବଦଳରେ ହାଲୁକା ଟପ୍ସ ଲଗାଇପାରିବେ।
- ବିଭିନ୍ନ ଡିଜାଇନର ଛୋଟ କାନଫୁଲ ପିନ୍ଧିପାରିବେ।



ମୋ ହାଣ୍ଡିଶାଳରୁ...

# ମଶରୁମ୍ ମସାଲା



### ଆବଶ୍ୟକ ସାମଗ୍ରୀ

ମଶରୁମ୍ – ୫୦୦ ଗ୍ରାମ୍, କଟା
ପିଆଜ – ଏକ କପ୍, କଞ୍ଚା ଲଙ୍କା- ତିନୋଟି,
ଜିରା – ଏକ ଚାମଚ, ଗୋଟା ଧନିଆ – ଏକ ଚାମଚ, ପାହମଧୁରୀ- ଏକ ଚାମଚ, ଗୋଲମରିଚ – ଚାରିଗୋଟି, ଅଦା ରସୁଣ ପେଷ୍ଟ – ଏକ ଚାମଚ, ଶୁଖିଲା ଲଙ୍କା – ତିନୋଟି, ହଳଦୀଗୁଣ୍ଡ - ଏକ ଚାମଚ, ଭୃସଙ୍ଗ ପତ୍ର – ଅଳ୍ପ, ଲୁଣ –ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗ୍ୟାସ୍ ଲଗାଇ କଡ଼େଇ ବସାନ୍ତୁ। ସେଥିରେ ଜିରା, ଧନିଆ, ରାଶି, ଜାଇଫଳ, ଗୋଲମରିଚ, ଲବଙ୍ଗ, ପକାଇ ଧିମା ଆଞ୍ଚରେ ଭାଜନ୍ତୁ। ଥଣ୍ଡା ହୋଇଗଲେ ଏହାକୁ ଏକ ଜାର୍‌ରେ ଦେଇ ଗ୍ରାଇଣ୍ଡିଂ କରନ୍ତୁ। ଏହାପରେ ମଶରୁମ୍‌କୁ ମଝିରୁ ଦୁଇଫାଳ କରି ଭଲରେ ଧୋଇ ଦିଅନ୍ତୁ। ଏଥିରେ ଅଳ୍ପ ଲେମ୍ବୁରସ, ଲୁଣ, ଅଦାରସୁଣ ପେଷ୍ଟ ଓ ହଳଦୀଗୁଣ୍ଡ ଦେଇ ୨୦ ମିନିଟ୍ ଗୋଳାଇ ରଖନ୍ତୁ। ଏହାପରେ କଡ଼େଇ ବସାଇ ତେଲ ଦିଅନ୍ତୁ। ସେଥିରେ କଟାପିଆଜ ଦେଇ ହାଲୁକା ନାଲି ହେବା ଯାଏ ଭାଜନ୍ତୁ। ଏହାପରେ ମ୍ୟାରିନେଡ୍ କରି ରଖିଥିବା ମଶରୁମ୍‌କୁ ଦେଇ ଏପାଖସେପାଖ କରନ୍ତୁ। ସେଥିରେ କଞ୍ଚାଲଙ୍କା, ଭୃସଙ୍ଗପତ୍ର ସହ ମସଲାଗୁଣ୍ଡ ଦେଇ ଭାଜି ଦିଅନ୍ତୁ। ଦୁଇ ତିନି ମିନିଟ୍ ଭାଜି ହୋଇଗଲେ , ଧନିଆ ପତ୍ର ପକାଇ ପରଷନ୍ତୁ ମଶରୁମ୍ ମସାଲା।

# ବିବାହ ଲେହେଙ୍ଗା କିଣୁଥିଲେ



### ବଜେଟ୍

ଲେହେଙ୍ଗା କିଣିବାକୁ ଯିବାପୂର୍ବରୁ ପ୍ରଥମେ ନିଜର ବଜେଟ୍ ପ୍ରସ୍ତୁତ କରନ୍ତୁ। ବଜେଟ୍ ଅନୁସାରେ ପସନ୍ଦ ମୁତାବକ ଜିନିଷ କିଣିପାରିବେ। ଏଥିସହ ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ।

### ଟ୍ରେଣ୍ଡ

ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଲାଟେଷ୍ଟ ଡିଜାଇନ୍ ଦେଖନ୍ତୁ। ଏହାଦ୍ୱାରା ଆପଣଙ୍କୁ କେଉଁ ରଙ୍ଗର ଲେହେଙ୍ଗା ପସନ୍ଦ ସେ ବିଷୟରେ ସମ୍ୟକ୍ ଧାରଣା ମିଳିଥାଏ।

### ରଙ୍ଗ ଚୟନ

ନିଜ ତ୍ୱଚା ରଙ୍ଗ ଅନୁସାରେ ଲେହେଙ୍ଗା ଚୟନ କରନ୍ତୁ। ଲାଲ, ଖଇରିଆ ଓ ଗୋଲପୀ ଭଳି ପାରମ୍ପରିକ ରଙ୍ଗ ବ୍ୟତୀତ ପେଷ୍ଟାଲ୍ ଓ ଅନ୍ୟ ଉଜ୍ଜ୍ୱଳ ରଙ୍ଗ ବାଛିପାରିବେ।

### ଋତୁ ଅନୁଯାୟୀ ଫ୍ୟାବ୍ରିକ୍

ବିବାହଋତୁକୁ ଧ୍ୟାନରେ ରଖି କପଡ଼ା ଚୟନ କରନ୍ତୁ। ଗରମ ଦିନେ ଜର୍ଜେଟ୍ ତଥା ନେଟ୍ ଲେହେଙ୍ଗା ଭଲ ହୋଇଥିବାବେଳେ, ଶୀତଦିନେ ଭେଲଭେଟ୍ ଲେହେଙ୍ଗା ଭଲ ହୋଇଥାଏ।

### ଶରୀର ଅନୁଯାୟୀ କିଣନ୍ତୁ ଲେହେଙ୍ଗା

ଉଚ୍ଚତା ଓ ଶାରୀରିକ ଗଠନ ଅନୁସାରେ ଲେହେଙ୍ଗା ଚୟନ କରନ୍ତୁ। ଡେଙ୍ଗା ଯୁବତୀଙ୍କୁ ଓଜନିଆ ଲେହେଙ୍ଗା ଭଲ ମାନିଥାଏ। ସେହିପରି କମ୍ ଉଚ୍ଚତା ଯୁବତୀଙ୍କୁ ହାଲୁକା କାମ ଥିବା ଲେହେଙ୍ଗା ସୁନ୍ଦର ଦେଖାଯାଏ।

# ଘରୋଇ ଟିପ୍ସ

**ୱାସ୍ ବେସିନ୍‌ରୁ ଲଗାତାର ପାଣି ଝରିଲେ, ସେଥିରେ କ୍ୟାଲ୍‌ସିୟମ୍ ପରସ୍ତ ଜମିଯାଏ। ଅନେକ ସମୟରେ ସାବୁନ ଓ ଟୁଥ୍‌ପେଷ୍ଟ ଲାଗି ମଧ୍ୟ ବେସିନ୍ ହଳଦିଆ ହୋଇଯାଏ। ଫଳରେ ଏହା ଖୁବ୍ ଅପରିଷ୍କାର ଦେଖାଯାଏ। ତେଣୁ ସହଜ ଉପାୟ ଆପଣାଇ କିପରି ବେସିନ୍ ସଫା କରିବେ। ଜାଣି ରଖନ୍ତୁ ।**

- ବେସିନ୍ ସଫା ପାଇଁ ଦୁଇଟି ଲେମ୍ବୁ, ଏକ ଚାମଚ ବେକିଂ ସୋଡ଼ା, ଓ ଏକକପ୍ ଉଷୁମ ପାଣି ନିଅନ୍ତୁ। ପ୍ରଥମେ ଲେମ୍ବୁରୁ ରସ କାଢ଼ି ସେଥିରେ ବେକିଂସୋଡ଼ା ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ୱାସବେସିନ୍‌ର ହଳଦିଆ ଓ ଅପରିଷ୍କାର ସ୍ଥାନରେ ଲଗାଇ ଦଶରୁ ପନ୍ଦର ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ନଖଉଷୁମ ପାଣିରେ ଧୋଇ ଏହାକୁ ସଫା କରନ୍ତୁ। ବେସିନ୍ ନୂଆ ଭଳି ଚକ୍ ଚକ୍ ହୋଇଯିବ।
- ଲେମ୍ବୁରେ ଥିବା ଏସିଡ୍ ଅପରିଷ୍କାର ଓ ଦାଗକୁ ଦୂର କରିଥାଏ। ଏହା ବେସିନ୍‌କୁ ନୂଆ ଭଳି ସଫା କରିଥାଏ। ବେକିଂସୋଡ଼ା ଦାଗକୁ ନ ଘଷି ସହଜରେ ସଫା କରିଥାଏ।



## ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ହ୍ୟାଟ୍ରିକ୍ ବିଜୟ ଲକ୍ଷ୍ୟରେ ଭାରତ

ବିଶାଖାପାଟନମ୍, ୮ ।୧୦ (ଏଜେନ୍ସି):

ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ଆୟୋଜକ ଭାରତ ଏହାର ୩ୟ ମୁକାବିଲାରେ ଗୁରୁବାର ଦକ୍ଷିଣ ଆଫ୍ରିକାକୁ ଭେଟିବ। ବିଶାଖାପାଟନମର ୱାଇଏସ୍ ରାଜଶେଖର ଷ୍ଟାଡିୟମରେ ଅପରାହ୍ଣ ୩ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ। ଏହି ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତୀୟ ମହିଳା ଦଳ ହ୍ୟାଟ୍ରିକ ବିଜୟ ଲକ୍ଷ୍ୟରେ ରହିଛି। ହରମନପ୍ରୀତ୍ କୌରଙ୍କ ଦଳ ବିଶ୍ୱକପ୍‌ର ପ୍ରଥମ ମ୍ୟାଚରେ ୫୯ ରନରେ ଶ୍ରୀଲଙ୍କାକୁ ଏବଂ ଦ୍ୱିତୀୟ ମୁକାବିଲାରେ ୮୮ ରନରେ ପାକିସ୍ତାନକୁ ମାତ୍ ଦେଇଥିଲେ। ୪ ପଏଣ୍ଟ ସହ ଭାରତୀୟ ଦଳ ବର୍ତ୍ତମାନ ପଏଣ୍ଟ ଟେବଲରେ ୩ୟ ସ୍ଥାନରେ ରହିଛି। ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ୨ଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୨ ପଏଣ୍ଟ ପାଇଛି। ଦକ୍ଷିଣ ଆଫ୍ରିକା ପ୍ରଥମ ମ୍ୟାଚରେ ୧୦ ୱିକେଟ୍‌ରେ ଇଂଲଣ୍ଡ ନିକଟରୁ ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲା। ତେବେ ପରବର୍ତ୍ତୀ ମ୍ୟାଚରେ ୬ ୱିକେଟ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ ପଏଣ୍ଟ ଖାତା ଖୋଲିଥିଲା। ତେଣୁ ଆଫ୍ରିକା ମହିଳା ଦଳ ମଧ୍ୟ ବିଜୟକୁ ବଜାୟ ରଖିବା ଲକ୍ଷ୍ୟରେ ରହିଛି।





**ଆଜିର ମ୍ୟାଚ୍**
**ଭାରତ - ଦ. ଆଫ୍ରିକା**
**ଆରମ୍ଭ : ଅପରାହ୍ଣ ୩ଟା**
**ସ୍ଥାନ : ବିଶାଖାପାଟଣମ୍**

### ମନ୍ଧାନାଙ୍କ ଫର୍ମକୁ ନେଇ ଚିନ୍ତା

ଘରୋଇ ଭାରତୀୟ ଦଳର ପ୍ରମୁଖ ବ୍ୟାଟର୍ ସ୍ମୃତି ମନ୍ଧାନାଙ୍କ ଫର୍ମକୁ ନେଇ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତାରେ ରହିଛି। ମନ୍ଧାନା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ମ୍ୟାଚରେ ମାତ୍ର ୮ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ପାକିସ୍ତାନ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ସେ ମାତ୍ର ୨୩ ରନ କରିବାକୁ ସମର୍ଥ ହୋଇଥିଲେ। ତେଣୁ ଦକ୍ଷିଣ ଆଫ୍ରିକା ଭଳି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ମ୍ୟାନେଜମେଣ୍ଟ ତାଙ୍କ ନିକଟରୁ ବଡ଼ ସ୍କୋର ଆଶାରେ ରହିଛି। ମନ୍ଧାନାଙ୍କ ସହ ଅଧିନାୟିକା ହରମନପ୍ରୀତ୍ ମଧ୍ୟ ଆଖିଦୃଶିଆ ପାଳି ବର୍ତ୍ତମାନ ସୁଦ୍ଧା ଖେଳିପାରି ନାହାନ୍ତି। ପ୍ରଥମ ଦୁଇଟି ମ୍ୟାଚରେ କୌର ମାତ୍ର ୪୦ ରନ କରି ନିରାଶ କରିଛନ୍ତି। ତେବେ ଦୀପ୍ତି ଶର୍ମା ଓ ସ୍ନେହ ରାଣାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ପ୍ରଥମ ଦୁଇଟି ମ୍ୟାଚରେ ବେଶ୍ ଉଲ୍ଲେଖନୀୟ ରହିଥିଲା। ସେହଭଳି ହର୍ଲିନ ଦେଓଲ୍‌ଙ୍କ ବ୍ୟାଟିଂ ମଧ୍ୟ ପ୍ରଶଂସନୀୟ ରହିଛି।

### ଭାରତ-୨୧; ଦ.ଆଫ୍ରିକା- ୧୨

ରେକର୍ଡ ଉପରେ ନଜର ପକାଇଲେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତର ପଲା ବେଶ୍ ଭାରି ରହିଛି। ମହିଳା ଦିନିକିଆ କ୍ରିକେଟ୍‌ରେ ଉଭୟ ଦଳ ପରସ୍ପର ୩୪ଟି ମ୍ୟାଚରେ ସାମ୍ନାସାମ୍ନି ହୋଇଛନ୍ତି। ଏଥିରେ ଭାରତ ୨୧ ମ୍ୟାଚ୍ ଓ ଦକ୍ଷିଣ ଆଫ୍ରିକା ୧୨ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚର ଫଳାଫଳ ବାହାରିନାହିଁ।

## ମୁନୀଙ୍କ ଶତକରେ ଅଷ୍ଟ୍ରେଲିଆ ବିଜୟୀ

କଲମ୍ବୋ, ୮ ।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ପାକିସ୍ତାନ ଦଳ ହ୍ୟାଟ୍ରିକ ପରାଜୟବରଣ କରିଛି। ବୁଧବାର ଅନୁଷ୍ଠିତ ବିଶ୍ୱକପ୍‌ର ୯ମ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ୧୦୭ ରନର ବୃହତ୍ ବ୍ୟବଧାନରେ ପାକିସ୍ତାନକୁ ମାତ୍ ଦେଇଛି। ବେଥ୍ ମୁନୀ ଏହି ମ୍ୟାଚରେ ଦମ୍‌ଦାର ଶତକୀୟ ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏଥିସହ ଅଷ୍ଟ୍ରେଲିଆ ୩ ମ୍ୟାଚରୁ ୨ ବିଜୟ ଓ ଗୋଟିଏ ବାତିଲ ସହ ୫ ପଏଣ୍ଟ ପାଇ ଟେବଲ୍‌ର ଶୀର୍ଷ ସ୍ଥାନକୁ ଉଠିଛି। ପୂର୍ବରୁ ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚରେ ୮୯ ରନରେ ନ୍ୟୁଜିଲାଣ୍ଡକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ଶ୍ରୀଲଙ୍କା ବିପକ୍ଷ ୨ୟ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା।

ସ୍ଥାନୀୟ ଆର୍ ପ୍ରେମଦାସ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୭୬ ରନରେ ୭ଟି ଏବଂ ୧୧୫ ରନରେ ୮ଟି ୱିକେଟ୍ ହରାଇଥିଲା। ଏପରିକି ଦଳ ଦେଢ଼ଶ ରନ ଅତିକ୍ରମ କରିବା ନେଇ ସନ୍ଦେହରେ ରହିଥିଲା। ତେବେ ମଧ୍ୟକ୍ରମରେ ବେଥ୍ ମୁନୀ ତାଙ୍କ ଅଭିଜ୍ଞତାର ପରିଚୟ ଦେଇ ଦମ୍‌ଦାର ଶତକୀୟ ପାଳି ଖେଳିବା ସହ ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିଥିଲେ। ସେ ୧୧ ଚୌକା ବଳରେ ୧୧୪ ବଲରୁ ୧୦୯ ରନ କରି ଇନିଂସର ଶେଷ ବଲରେ ଆଉଟ୍ ହୋଇଥିଲେ। ଦିନିକିଆରେ ଏହା ତାଙ୍କର ୪ର୍ଥ ଶତକ ଥିଲା। ଫଳରେ ଅଷ୍ଟ୍ରେଲିଆ ୯ ୱିକେଟ୍‌ରେ ୨୨୧ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ଅଷ୍ଟ୍ରେଲିଆ ଇନିଂସର ୧୦ମ ସ୍ଥାନରେ ଆସିଥିବା ଲେଗ୍-ସ୍ପିନର ଆଲାନ କିଙ୍ଗ୍ ମଧ୍ୟ ୪୯ ବଲରେ ଅପରାଜିତ ୫୧ ରନ କରି ମୁନୀଙ୍କୁ ସହାୟତା କରିଥିଲେ। ଉଭୟଙ୍କ ମଧ୍ୟରେ ୯ ୱିକେଟ୍‌ରେ ୧୦୬ ରନର ମହତ୍ତ୍ୱପୂର୍ଣ୍ଣ ଭାଗୀଦାରି ହୋଇଥିଲା। ବୋଲିଂରେ ପାକିସ୍ତାନର ନାଶରା ସାନ୍ଧୁ ୩ ଏବଂ ଅଧିନାୟିକା ସାନା ଓ ରମୀନ ସମୀମ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ପାକିସ୍ତାନ ଦୟନୀୟ ପ୍ରଦର୍ଶନ କରି ୩୬.୩ ଓଭରରେ ୧୧୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସିଦ୍ରା ଅମିନ ୩୫ ରନ କରିଥିଲେ। ଅଷ୍ଟ୍ରେଲିଆର କିମ୍ ଗାର୍ଥ ସର୍ବାଧିକ ୩ଟି ଏବଂ ମେଗନା ସ୍କଟ୍ ଓ ଆନ୍ନାବେଲ୍ ସଦରଲାଣ୍ଡ ୨ଟି ଲେଖାଏ ୱିକେଟ ନେଇଥିଲେ।




ବେଥ୍ ମୁନୀ
ରନ - ୧୦୯
ବଲ୍ - ୧୧୪
ଚୌକା - ୧୧

**ପାକିସ୍ତାନର ହ୍ୟାଟ୍ରିକ ପରାଜୟ**

## ବୟୋଜ୍ୟେଷ୍ଠ ଜୀବିତ ଟେଷ୍ଟ କ୍ରିକେଟର୍

# ୯୭ ବର୍ଷରେ ପାଦ ଥାପିଲେ ନେଲ୍ ହାର୍ଭେ

ସିଡ୍‌ନୀ, ୮ ।୧୦ (ଏଜେନ୍ସି): ଅଷ୍ଟ୍ରେଲିଆର ମହାନ କ୍ରିକେଟର୍ ନେଲ୍ ହାର୍ଭେ ବୁଧବାର ୯୭ ବର୍ଷ ବୟସରେ ପାଦ ଥାପିଛନ୍ତି। ବିଶ୍ୱରେ ଜୀବିତ ଥିବା ବୟୋଜ୍ୟେଷ୍ଠ ଟେଷ୍ଟ କ୍ରିକେଟର୍ ଭାବେ ସେ ବିବେଚିତ ହେଉଛନ୍ତି। ସେହିଭଳି ଅଷ୍ଟ୍ରେଲୀୟ କ୍ରିକେଟର ଭାବେ ସର୍ବାଧିକ ବର୍ଷ ବଞ୍ଚିବାର ରେକର୍ଡ ମଧ୍ୟ ନେଲ୍‌ଙ୍କ ନାମରେ ରହିଛି। ଏଥିସହ କିମ୍ବଦନ୍ତୀ ବ୍ୟାଟର୍ ଡନ୍ ବ୍ରାଡ୍‌ମ୍ୟାନଙ୍କ ନେତୃତ୍ୱରେ ଖେଳିଥିବା ଶେଷ ଅଷ୍ଟ୍ରେଲୀୟ ହେଉଛନ୍ତି ହାର୍ଭେ। ୧୯୪୮ରେ ବ୍ରାଡ୍‌ମ୍ୟାନଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଦଳ ଇଂଲଣ୍ଡ ଗସ୍ତ କରିଥିବାବେଳେ ହାର୍ଭେ ଏହି ଦଳର ସଦସ୍ୟ ରହିଥିଲେ। ଭିକ୍ଟୋରିଆ ଜନ୍ମିତ ବାମହାତୀ ବ୍ୟାଟର୍ ହାର୍ଭେ ୧୯୪୮ରୁ ୧୯୬୩ ମଧ୍ୟରେ ଅଷ୍ଟ୍ରେଲିଆ ପାଇଁ ୭୯ଟି ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଏଥିରେ ସେ ୪୮.୪୧ ହାରରେ ୬,୧୪୯ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୨୧ ଶତକ ଓ ୨୪ଟି ଅର୍ଦ୍ଧଶତକ ସାମିଲ ରହିଛି। ସେହିଭଳି ୩୦୬ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା ହାର୍ଭେ ୬୭ ଶତକ ଓ ୯୪ ଅର୍ଦ୍ଧଶତକ ସହ ୨୧ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ୧୯୫୨-୫୩ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ହାର୍ଭେ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରି ୯ଟି ଇନିଂସରୁ ୮୩୪ ରନ କରିଥିଲେ। ସେହିଭଳି ୧୯୪୯-୫୦ ସିଜନରେ ଦକ୍ଷିଣ ଆଫ୍ରିକା ଗସ୍ତରେ ହାର୍ଭେ ୫ଟି ଟେଷ୍ଟ ମ୍ୟାଚରେ ୪ଟି ଶତକ ସହ ୬୬୦ ରନ ସଂଗ୍ରହ କରିଥିଲେ। ହାର୍ଭେ ତାଙ୍କର ପ୍ରଥମ ୧୩ଟି ଟେଷ୍ଟରେ ୬ଟି ଶତକ ମାରି ବେଶ୍ ଚର୍ଚ୍ଚାରେ ରହିଥିଲେ। ଅବସର ପରେ ସେ ଅଷ୍ଟ୍ରେଲିଆ ଜାତୀୟ ଦଳର ଚୟନକର୍ତ୍ତା ଭାବେ ୧୨ ବର୍ଷ ଦାୟିତ୍ୱ ତୁଲାଇଥିଲେ।



## ହେଡ୍-କମିନ୍ସଙ୍କ ଦେଶପ୍ରୀତି | ୫୮ କୋଟିର ଅଫର୍‌କୁ ପ୍ରତ୍ୟାଖାନ

ନୂଆଦିଲ୍ଲୀ, ୮ ।୧୦ (ଏଜେନ୍ସି): ବର୍ତ୍ତମାନ ବିଶ୍ୱରେ ଟି-୨୦ କ୍ରିକେଟ୍‌ର ରାଜୁତି ଚାଲିଛି। ବିଭିନ୍ନ ଦେଶରେ ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍ ବର୍ଷସାରା ଆୟୋଜିତ ହେଉଛି। ଯେଉଁଥିରେ ବିଭିନ୍ନ ଦେଶର ତାରକା କ୍ରିକେଟର୍‌ମାନେ ଅଂଶଗ୍ରହଣ କରି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ଏପରିକି ୱେଷ୍ଟଇଣ୍ଡିଜ ଭଳି ଦେଶର ଖେଳାଳିମାନେ ଜାତୀୟ ଦଳକୁ ଅଣଦେଖା କରି ଲିଗ୍ କ୍ରିକେଟ୍ ଖେଳିବାକୁ ଅଧିକ ପସନ୍ଦ କରୁଛନ୍ତି। କିନ୍ତୁ ଏହାରି ଭିତରେ ବ୍ୟତିକ୍ରମ ଖବର ଏବେ ସାମ୍ନାକୁ ଆସିଛି। ବର୍ଷକୁ ୫୮ କୋଟି ଟଙ୍କାର ଆୟ କରିବାର ଅଫର୍ ଦିଆଯାଇଥିଲେ ମଧ୍ୟ ଅଷ୍ଟ୍ରେଲିଆର ଦୁଇ ତାରକା ଖେଳାଳି ଅଧିନାୟକ ପ୍ୟାଟ୍ କମିନ୍ସ ଓ ଟ୍ରାଭିସ ହେଡ୍ ଏହାକୁ ପ୍ରତ୍ୟାଖାନ କରିଛନ୍ତି। ରିପୋର୍ଟ ମୁତାବକ, ଆଇପିଏଲ୍‌ର ଏକ ଫ୍ରାଞ୍ଚାଇଜ କମିନ୍ସ ଓ ହେଡ୍‌ଙ୍କୁ ଏକ ଅଜବ ସର୍ତ୍ତ ରଖିଥିଲା। ଉଭୟ ଅଷ୍ଟ୍ରେଲିଆ କ୍ରିକେଟ ଦଳରୁ ଅବସର ନେଇ ବର୍ଷ ସାରା ଏହି ଫ୍ରାଞ୍ଚାଇଜ ଲାଗି ବିଭିନ୍ନ ଦେଶରେ ଲିଗ୍ କ୍ରିକେଟ୍ ଖେଳିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏଥିଲାଗି ହେଡ୍ ଓ କମିନ୍ସଙ୍କୁ ବର୍ଷକୁ ପାଖାପାଖି ୫୮ କୋଟି ଟଙ୍କା ଲେଖାଏଁ ମିଳିଥାନ୍ତା। କିନ୍ତୁ ଉଭୟ ହେଡ୍ ଓ କମିନ୍ସ ଆଗ ଦେଶ ନ୍ୟାୟରେ ଜାତୀୟ ଦଳ ପ୍ରତି ତାଙ୍କ ପ୍ରତିବଦ୍ଧତା ଦେଖାଇ ବିନମ୍ରତାର ସହ ଏଭଳି ଲୋଭନୀୟ ଅଫର୍‌କୁ ମନା କରିଦେଇଥିବା ଜଣାପଡ଼ିଛି। ଯାହାକୁ ନେଇ ଏବେ ଉଭୟଙ୍କୁ ବେଶ୍ ପ୍ରଶଂସା କରାଯାଉଛି। ଉଲ୍ଲେଖଯୋଗ୍ୟ, କମିନ୍ସ ଓ ହେଡ୍ ବର୍ତ୍ତମାନ ଆଇପିଏଲ୍‌ରେ ସନରାଇଜର୍ସ ହାଇଦରାବାଦ୍ ଟିମ୍ ପକ୍ଷରୁ ଖେଳୁଛନ୍ତି। କମିନ୍ସ ଓ ହେଡ୍ ସନରାଇଜର୍ସ ଫ୍ରାଞ୍ଚାଇଜ ନିକଟରୁ ବର୍ଷକୁ ଯଥାକ୍ରମେ ୧୮ କୋଟି ଓ ୧୪ କୋଟି ଟଙ୍କା ପାଉଛନ୍ତି। କମିନ୍ସ ମଧ୍ୟ ଅଷ୍ଟ୍ରେଲିଆ ପକ୍ଷରୁ ଖେଳି କେନ୍ଦ୍ରୀୟ ଚୁକ୍ତି, ନେତୃତ୍ୱ ଓ ମ୍ୟାଚ୍ ପାଉଣା ବାବଦକୁ ବର୍ଷକୁ ପାଖାପାଖି ୧୮ କୋଟି ଟଙ୍କା ଆୟ କରୁଛନ୍ତି।

## ଗମ୍ଭୀରଙ୍କ ଡିନର ପାର୍ଟିରେ ୭୦ ପ୍ରକାର ଖାଦ୍ୟ

ନୂଆଦିଲ୍ଲୀ, ୮ ।୧୦ (ଏଜେନ୍ସି): ଘରୋଇ ଭାରତ ଓ ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳ ମଧ୍ୟରେ ଅନ୍ତିମ ତଥା ୨ୟ ଟେଷ୍ଟ ମ୍ୟାଚ୍ ଶୁକ୍ରବାରଠାରୁ ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଆରମ୍ଭ ହେବ। ପୂର୍ବରୁ ପ୍ରଥମ ଟେଷ୍ଟକୁ ଏକ ଇନିଂସ ଓ ୧୪୦ ରନରେ ଜିତିଥିବା ଶୁଭମନ ଗିଲ୍ ବାହିନୀ ଏବେ ଦିଲ୍ଲୀରେ ଜୋର୍‌ଦାର ଅଭ୍ୟାସ ଜାରି ରଖିଛି। ଏହି ଅବସରରେ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ବୁଧବାର ରାତିରେ ଟିମ୍ ଇଣ୍ଡିଆ ପାଇଁ ଏକ ରାତ୍ରିଭୋଜନର ଆୟୋଜନ କରିଥିଲେ। ଯେହେତୁ ଗମ୍ଭୀର ଦିଲ୍ଲୀର ବାସିନ୍ଦା ତେଣୁ ତାଙ୍କ ବାସଭବନରେ ଆୟୋଜକ କରିଥିବା ଏହି ଡିନର ପାର୍ଟିରେ ଭାରତୀୟ ଦଳର ସମସ୍ତ ଖେଳାଳିଙ୍କୁ ନିମନ୍ତ୍ରଣ କରିଥିଲେ। ଗମ୍ଭୀରଙ୍କ ନିମନ୍ତ୍ରଣକୁ ରକ୍ଷା କରି ଅଧିନାୟକ ଗିଲ୍‌ଙ୍କ ସମେତ ଲୋକେଶ ରାହୁଲ, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, ଅକ୍ଷର ପଟେଲ, କୁଲଦୀପ୍ ଯାଦବ ପ୍ରମୁଖ ଏକ ବସ୍ ଯୋଗେ ଗମ୍ଭୀରଙ୍କ ବାସଭବନରେ ପହଞ୍ଚି ରାତ୍ରୀଭୋଜନରେ ଯୋଗ ଦେଇଥିଲେ। ଭାରତୀୟ ଟିମ୍‌ର ସମସ୍ତ ସପୋର୍ଟିଂ ଷ୍ଟାଫ୍ ମଧ୍ୟ ଉପସ୍ଥିତ ରହିଥିଲେ। ଏହି ଡିନର ପାର୍ଟିରେ ୭୦ ପ୍ରକାର ଖାଦ୍ୟ ଓ ୧୦ ପ୍ରକାର ମିଠା ଟିମ୍ ଇଣ୍ଡିଆ ପାଇଁ ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି।

## ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟ୍‌ବଲ ୧୪ରୁ

ଭୁବନେଶ୍ୱର, ୮ ।୧୦ (ସମିସ): ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ଖେଳାଳି ସଂଘ ଆନୁକୂଲ୍ୟରେ ଆସନ୍ତା ୧୪ରୁ ତୃତୀୟ ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ 'ୟୁନିଲାଇଟ୍ କପ୍' ଆରମ୍ଭ ହେବ। ନକ୍‌ଆଉଟ୍‌ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାର ୯ ଗୋଟି ଦଳ ଅଂଶଗ୍ରହଣ କରିବେ। ଟୁର୍ଣ୍ଣାମେଣ୍ଟରେ ଗୋଟିଏ ପ୍ରି-କ୍ୱାର୍ଟର ମ୍ୟାଚ୍ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ୟୁନିଟ-୧ ଫୁଟ୍‌ବଲ ଏକାଡେମୀ ଗ୍ରାଉଣ୍ଡରେ ଖେଳାଯିବ। ସେହିଭଳି ଅକ୍ଟୋବର ୨୩ରେ ଫ୍ଲଡଲାଇଟ୍‌ରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ବୁଧବାର ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ସଂଘର ସଭାପତି ନବରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଯଥାକ୍ରମେ ୧୫ ହଜାର ଓ ୧୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଏହାବାଦ୍ ତୃତୀୟ ଓ ୪ର୍ଥ ସ୍ଥାନରେ ରହିଥିବା ଦଳ ମଧ୍ୟ ଯଥାକ୍ରମେ ୭ ହଜାର ଓ ୫ ହଜାର ଟଙ୍କା ପାଇବେ। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଚୟନ କରାଯାଇ ପରେ ସେମାନଙ୍କୁ ଟାଟା ଫୁଟ୍‌ବଲ୍ ଏକାଡେମୀରେ ଏକ ମାସ ଧରି ପ୍ରଶିକ୍ଷଣ ଦିଆଯିବ ବୋଲି ସମ୍ପାଦକ ପ୍ରଫୁଲ୍ଲ ମିଶ୍ର ସୂଚନା ଦେଇଛନ୍ତି। ସେହିଭଳି ଟୁର୍ଣ୍ଣାମେଣ୍ଟ ମଝିରେ ବିଡ଼ାନାସୀ, ରେଭେନ୍‌ସା, ଜାଗମରା ଓ ଓଡ଼ିଶା ପୋଲିସ ଦଳକୁ ନେଇ ଭେଟେରାନ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦେବବ୍ରତ ମହାନ୍ତି, ଉପସଭାପତି ପ୍ରଦୀପ କୁମାର ବଳିୟାରସିଂ, ବିରଞ୍ଚି ନାରାୟଣ ମହାନ୍ତି, ଚିନ୍ମୟ ଦାସ, ଶ୍ରୀମନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।




## ଭାରତୀୟ ୟୁଥ୍ ଦଳର ସିରିଜ କ୍ଲିନସୁଇପ୍

ମାକୟ, ୮ ।୧୦ (ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ବାଳକ ଦଳ ବିପକ୍ଷରେ ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ଦ୍ୱିତୀୟ ୟୁଥ୍ ଟେଷ୍ଟ ମ୍ୟାଚକୁ ଭାରତ ୭ ୱିକେଟ୍‌ରେ ସହଜରେ ଜିତିନେଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ଏକ ଇନିଂସ ଓ ୫୮ ରନରେ ଜିତିଥିବା ଭାରତ ଏଥିସହ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିନେଇଛି। ଦ୍ୱିତୀୟ ୟୁଥ୍ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ମାତ୍ର ୧୩୫ ଓ ଭାରତୀୟ ୟୁଥ୍ ଦଳ ୧୭୧ ରନ କରିଥିଲା। ୩୬ ରନରେ ପଛୁଆ ରହିଥିବା ଅଷ୍ଟ୍ରେଲିଆ ପୁଣିଥରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦ୍ୱିତୀୟ ପାଳିରେ ୧୧୬ ରନରେ ସମସ୍ତ ୱିକେଟ୍ ହରାଇଥିଲା। ଫଳରେ ଭାରତ ସମ୍ମୁଖରେ ମାତ୍ର ୮୧ ରନ ଟାର୍ଗେଟ୍ ରହିଥିଲା। ଭାରତ ୧୨.୨ ଓଭରରେ ୩ ୱିକେଟ୍ ହରାଇ ବିଜୟୀ ହୋଇଥିଲା।

## ଆନ୍ତଃଜିଲ୍ଲା ଅସିଚାଳନା ଉଦ୍‌ଘାଟିତ



କଟକ, ୮ ।୧୦(ସମିସ): ଓଡ଼ିଶା ଅସିଚାଳନା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଜବହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଚତୁର୍ଥ ରାଜ୍ୟ ଆନ୍ତଃଜିଲ୍ଲା ଅସିଚାଳନା ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୧୦ଟି ଜିଲ୍ଲାରୁ ୩୦୦ରୁ ଅଧିକ ଖେଳାଳି ଭାଗ ନେଇଛନ୍ତି। ଓଡ଼ିଶା ବାର କାଉନସିଲର ପୂର୍ବତନ ସଭାପତି ବିଜୟ ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ବଲାଙ୍ଗିର ଦଳ ଦମ୍‌ଦାର ପ୍ରଦର୍ଶନ କରି ୩ଟି ସ୍ୱର୍ଣ୍ଣ ସହ ୧୦ଟି ପଦକ ବିଜୟୀ ହୋଇଛି। ଉଦ୍‌ଘାଟନୀ ଦିବସରେ ଅନ୍ୟମାନଙ୍କ ମଧ୍ୟରେ ନୟନ କିଶୋର ମହାନ୍ତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ ବେହେରା, ଓଡ଼ିଶା କୁସ୍ତି ସଂଘ ସମ୍ପାଦକ କିଶୋର ବେହେରା, ରାଜ୍ୟ ଜିମ୍ନାଷ୍ଟିକ ସଂଘ ସମ୍ପାଦକ ଅଶୋକ ସାହୁ, ଓଡ଼ିଶା ସାଇକ୍ଲିଷ୍ଟ ସଂଘ ସମ୍ପାଦକ ପ୍ରସନ୍ନ ରାଉତ, ଓଡ଼ିଶା ଅସିଚାଳନା ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, ସାଙ୍ଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏହି ପରିପ୍ରେକ୍ଷୀରେ କ୍ରୀଡ଼ା ସାମ୍ବାଦିକ ବିମଳ କୁମାର ରାଉଳ ଓ ଜାତୀୟ ଅସିଚାଳନା ସଂଘର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିବାରୁ ଦେବେନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୨୯ତମ ବାପୁନା କପ୍

# ଓଡ଼ିଶା ଚାମ୍ପିଅନ





କଟକ, ୮ ।୧୦(ସମିସ):

ବିଦର୍ଭ କ୍ରିକେଟ ଆସୋସିଏସନ ଦ୍ୱାରା ଆୟୋଜିତ ୨୯ତମ ବାପୁନା କପ୍‌ରେ ଓଡ଼ିଶା ୨୩ ବର୍ଷରୁ କମ୍ ଦଳ ଚାମ୍ପିଅନ ହୋଇଛି। ଦ୍ୱି-ଦିବସୀୟ ଫର୍ମାଟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟର ୪ଟି ଯାକ ଲିଗ୍ ମ୍ୟାଚ୍‌କୁ ଡ୍ର ରଖିବାରେ ଓଡ଼ିଶା ସଫଳ ହୋଇଥିଲା। ଏପରିକି ଦିନାସ୍ୱାଶ ଏକାଦଶ, ବାପୁନା ଏକାଦଶ ଏବଂ ମହାରାଷ୍ଟ୍ର ବିପକ୍ଷ ପ୍ରଥମ ତିନୋଟି ଯାକ ମ୍ୟାଚ୍‌ରେ ଓଡ଼ିଶା ଦଳକୁ ଇନିଂସ ଅଗ୍ରଣୀ ପଏଣ୍ଟ ମିଳିଥିଲା। କେରଳ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିବାବେଳେ କେରଳ ୪ ପଏଣ୍ଟ ଏବଂ ଓଡ଼ିଶା ୩ ପଏଣ୍ଟ ସଂଗ୍ରହ କରିଥିଲା। ତେବେ ପଏଣ୍ଟ ଭିତ୍ତିରେ ଓଡ଼ିଶାକୁ ଚାମ୍ପିଅନ ଘୋଷିତ କରାଯାଇଛି। ୩ଟି ମ୍ୟାଚ୍‌ରେ ୬ଟି ୱିକେଟ ଅକ୍ତିଆର କରିଥିବା ଓଡ଼ିଶାର ମହମ୍ମଦ ଡାନିସ୍ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବୋଲର ବିବେଚିତ ହୋଇଛନ୍ତି। ପୁରସ୍କାର ସ୍ୱରୂପ ଡାନିସଙ୍କୁ ୧୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ରାଶି ମିଳିଛି। ଚାମ୍ପିଅନ ଓଡ଼ିଶା ଦଳକୁ ଓସିଏ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

## ପରାଜୟରୁ ଓଡ଼ିଶାର ଅଭିଯାନ ଆରମ୍ଭ

**ଜାତୀୟ ସିନିଅର ମହିଳା ଟି-୨୦**

କଟକ, ୮ ।୧୦(ସମିସ): ବିସିସିଆଇ ଆନୁକୂଲ୍ୟରେ ଜାତୀୟ ସିନିଅର ମହିଳା ଟି-୨୦ ଟ୍ରଫି ବୁଧବାରଠାରୁ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା ପରାଜୟର ଅଭିଯାନ ଆରମ୍ଭ କରିଛି। ଗ୍ୱାଲିୟରର ଶ୍ରୀମନ୍ତ ମାଧବ ରାଓ ସିନ୍ଧିଆ କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଓଡ଼ିଶାକୁ ୫ ୱିକେଟରେ ହାଇଦ୍ରାବାଦ୍ ପରାସ୍ତ କରିଛି। ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓପନର ମାଧୁରୀ ମେହଟା (୩୨ ରନ) ଏବଂ ଅଧିନାୟିକା ସୁଶ୍ରୀ(୨୮ ରନ)ଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ଆଶାନୁରୂପ ପ୍ରଦର୍ଶନ କରି ପାରିନଥିଲେ। ହାଇଦରାବାଦର ସାକ୍ଷୀ ରାଓ, ମହେଶ କାବ୍ୟା, କେଶରୀ ଧ୍ରୀତ୍ୟ ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଜବାବରେ ୧୮.୩ ଓଭରରେ ୫ ୱିକେଟ ହରାଇ ହାଇଦରାବାଦ୍ ବିଜୟୀ ହୋଇଥିଲା। ଜି ତ୍ରୀଶା ୩୫ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଓଡ଼ିଶା ପକ୍ଷରୁ ସୁଶ୍ରୀଙ୍କୁ ୨ଟି ୱିକେଟ ମିଳିଥିଲା। ଗୁରୁବାର ହିମାଚଳପ୍ରଦେଶ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS